
ବର୍ଷ-୯
ସଂଖ୍ୟା-୧୭୨
ତା-୧୨ ଅଗଷ୍ଟ ୨୦୨୨
ଶୁକ୍ରବାର, ପୃଷ୍ଠା-୮ ,ମୂଲ୍ୟ-୨ଟଙ୍କା
RNI,Regd.No.ODIODI/2014/54949


ସୁର ରାଉତରାୟଙ୍କୁ ରାକ୍ଷୀ ବାନ୍ଧିଲେ ଅଭିନେତ୍ରୀ ରାଣୀ ପଣ୍ଡା

PRAJABARTA
# ପ୍ରଜାବାର୍ତ୍ତା
ଦୈନିକ ଓଡିଆ ଖବର କାଗଜ // Odia Daily News Paper

Vol-9
Issue-172
Date:12, August 2022
Friday, Page-8, Rs-2/-
POSTAL Regd.No.10120(K)/17/2018-21


ସେପ୍ଟେମ୍ବରରେ ହୋଇପାରେ ମୋଦୀ - ସରିଫ ଆଲୋଚନା

Odisha’s first and only one Tribal area’s Daily News Paper Published from Undeveloped & Backward K.B.K.Districts soil

ଓଡିଶାର ଅନୁନ୍ନତ ଓ ପଛୁଆ ଜିଲ୍ଲାର ପ୍ରଗତି ତଥା ଉନ୍ନତି ପଥେ କେବିକେ ଜିଲ୍ଲା ମାଟିର ପ୍ରଥମ ଓ ଏକ ମାତ୍ର ଦୈନିକ ଓଡିଆ ଖବର କାଗଜ ଆପଣଙ୍କ ସାଥିରେ...

# ୧୪ ତମ ଉପରାଷ୍ଟ୍ରପତି ଭାବେ
# ଶପଥ କଲେ ଜଗଦୀପ ଧନଖଡ଼



ନୂଆଦିଲ୍ଲୀ, ୧୧ ଅଗଷ୍ଟ : ରାଜ୍ୟସଭା ଅଧ୍ୟକ୍ଷ ତଥା ଦେଶର ଚତୁର୍ଦ୍ଦଶ ଉପରାଷ୍ଟ୍ରପତି ତଥା ରାଜ୍ୟସଭା ଅଧ୍ୟକ୍ଷ ଭାବେ ଶ୍ରୀ ଜଗଦୀପ ଧନଖଡ଼ ଶପଥ ଗ୍ରହଣ କରିଛନ୍ତି। ଜଣେ ସ୍ୱନାମଧନ୍ୟ ଆଇନଜ୍ଞ ଓ ପଶ୍ଚିମବଙ୍ଗର ପୂର୍ବତନ ରାଜ୍ୟପାଳ ଶ୍ରୀ ଧନଖଡ଼ଙ୍କୁ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ଭବନରେ ଅନୁଷ୍ଠିତ ଶପଥ ଗ୍ରହଣ ସମାରୋହରେ ଶପଥ ପାଠ କରାଇଥିଲେ । ଶପଥ ଗ୍ରହଣ କରିବା ପୂର୍ବରୁ ଶ୍ରୀ ଧନଖଡ଼ ଆଜି ସକାଳେ ରାଜଘାଟ ଯାଇ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । “ପୂଜ୍ୟ ବାପୁଙ୍କୁ ସମ୍ମାନ ପ୍ରଦର୍ଶନ କରି ନିଜକୁ ଅନୁପ୍ରାଣିତ ଓ ଉତ୍ସାହୀ ହୋଇ ରାଜଘାଟର ପୂଣ୍ୟ ପରିବେଶରେ ଭାରତର ସେବା ପାଇଁ ବ୍ରତୀ ହେବେ” ବୋଲି ଟ୍ୱିଟ୍ କରିଛନ୍ତି । ଶ୍ରୀ ଧନଖଡ଼ ତାଙ୍କର ପ୍ରାଥମିକ ଶିକ୍ଷା କିଥନା ଗ୍ରାମର ସରକାରୀ ପ୍ରାଥମିକ ବିଦ୍ୟାଳୟରୁ ଲାଭ କରିଥିଲେ । ତା’ପରେ ସେ ଗର୍ଧନାର ସରକାରୀ ମଧ୍ୟ ଇଂରାଜୀ ବିଦ୍ୟାଳୟ ଓ ଚିତୋରଗଡ଼ର ସୈନିକ ସ୍କୁଲରୁ ଶିକ୍ଷା ଲାଭ କରିଥିଲେ । ମହାବିଦ୍ୟାଳୟ ଶିକ୍ଷା ପାଇଁ ଶ୍ରୀ ଧନଖଡ଼ ମହାରାଜା କଲେଜରେ ଯୋଗଦେଇ ପଦାର୍ଥ ବିଜ୍ଞାନ ସମ୍ମାନ ସହ ବିଏସସି ଉତୀର୍ଣ୍ଣ ହେଲେ। ତା’ପରେ ସେ ରାଜସ୍ଥାନ ବିଶ୍ୱବିଦ୍ୟାଳୟରୁ ଆଇନରେ ସ୍ନାତକ ହେଲେ । ଶ୍ରୀ ଜଗଦୀପ ଧନଖଡ଼ ଜଣେ ଆଇନଜୀବୀ ଭାବେ ନିଜର ବୃତିଗତ ଜୀବନ ଆରମ୍ଭ କରିଥିଲେ । ତାଙ୍କ ବଂଶର ପ୍ରଥମ ବୃତିଧାରୀ ହେବା ସତ୍ତ୍ୱେ ସେ ଦେଶର ଜଣେ ବିଶିଷ୍ଟ ଆଇନ ବିଶାରଦ ଭାବେ ଖ୍ୟାତି ଅର୍ଜନ କରିଥିଲେ । ୧୯୯୦ ମସିହାରେ ସେ ରାଜସ୍ଥାନ ଉଚ୍ଚ ନ୍ୟାୟାଳୟ ପକ୍ଷରୁ ବରିଷ୍ଠ ଆଡଭୋକେଟ ମାନ୍ୟତା ପାଇଥିଲେ । ତା’ ପରଠାରୁ ଶ୍ରୀ ଜଗଦୀପ ଧନଖଡ଼ ସୁପ୍ରିମକୋର୍ଟରେ ପ୍ରାଥମିକ ଆଇନ ବ୍ୟବସାୟ କରୁଥିଲେ । ଇସ୍ପାତ, କୋଇଲା, ଖଣିଜ ଓ ଅନ୍ତର୍ଜାତୀୟ ବାଣିଜ୍ୟିକ ମଧ୍ୟସ୍ଥତା ଇତ୍ୟାଦି ତାଙ୍କର ପ୍ରମୁଖ କ୍ଷେତ୍ର ଥିଲା । ସେ ଦେଶର ବିଭିନ୍ନ ଉଚ୍ଚ ନ୍ୟାୟାଳୟରେ ନ୍ୟାୟିକ ସେବା କରିବା ସହ ଜୁଲାଇ ୩୦, ୨୦୧୯ରେ ପଶ୍ଚିମବଙ୍ଗର ରାଜ୍ୟପାଳ ଦାୟିତ୍ୱ ଗ୍ରହଣ କରିବା ପର୍ଯ୍ୟନ୍ତ ରାଜ୍ୟର ବରିଷ୍ଠତମ ଆଡଭୋକେଟ ଭାବେ କାର୍ଯ୍ୟ କରିଥିଲେ । ଆଇନ ବୃତ୍ତି କାଳରେ ଶ୍ରୀ ଧନଖଡ଼ ରାଜସ୍ଥାନ ହାଇକୋର୍ଟ ବାର ଆସୋସିଏସନ ଜୟପୁରର ସର୍ବକନିଷ୍ଠ ସଭାପତି ଭାବେ ୧୯୮୭ ମସିହାରେ ନିର୍ବାଚିତ ହୋଇଥିଲେ । ବର୍ଷକ ପରେ ସେ ୧୯୮୮ରେ ରାଜସ୍ଥାନ ବାର କାଉନସିଲର ଜଣେ ସଦସ୍ୟ ମଧ୍ୟ ହୋଇ ପାରିଥିଲେ । ଶ୍ରୀ ଜଗଦୀପ ଧନଖଡ଼ ୧୯୮୯ରେ ଝୁନଝୁନ ସଂସଦୀୟ କ୍ଷେତ୍ରରୁ ସଂସଦକୁ ନିର୍ବାଚିତ ହୋଇଥିଲେ । ପରେ ସେ ୧୯୯୦ ମସିହାରେ ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଭାବେ ମଧ୍ୟ କାର୍ଯ୍ୟ ନିର୍ବାହ କରିଥିଲେ । ୧୯୯୩ ମସିହାରେ ସେ ଆଜମେର ଜିଲ୍ଲା କିଶନଗଡ଼ ନିର୍ବାଚନ ମଣ୍ଡଳୀରୁ ରାଜସ୍ଥାନ ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ବିଧାୟକ ଭାବେ ଶ୍ରୀ ଧନଖଡ଼ ଲୋକସଭା ଓ ରାଜସ୍ଥାନ ବିଧାନସଭାର ଅନେକ ଗୁରୁତ୍ୱପୂର୍ଣ୍ଣ କମିଟିର ସଦସ୍ୟ ଭାବେ ଦାୟିତ୍ୱ ତୁଲାଇଥିଲେ । କେନ୍ଦ୍ରମନ୍ତ୍ରୀ ଭାବେ ସେ ସଂସଦୀୟ ପ୍ରତିନିଧି ଦଳର ଉପନେତା ଭାବେ ୟୁରୋପୀୟ ସଂସଦକୁ ଯାଇଥିଲେ । ଜୁଲାଇ ୨୦୧୯ରେ ଶ୍ରୀ ଧନଖଡ଼ ପଶ୍ଚିମବଙ୍ଗ ରାଜ୍ୟପାଳ ନିଯୁକ୍ତ ହୋଇଥିଲେ ।

## ପାଣି ଛାଡ଼ିଲା ହୀରାକୁଦ



ଭୁବନେଶ୍ୱର, ୧୧ ଅଗଷ୍ଟ : ଖୋଲିଲା ହୀରାକୁଦ ଜଳଭଣ୍ଡାରର ୫ଟି ଗେଟ୍। ଉପରମୁଣ୍ଡରେ ପ୍ରବଳ ବର୍ଷା। ପରେ ଜଳଭଣ୍ଡାରରେ ଜଳସ୍ତର ବୃଦ୍ଧି ପାଇବାରୁ ୫ଟି ଗେଟ୍ ଖୋଲାଯାଇଛି । ପରେ ପୁଣି ଆଉ ୫ଟି ଗେଟ୍ ଖୋଲିବାର ମଧ୍ୟ ଯୋଜନା ରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପିଛା ୨ ଲକ୍ଷ ୯୬ ହଜାର ୭ ଶତ ୪୩ କ୍ୟୁସେକ ପାଣି ପ୍ରବେଶ କରୁଥିବା ବେଳେ, ୧ ଲକ୍ଷ ୧୫ ହଜାର ୭୪୨ କ୍ୟୁସେକ ଜଳ ନିଷ୍କାସିତ ହେଉଛି। ଏବେ ଜଳଭଣ୍ଡାରେ ସର୍ବାଧିକ ଜଳଧାରଣ କ୍ଷମତା ୬୩୦ ଫୁଟ ଥିବା ବେଳେ, ବର୍ତ୍ତମାନ ଜଳସ୍ତର ୬୧୨ ଦଶମିକ ୬୨ ଫୁଟ ରହିଛି। ଗେଟ୍ ଖୋଲିବ ପୂର୍ବରୁ ସକାଳ ୯ଟା ୩୦ରୁ ସାଇରନ୍ ବଜାଇ ତଳମୁଣ୍ଡ ଲୋକଙ୍କୁ ସତର୍କ କରାଯାଇଥିଲା। ହୀରାକୁଦ ଜଳଭଣ୍ଡାର ମୁଖ୍ୟଯନ୍ତ୍ରୀ ଅନନ୍ଦ ସାହୁ କହିଛନ୍ତି, ମହାନଦୀ ଉପମୁଣ୍ଡରେ ବର୍ଷାର ପରିମାଣ ବଢ଼ିଥିବାରୁ ସରାଡିହରେ ସକାଳ ୬ଟା ସୁଦ୍ଧା ୪ଲକ୍ଷ କ୍ୟୁସେକ୍ ଜଳ ଜଳଭଣ୍ଡାର ମଧ୍ୟକୁ ଆସିଛି। ତାକୁ ଦୃଷ୍ଟିରେ ରଖି ଆଜିଠାରୁ ହୀରାକୁଦ ଜଳଭଣ୍ଡାରର ଗେଟ୍ ଖୋଲିବା ଆରମ୍ଭ କରିବୁ। ଆଜି ପ୍ରଥମ ପର୍ଯ୍ୟାୟରେ ୫ଟି ଗେଟ୍ ଖୋଲିବୁ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୫ଟି ଗେଟ୍ ଖୋଲିବୁ। ମୋଟ ଉପରେ ୧୦ ଟି ଗେଟ୍ ହୀରାକୁଦ ଜଳଭଣ୍ଡାରରୁ ଖୋଲାଯିବ। ପରେ ଜଳସ୍ତର ଦେଖି ହୀରାକୁଦ ଜଳଭଣ୍ଡାରରେ ଗେଟ୍‌ଗୁଡ଼ିକ ଖୋଲାଯିବ।

## ରାଜ୍ୟପାଳଙ୍କୁ ରାକ୍ଷୀ ବାନ୍ଧିଲେ ବ୍ରହ୍ମକୁମାରୀ ଗୀତା

ଭୁବନେଶ୍ୱର, ୧୧ ଅଗଷ୍ଟ – ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ମୁଖ୍ୟ ସେବାକେନ୍ଦ୍ରର ସଂଚାଳିକା ବ୍ରହ୍ମାକୁମାରୀ ଗୀତା ଭଉଣୀ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଙ୍କୁ ରାଜଭବନରେ ରାକ୍ଷୀ ବାନ୍ଧିଥିଲେ। ତାଙ୍କ ସାଙ୍ଗରେ ଉପସ୍ଥିତ ଥିଲେ ବ୍ରହ୍ମାକୁମାରୀ ତ୍ରିପୁରା, ବ୍ରହ୍ମାକୁମାରୀ ସ୍ମିତିଲାନା, ବ୍ରହ୍ମାକୁମାର ନିର୍ମଳ ଓ ବ୍ରହ୍ମାକୁମାର ଅରୁଣ । ଏତଦ୍‌ବ୍ୟତୀତ ମୁଖ୍ୟ ସେବାକେନ୍ଦ୍ରରେ ୫୦୦ ରୁ ଉର୍ଦ୍ଧ୍ୱ ଭାଇ ଭଉଣୀମାନଙ୍କୁ ରାକ୍ଷୀ ବନ୍ଧାଯାଇଥିଲା।

## ମାଗଣାରେ ଜାତୀୟ ପତାକା ବାଂଟିବେ ମିଶନ ଶକ୍ତି ଗୋଷ୍ଠୀ



ଭୁବନେଶ୍ୱର, ୧୧ ଅଗଷ୍ଟ – ସ୍ୱାଧୀନତା ର ୭୫ତମ ପୂର୍ତ୍ତି ଉତ୍ସବ ଅବସରରେ ଓଡିଶା ବାସୀଙ୍କୁ ମାଗଣାରେ ଜାତୀୟ ପତାକା ଯୋଗାଇ ଦେବାକୁ ରାଜ୍ୟ ସରକାର ନିଷ୍ପତି ଗ୍ରହଣ କରିଛନ୍ତି । ରାଜ୍ୟର ମିଶନ ଶକ୍ତିର ମା ମାନଙ୍କୁ ଜାତୀୟ ପତାକା ତିଆରି ଓ ବଂଟନ ଦାୟିତ୍ୱ ଦିଆଯାଇଛି । ସୂଚନା ଯୋଗ୍ୟ ଯେ ମିଶନ ଶକ୍ତିର ମା ମାନେ ତିରିଶ ଲକ୍ଷ ତ୍ରିରଙ୍ଗା ପ୍ରସ୍ତୁତ କରିଛନ୍ତି ଏବଂ ଏଥିପାଇଁ ରାଜ୍ୟ ସରକାର ସେମାନଙ୍କୁ ଅନୁଦାନ ଯୋଗାଇ ଦେଇଛନ୍ତି । ସାରା ଦେଶ ଚଳିତ ବର୍ଷ ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ କରୁଛି । ଏଥିପାଇଁ ଦେଶ ବାସୀଙ୍କ ମଧ୍ୟରେ ବିପୁଳ ଉତ୍ସାହ ଦେଖା ଦେଇଛି । ସରକାରୀ ଓ ବେସରକାରୀ ସ୍ତରରେ ଏଥିପାଇଁ ବ୍ୟାପକ ପ୍ରସ୍ତୁତି ଚାଲିଛି ।

## ଶ୍ରୀଅଲାରନାଥ ମନ୍ଦିର ପାଇଁ ମାଷ୍ଟର ପ୍ଲାନ
### ପରିଦର୍ଶନ କଲେ ୫ଟି ସଚିବ ଭି.କେ. ପାଣ୍ଡିଆନ



ପୁରୀ, ୧୧ ଅଗଷ୍ଟ : ପୁରୀ ଜିଲ୍ଲା ବ୍ରହ୍ମଗିରି ସ୍ଥିତ ଶ୍ରୀଅଲାରନାଥ ମନ୍ଦିରର ଉନ୍ନତିକରଣ ଓ ରୂପାନ୍ତରିତ ପାଇଁ ଆଜି ୫ଟି ସଚିବ ଭି.କେ. ପାଣ୍ଡିଆନ ମନ୍ଦିର ପରିଦର୍ଶନ କରିଛନ୍ତି। ସେବାୟତ ଓ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଅଣସର ସମୟରେ ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ଦର୍ଶନ ନପାଇ ବ୍ୟଥିତ ଭକ୍ତ ଶ୍ରୀଅଲାରନାଥଙ୍କୁ ଚତୁର୍ଦ୍ଧାମୂର୍ତ୍ତି ନାରାୟଣ ଭାବେ ଦର୍ଶନ କରି ପୂଣ୍ୟଲାଭ କରିଥାନ୍ତି। ସେହି ପୀଠକୁ ଉନ୍ନତିକରଣ, ଭକ୍ତଙ୍କ ସୁବିଧା ଓ ଆନୁସଙ୍ଗିକ କାର୍ଯ୍ୟ ସମ୍ପର୍କରେ ସେବାୟତଙ୍କ ସହ ଶ୍ରୀ ପାଣ୍ଡିଆନ ଆଲୋଚନା କରିଥିଲେ। ରାମାନୁଚାର୍ଯ୍ୟ ଓ ଶ୍ରୀଚୈତନ୍ୟ ଏହି ପୀଠରେ ପ୍ରଭୁଙ୍କୁ ଦର୍ଶନ କରିଥିଲେ। ପୀଠର ଉନ୍ନତିପାଇଁ ମାଷ୍ଟରପ୍ଲାନ ପ୍ରସ୍ତୁତ କରାଯିବ। ମାଷ୍ଟରପ୍ଲାନ ପ୍ରସ୍ତୁତ ପରେ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ପାଇଁ ପଠାଯିବ। ପରେ ଏହି ପୀଠର ସର୍ବାଙ୍ଗିନ ଉନ୍ନତି ପାଇଁ ବ୍ୟବସ୍ଥା କରାଯିବ। ସଚିବଙ୍କ ସହିତ ଜିଲ୍ଲାପାଳ ସମର୍ଥ ବର୍ମା, ଜିଲ୍ଲାପରିଷଦ ସଭ୍ୟ କୈଳାଶ ପରିଡ଼ା, ବ୍ଲକ ବିଜେଡ଼ି ସଭାପତି ବିଦ୍ୟାଧର ସ୍ୱାଇଁ, ଯୁବନେତା ଯୁଧିଷ୍ଠୀର ନାୟକ, ସମାଜସେବୀ ଉମାଶଙ୍କର ପାତ୍ର, ଯୁବନେତା ଅଜୟ ବେହେରା, ଛାତ୍ର ଯୁବସଭାପତି ଦିପୁ ରଞ୍ଜନ ନାୟକ, ସେବାୟତ ଓ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ଥିଲେ।

## ୧୩ରେ ଲଘୁଚାପ , ବଢ଼ିବ ବର୍ଷା

ଭୁବନେଶ୍ୱର, ୧୧ ଅଗଷ୍ଟ – ଲଘୁଚାପ ପ୍ରଭାବରେ ସମଗ୍ର ରାଜ୍ୟରେ ବର୍ଷା ଜାରି ରହିଛି। ଅନ୍ୟପକ୍ଷରେ ଅଗଷ୍ଟ ୧୩ ତାରିଖରେ ଉତର ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ପରବର୍ତ୍ତୀ ୨୪ ଘଂଟା ମଧ୍ୟରେ ଏହା ଅଧିକ ଚିହ୍ନିତ ହେବାର ସମ୍ଭାବନା ଅଛି । ଏହି ଲଘୁଚାପ ପ୍ରଭାବରେ ରାଜ୍ୟରେ ଆଗାମୀ ୫ ଦିନ ପର୍ଯ୍ୟନ୍ତ ପ୍ରବଳ ବର୍ଷା ହେବ ବୋଲି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାସ ସୂଚନା ଦେଇଛନ୍ତି, ‘ଲଘୁଚାପ ପ୍ରଭାବରେ ରାଜ୍ୟରେ ଏବେ ବର୍ଷା ଲାଗି ରହିଛି। ୧୩ରେ ଆଉ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଆଜି ଓ କାଲି ପ୍ରବଳ ବର୍ଷା ହୋଇପାରେ। ୧୩, ୧୪ରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ୧୪ରେ ବର୍ଷାର ପରିମାଣ ସର୍ବାଧିକ ରହିବ। ସମସ୍ତ ୩୦ ଜିଲ୍ଲାରେ ବର୍ଷିବ। ୧୫ ତାରିଖରେ ବର୍ଷାର ପରିମାଣ ସାମାନ୍ୟ କମିବ। ୧୩ ଏବଂ ୧୪ ତାରିଖରେ ରାଜ୍ୟରେ ବିସ୍ତୃତି ବର୍ଷା ସହ କିଛି ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ଏଥିଯୋଗୁଁ ପାହାଡିଆ ଅଂଚଳରେ ଭୂସ୍ଖଳନ , ଅକସ୍ମାତ ବନ୍ୟା, ତଳୁଆ ଅଂଚଳରେ ପାଣି ଜମିବା ସହ ଜଳବନ୍ଦୀ ସମସ୍ୟା ଉପୁଜିପାରେ। ସେହିପରି ୧୩ ରୁ ୧୫ ଅଗଷ୍ଟ ଯାଏଁ ବର୍ଷା ସହ ଘଂଟା ପ୍ରତି ୪୫ ରୁ ୫୫ କିମି ସର୍ବାଧିକ ୬୫ କିମି ବେଗରେ ପବନ ବହିପାରେ। ସମୁଦ୍ର ଅଶାନ୍ତ ରହୁଥିବାରୁ ୧୩ ରୁ ୧୫ ଯାଏଁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମଧ୍ୟକୁ ନଯିବାକୁ ପରାମର୍ଶ ଦିଆଯାଇଛି। ଗତକାଲି ଛତିଶଗଡ଼ର ଅନେକ ଅଂଚଳରେ ପ୍ରବଳ ବର୍ଷା ହୋଇଛି। ଉପର ମୁଣ୍ଡରେ ବର୍ଷା ହୋଇଛି, ତଳ ମୁଣ୍ଡରେ ବି ବର୍ଷା ହେଉଛି। ଉପର ଏବଂ ତଳ ମୁଣ୍ଡରେ ବର୍ଷା ବନ୍ୟା ଆଶଙ୍କାକୁ ଦୃଢ଼ୀଭୂତ କରୁଛି। ଲଗାଣ ବର୍ଷା ଯୋଗୁ ଅନେକ ଅଂଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ସମ୍ଭାବନା ରହିଛି ବୋଲି ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାସ ସୂଚନା ଦେଇଛନ୍ତି। ପାଣିପାଗ କେନ୍ଦ୍ର ପକ୍ଷରୁ ଜାରୀ ସତର୍କ ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ସୁନ୍ଦରଗଡ଼, ଝାରସୁଗୁଡା, ସମ୍ବଲପୁର, ବରଗଡ଼, ଦେବଗଡ, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଏହି ସମସ୍ତ ଜିଲ୍ଲାଗୁଡ଼ିକ ପାଇଁ ୟେଲୋୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ସେହିପରି ୧୨ରୁ ୧୩ ତାରିଖ ମଧ୍ୟରେ ପୁରୀ, ଜଗତସିଂହପୁର, କେନ୍ଦ୍ରାପଡା, ଅନୁଗୁଳ,କଟକ, ଖୋର୍ଦ୍ଧା, ଢେଙ୍କାନାଳ, ସମ୍ବଲପୁର ଓ ବରଗଡ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏହି ଜିଲ୍ଲାଗୁଡିକୁ ମଧ୍ୟ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ।

# ଖୁବଶୀଘ୍ର ପିଏମ ଆବାସ ଯୋଜନାରେ ଓଡ଼ିଶାର ଯୋଗ୍ୟ ହିତାଧିକାରୀଙ୍କୁ ଘର ମିଳିବ



ନୂଆଦିଲ୍ଲୀ/ଭୁବନେଶ୍ୱର, ୧୧ ଅଗଷ୍ଟ – ଖୁବ ଶୀଘ୍ର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଓଡ଼ିଶାର ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରିବା ପାଇଁ ବାଟ ଫିଟିଛି ବୋଲି ଗୁରୁବାର ନୂଆଦିଲ୍ଲୀ ଠାରେ କେନ୍ଦ୍ର ଓ ରାଜ୍ୟର ବିଭାଗୀୟ ମନ୍ତ୍ରୀଙ୍କ ସହ ଏ ସମ୍ପର୍କୀତ ଏକ ବୈଠକରେ ଯୋଗ ଦେବା ପରେ ସୂଚନା ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏହି ବୈଠକରେ କେନ୍ଦ୍ର ଗ୍ରାମୀଣ ବିକାଶ ଓ ପଂଚାୟତିରାଜ ମନ୍ତ୍ରୀ ଗିରିରାଜ ସିଂହ, ଓଡ଼ିଶା ସରକାରଙ୍କ ପଂଚାୟତିରାଜ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଏବଂ ବିଭାଗୀୟ ମନ୍ତ୍ରଣାଳୟର କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ବୈଠକ ପରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଓଡ଼ିଶାରେ କ୍ରିୟାନ୍ୱୟନ ହେଉଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନା କିପରି ଭାବରେ ଯୋଗ୍ୟ ହିତାଧିକାରୀଙ୍କ ପାଖରେ ପହଂଚିପାରିବ ସେ ଦିଗରେ ଆଲୋଚନା ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାର ସବୁ ଗରିବଙ୍କ ମୁଣ୍ଡ ଉପରେ ସମ୍ମାନର ସହ ପକ୍କା ଘର ପ୍ରଦାନ କରିବାର ଲକ୍ଷ୍ୟ ରଖିଛନ୍ତି । ୨୦୨୨-୨୩ ଆର୍ଥିକ ବର୍ଷରେ ଭାରତ ସରକାର ପିଏମ୍ ଗ୍ରାମୀଣ ଓ ସହରୀ ଆବାସ ଯୋଜନା ପାଇଁ ୪୮ ହଜାର କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି । ସେଥିମଧ୍ୟରୁ ଓଡ଼ିଶାର ଭାଗ ରହିଛି ପ୍ରାୟ ୭ ହଜାର କୋଟି ଟଙ୍କା । ଏଥିପାଇଁ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । ସେ କହିଛନ୍ତି ପିଏମ ଆବାସ ଯୋଜନା ପୋର୍ଟାଲରେ ଯୋଗ୍ୟ ହିତାଧିକାରୀଙ୍କ ପାଇଁ ପ୍ରାୟ ୮ ଲକ୍ଷ ଘର ଯୋଡ଼ାଯିବ । ଏହା ବ୍ୟତିତ ଫନୀରେ କ୍ଷତିଗ୍ରସ୍ତ ଅଞ୍ଚଳ ପାଇଁ ଲକ୍ଷାଧିକ ଘର ପ୍ରଦାନ କରାଯିବ। ଆଗାମୀ ଦିନରେ ଓଡ଼ିଶାରେ ପ୍ରାୟ ୧୦ ଲକ୍ଷ ଘର ନିର୍ମାଣ କରାଯିବାର ଯୋଜନା ରହିଛି। ୨୦୧୮ରେ ଆବାସ ପ୍ଲସ ପୋର୍ଟାଲ ଖୋଲାଯାଇଥିବା ବେଳେ ରାଜ୍ୟ ସରକାର ଯୋଗ୍ୟ ହିତାଧିକାରୀଙ୍କ ସଠିକ୍ ତାଲିକା ପ୍ରଦାନ କରିପାରିନଥିଲେ । ପରବର୍ତୀ ସମୟରେ ଓଡ଼ିଶାରେ ଫୋନୀ ବାତ୍ୟା ଯୋଗୁଁ ବ୍ୟାପକ କ୍ଷୟକ୍ଷତି ହୋଇଥିଲା । ତା’ ପରେ ମଧ ରାଜ୍ୟ ସରକାରଙ୍କୁ ଦିଆଯାଇଥିବା ତାଲିକାରେ ତ୍ରୁଟି ଦେଖାଯିବା ସହ ଘର ନିର୍ମାଣରେ ଅନିୟମିତତା ଅଭିଯୋଗ ଆସିଥିଲା । ଭାରତ ସରକାର ମଧ ଏ ଦିଗରେ ରାଜ୍ୟ ସରକାରଙ୍କୁ ପ୍ରଶ୍ନ କରିଥିଲେ । ଆଜି ଏ ସବୁ ବିଷୟକୁ ନେଇ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଛି । ଭାରତ ସରକାର ଟଙ୍କା ପଠାଉଥିଲେ ମଧ ପିଏମ ଘର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରୁନାହିଁ । ଆବାସ ପ୍ଲସ ପୋର୍ଟାଲରେ ଓଡ଼ିଶା ସରକାରଙ୍କ ବିଭାଗୀୟ ମନ୍ତ୍ରୀ ପ୍ରଦୀପ ଅମାତଙ୍କ ନିଜସ୍ୱ ଜିଲ୍ଲାରେ କୌଣସି ଗୃହ ଆବଣ୍ଟନ କରାଯାଇନାହିଁ । ପିଏମ ଆବାସ ଯୋଜନା ଅନ୍ତର୍ଗତ ନାମାଙ୍କନ ପ୍ରକ୍ରିୟା ଠାରୁ ଆରମ୍ଭ କରି ଯୋଗ୍ୟ ହିତାଧିକାରୀ ଚୟନ, ଅନ୍ୟାନ୍ୟ ଅନୁଷଙ୍ଗିକ ପ୍ରକ୍ରିୟା ତଥା ସ୍ୱଚ୍ଛ ଓ ପାରଦର୍ଶୀ ଉପାୟରେ ଏହି ଯୋଜନାର କ୍ରିୟାନ୍ୱୟନ ସହ ଅଧା ନିର୍ମାଣ ହୋଇ ପଡ଼ି ରହିଥିବା ଘରକୁ ଶୀଘ୍ର ସମ୍ପୂର୍ଣ୍ଣ କରିବା ଦିଗରେ ଅନୁଷ୍ଠିତ ବୈଠକ ଫଳପ୍ରଦ ହୋଇଛି । ଅପରପକ୍ଷରେ ବିଭାଗୀୟ କେନ୍ଦ୍ରମନ୍ତ୍ରୀ ଶ୍ରୀ ସିଂହ ରାଜ୍ୟ ସରକାରଙ୍କୁ ସ୍ୱଚ୍ଛତାର ସହ ହିତାଧିକାରୀ ଚୟନ କରିବା, ଆବାସ ପ୍ଲସ ପୋର୍ଟାଲରେ ସଠିକ୍ ତଥ୍ୟ ପ୍ରଦାନ କରିବା, ଯୋଜନାର ତଦାରଖ ଏବଂ ଅନିୟମିତତାରେ ସମ୍ପୃକ୍ତ ଥିବା ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କେବଳ ଭାରତ ସରକାରଙ୍କ ଲୋଗୋ ଲଗାଇବା ପାଇଁ ପରାମର୍ଶ ଦେଇଛନ୍ତି । ଉଲ୍ଲେଖନୀୟ ଯେ, ଗତ ୫ ତାରିଖରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଆବାସ ପ୍ଲସ ୱିଣ୍ଡୋ ଖୋଲାଯାଇ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରିବା ପାଇଁ ଓଡ଼ିଶାକୁ ସୁଯୋଗ ଦେବାକୁ ମନ୍ତ୍ରୀ ଗିରିରାଜ ସିଂହଙ୍କୁ ଭେଟି ଏ ସମ୍ପର୍କିତ ଏକ ଚିଠି ପ୍ରଦାନ କରିବା ସହ ଅନୁରୋଧ କରିଥିଲେ ।

# ସୁକାନ୍ତ ଦାସଜୀ ମହାରାଜଙ୍କ ସ୍ୱନକ୍ଷତ୍ର ଉତ୍ସବ ଓ ଭକ୍ତି ଦର୍ପଣ ଉନ୍ମୋଚନ

ନିଶ୍ଚିନ୍ତକୋଇଲି, (ନି.ପ୍ର.) : ନିଶ୍ଚିନ୍ତକୋଇଲି ବ୍ଲକ ଖଣ୍ଡସାହିସ୍ଥିତ ବାସୁଦେବ ଆଶ୍ରମର ମୁଖ୍ୟ ବିଶିଷ୍ଟ ମାଳିକା ବିଶାରଦ ତତ୍ତ୍ୱଦର୍ଶୀ ସ୍ୱାମୀ



ଗୁରୁପାଦ ବ୍ରହ୍ମ ଅବଧୂତ ଶ୍ରୀ ଶ୍ରୀ ସୁକାନ୍ତ ଦାସ ମହାରାଜଙ୍କ ସ୍ୱନକ୍ଷତ୍ର ଉତ୍ସବ ଶୁକ୍ରବାର ଦିନ ପାଳିତ ହୋଇଛି । ଏହି ଅବସରରେ ପ୍ରତ୍ୟୁଷରୁ ପଞ୍ଚସଖା ସତ୍ୟପ୍ରତିଷ୍ଠା, ରାସସେବା , ସ୍ୱଧର୍ମ ମହାସଭା ଓଡିଶା ପକ୍ଷରୁ ବିଭିନ୍ନ ଆଧାତ୍ମିକ କାର୍ଯ୍ୟକ୍ରମ, ଆତ୍ମଜ୍ଞାନ ତତ୍ତ୍ୱ ଭଜନ ପ୍ରତିଯୋଗିତା, ରାଜ୍ୟ ସ୍ତରୀୟ ପାଲା ପରିବେଷଣ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଅଛି । ଏହାଛଡା ସ୍ୱାମୀଜୀଙ୍କ ଦ୍ୱାରା ଲିଖିତ ଏକ ଆଧାତ୍ମିକ ପୁସ୍ତକ 'ଭକ୍ତି ଦର୍ପଣ'ର ଶୁଭ ଉନ୍ମୋଚନ ହୋଇଅଛି । ବିଶିଷ୍ଟ ପରିବେଶବିତ୍ ତଥା ଜନମଙ୍ଗଳର ସଭାପତି ପ୍ରମୋଦ କୁମାର ଦାସଙ୍କ ପୌରୋହିତ୍ୟରେ ଏହି କାର୍ଯ୍ୟକ୍ରମକୁ ଜଗତଗୁରୁ ଶ୍ରୀ ଶ୍ରୀ ସ୍ୱାମୀ ଅରୂପାନନ୍ଦଜୀ ମହାରାଜ, ରାମାନନ୍ଦାଚାର୍ଯ୍ୟ ଉତ୍କଳପୀଠାଧିଶ୍ୱର ଶ୍ରୀ ସ୍ୱାମୀ ଅରୂପାନନ୍ଦଜୀ ମହାରାଜ ଉଦ୍‌ଘାଟନ କରିଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ ବିଶ୍ୱଭାରତୀ ଶାନ୍ତି ନିକେତନର ପ୍ରାକ୍ତନ ପ୍ରାଧ୍ୟାପକ ବୈଷ୍ଣବ ଚରଣ ସାମଲ ଯୋଗଦେଇ ସଂପ୍ରତି ଦିଗ୍‌ଭ୍ରାନ୍ତ ପ୍ରତିଟି ମଣିଷର ଅର୍ନ୍ତଚେତନାକୁ ଜାଗ୍ରତ କରାଇବା ଓ ସନାତନ ଧର୍ମକୁ ସଠିକ୍ ମାର୍ଗ ଦର୍ଶନ ଦେବା ପାଇଁ ଆଧାତ୍ମିକ କାର୍ଯ୍ୟକ୍ରମ ଜରୁରୀ ହୋଇପଡିଛି ବୋଲି ମତବ୍ୟକ୍ତ କରିଥିଲେ । ଏଥିରେ ମୁଖ୍ୟବକ୍ତା ଭାବେ ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ସାହିତ୍ୟିକ ସଦାଶିବ ଦାସ ଯୋଗଦେଇ ପଞ୍ଚସଖା ସାହିତ୍ୟର ସୁବିସ୍ତୃତ ସାରସ୍ୱତ ଦିଗନ୍ତରେ ଭକ୍ତି ଦର୍ପଣ ଏକ ନୂତନତ୍ୱ ସୃଷ୍ଟି କରିପାରିବ ବୋଲି ପ୍ରକାଶ କରିଥିଲେ । ସମ୍ମାନିତ ଅତିଥି ଭାବେ ଉତ୍କଳ ଗ୍ରାମ ସ୍ୱରାଜର ପ୍ରତିଷ୍ଠାତା ସଭାପତି କଳିଙ୍ଗରତ୍ନ ବ୍ରହ୍ମାନନ୍ଦ ମହାନ୍ତି, ଓଡିଶା ରାଜ୍ୟରାଜଭାଷା ବିକାଶ ପରିଷଦର ଅଧ୍ୟକ୍ଷ ଡ. ନାରାୟଣ ମୁଦୁଲି, ଲବ୍ଧ ପ୍ରତିଷ୍ଠିତ ସୁଲେଖିକା ଶ୍ରୀମତୀ କଲ୍ୟାଣୀ ନାୟକ ପ୍ରମୁଖ ଯୋଗଦେଇ ସମାଜରେ ଆଧାତ୍ମିକ ଚେତନାର ଆବଶ୍ୟକ ସଂପର୍କରେ ଆଲୋଚନା କରିଥିଲେ । ପ୍ରାରମ୍ଭରେ ଶ୍ରୀମାନ୍ ଜଗନ୍ନାଥ ପ୍ରସାଦ ଦାଶ ସଂକୀର୍ତ୍ତନ ସହ ବେଦପାଠ କରିଥିଲେ । କାର୍ଯ୍ୟକ୍ରମରେ ଅବଧୂତ ନିତ୍ୟାନନ୍ଦ ମହାରାଜ, ଶରତ ଚନ୍ଦ୍ର ରାଉଳ, ହେମନ୍ତ ନାୟକ, ହରେକୃଷ୍ଣ ବେହେରା, କାଳନ୍ଦୀ ସ୍ୱାଇଁ, ଅନିରୁଦ୍ଧ ଓଝା, ବିଷ୍ଣୁ ଗିରୀ, ନୃସିଂହ ବିଶ୍ୱାଳ, ଅଜୟ ଦାସ, ରବିନ୍ଦ୍ର ନାୟକ, ପ୍ରଭାକର ପ୍ରଧାନ, ଗୋପାଳ ଚନ୍ଦ୍ରଭୂୟାଁ, ନାରାୟଣ ଓଝା, ଫକୀର ଚରଣ ନାୟକ, ମନୋଜ ଆଚାର୍ଯ୍ୟ, ବିବେକାନନ୍ଦ ଆଚାର୍ଯ୍ୟ, ସତ୍ରବ୍ରତ ପୁହାଣ, ବିବେକାନନ୍ଦ ଦାସ, ସୁକୁମାର ବିଶ୍ୱାଳ, ସଚ୍ଚିଦାନନ୍ଦ ମିଶ୍ର, ପ୍ରଭାବତୀ ଭୂୟାଁ ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ସିଲ୍ଡ ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଥିଲା । ଶେଷରେ ଅଧ୍ୟାପକ ବିନୟ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଶ୍ୱ ସ୍ତନ୍ୟପାନ ଦିବସ ପାଳିତ

## ମା' କ୍ଷୀରର ନାହିଁ ବିକଳ୍ପ : କର୍ପୋରେଟର ବିଶ୍ୱବନ୍ଦିତା




କଟକ (ନି.ପ୍ର.) : କଟକ ବିଦ୍ୟାଧରପୁର ଉଚ୍ଚ ବାଳିକା ବିଦ୍ୟାଳୟ ପରିସରରେ ସ୍ୱେଚ୍ଛାସେବୀ ସଙ୍ଗଠନ ଉଥନ ପକ୍ଷରୁ ବିଶ୍ୱ ସ୍ତନ୍ୟ ପାନ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାଳୟ ପରିସରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଡକ୍ଟର ନିରଞ୍ଜନ ଦାସଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ୫୫ନଂ ୱାର୍ଡର କର୍ପୋରେଟର ବିଶ୍ୱବନ୍ଦିତା ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରତ୍ୟେକ ଶିଶୁ ପାଇଁ ମା'ର କ୍ଷୀର ହେଉଛି ଅମୃତ ତୁଲ୍ୟ । ମା' କ୍ଷୀର ଖାଲି ଏକ ଖାଦ୍ୟ ନୁହେଁ, ଏହା ଶିଶୁକୁ ଶକ୍ତି ଓ ସାମର୍ଥ୍ୟ ଯୋଗାଇଥାଏ । ତେଣୁ ମା କ୍ଷୀରର କୌଣସି ବିକଳ୍ପ ନାହିଁ ବୋଲି କର୍ପୋରେଟର ଶ୍ରୀମତୀ ପଣ୍ଡା କହିଥିଲେ । ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ସାହୁ, ଟାଙ୍ଗୀ ବି ଇ ଓ ସରୋଜିନୀ ସାହୁ, ବିଦ୍ୟାଧରପୁର ସହରାଞ୍ଚଳ ସ୍ୱାସ୍ଥ୍ୟ କେନ୍ଦ୍ରର ଏନ୍. ଏମ୍.ପ୍ରିୟମ୍ବଦା ମହାନ୍ତି ପ୍ରମୁଖ ଯୋଗ ଦେଇ ପ୍ରତ୍ୟେକ ମା ମାନେ ନିଜ ନିଜର ଶିଶୁ ମାନଙ୍କୁ ସ୍ତନ୍ୟପାନ କରାଇଲେ ଉଭୟ ମା ଏବଂ ଶିଶୁଙ୍କ ପାଇଁ ଉପକାରୀ ହୋଇଥାଏ । ଶିଶୁ ମାନଙ୍କର ବୌଦ୍ଧିକ ତଥା ଶାରୀରିକ ବିକାଶ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ସହ ମା ମାନଙ୍କର ଆଣ୍ଠୁ ଗଣ୍ଠି ବାତ ସମସ୍ୟା ଏବଂ ହୃଦ୍ ରୋଗ ସମସ୍ୟା ସ୍ତନ କର୍କଟ, ଗର୍ଭାଶୟ କର୍କଟ ଆଦି ରୋଗରୁ ରକ୍ଷା ମିଳିଥାଏ । ସୁସ୍ଥ ଏବଂ ସମୃଦ୍ଧ ସମାଜ ଗଠନରେ ମା ମାନଙ୍କର ଭୂମିକା ସମ୍ବନ୍ଧରେ ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଥିଲା । ସ୍ୱେଚ୍ଛାସେବୀ ସଂଗଠନ ସମ୍ପାଦକ ଶ୍ରୀମତୀ ଏନ୍ ସ୍ୱାତୀ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହିତ ଧନ୍ୟବାଦ୍ ଅର୍ପଣ କରିଥିଲେ । ଏଥିରେ ଅଙ୍ଗନୱାଡି କର୍ମୀ, ଆଶା କର୍ମୀଙ୍କ ସମେତ ବହୁ ମା' ମାନେ ଉପସ୍ଥିତ ଥିଲେ ।

# ମୁଖପତ୍ର ଆରୋହୀ ଉନ୍ମୋଚିତ

କେନ୍ଦ୍ରାପଡ଼ (ନି.ପ୍ର.) : କେନ୍ଦ୍ରାପଡା ସାଇକେଲ କ୍ଲବର ମୁଖପତ୍ର 'ଆରୋହୀ' ର ଉନ୍ମୋଚନ ଉତ୍ସବ ସ୍ଥାନୀୟ ଏକ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି । ରବିବାର ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୌର ଅଧ୍ୟକ୍ଷା ସରିତା ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ 'ଆରୋହୀ' ଉନ୍ମୋଚନ କରିବା ସହିତ କେନ୍ଦ୍ରାପଡା ସାଇକେଲ କ୍ଲବର ଉଦ୍ୟମକୁ ପ୍ରସଂସା କରିଥିଲେ । ଏହି କାର୍ଯ୍ୟକ୍ରମରେ ଡେରାବିଶ କଲେଜର ରାଜନୀତି ବିଜ୍ଞାନର ଅଧ୍ୟାପକ ବୃନ୍ଦାବନ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ନାଗରିକ ମଂଚର ସାଧାରଣ ସଂପାଦକ ସୌମ୍ୟ ରଞ୍ଜନ ବିଶ୍ୱାଳ, ମୁଖ୍ୟ ଚିକିତ୍ସାଳୟର ବରିଷ୍ଠ ଶଲ୍ୟ ଚିକିତ୍ସକ ଡାକ୍ତର ବୀରେନ୍ଦ୍ର କୁମାର ଦାଶ ଏହି ଉତ୍ସବରେ ଅଧ୍ୟକ୍ଷତା କରିଥିଲେ । ପୋଲିସ ଅଧିକାରୀ ରାଜୀବ ଲୋଚନ ପଣ୍ଡା ଅନ୍ୟତମ ଅତିଥିଭାବେ ଯୋଗଦେଇଥିବା ବେଳେ କ୍ଲବର ଆବାହକ ସାମ୍ବାଦିକ ମାତୃଦତ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିବା ସହ ସୂଚନା ଦେଇଥିଲେ ।

# କ୍ଲବ ସଭାପତିଙ୍କ ସ୍ମୃତି ଚାରଣ

ନିଶ୍ଚିନ୍ତକୋଇଲି, (ନି.ପ୍ର.) : ଜିଗ୍ନିପୁର ପଂଚାୟତ ମହାଜନପୁର ଗ୍ରାମରେ ଥିବା ଜନପ୍ରିୟ କ୍ଲବର ସଭାପତି ଶକ୍ତିପ୍ରସାଦ ରାଉତ(ହାପି) ୨୯ ବର୍ଷଙ୍କ ଅକାଳ ବିୟୋଗରେ ଏକ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଛି ।



ଏକାଦଶାହ ଦିବସ ଅବସରରେ କ୍ଲବ ପରିସରରେ ରଶ୍ମିରଂଜନ ରାଉତଙ୍କ ପୌରୋହିତ୍ୟରେ କ୍ଲବର ସମସ୍ତ ସଭ୍ୟସଭ୍ୟା ଓ ଗ୍ରାମବାସୀମାନେ ଆତ୍ମାର ସଦ୍‌ଗତି ପାଇଁ ଏକ ମହମବତୀ ଶୋଭାଯାତ୍ରା କରିଥିଲେ । ସ୍ମୃତି ଚାରଣ ସଭାରେ ଗିରୀଶ ପ୍ରସାଦ ପଣ୍ଡା, ଜ୍ୟୋତି ରଂଜନ ନାୟକ, ଅରୁଣ କୁମାର ମହାରଣା, ପ୍ରଭାତ କୁମାର ସାହୁ, ପ୍ରଶାନ୍ତ ମହାରଣା, ଚିତ୍ତରଂଜନ ରାଉତ, ଭବାନୀ ଶଙ୍କର ସାହୁ, ପ୍ରମୋଦ ରାଉତ, ଭାନୁପ୍ରସାଦ ଲେଙ୍କା, ଶାରଦା ପ୍ରସାଦ ରାଉତ, ରାଜକିଶୋର ମହାରଣା, ସିପୁନ ବେହେରା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ରାଉତଙ୍କର ସାହସିକତା କାର୍ଯ୍ୟ ଓ ତଙ୍କ ସୁଗୁଣବଳୀ ସଂକ୍ରାନ୍ତରେ ସ୍ମୃତି ଚାରଣ କରିଥିଲେ । ଉପଦେଷ୍ଟା ପ୍ରଦ୍ୟୁମ୍ନ କୁମାର ରାଉତ କୃତଜ୍ଞତା ଜ୍ଞାପନ କରିଥିଲେ ।

# କେନ୍ଦ୍ରାପଡ଼ା ମହାବିଦ୍ୟାଳୟର 'ଏ' ଗ୍ରେଡ ନାକ୍ ମାନ୍ୟତା

## ବଜାୟ ରଖିବାକୁ ଉପଯୁକ୍ତ ପ୍ରସ୍ତୁତି ଜରୁରୀ

କେନ୍ଦ୍ରାପଡ଼ା, ନି.ପ୍ର.) : କେନ୍ଦ୍ରାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟକୁ ନାକ୍(ନ୍ୟାସନାଲ ଆସେସମେଣ୍ଟ ଓ ଆକ୍ରିଡିଟେସନ କାଉନସିଲ)ର 'ଏ' ଗ୍ରେଡ ମାନ୍ୟତା ବଜାୟ ରଖିବା ପାଇଁ ହେଲେ ଯୋରଦାର ପ୍ରସ୍ତୁତି ଏବେଠୁଁ ଆରମ୍ଭ କରାଯିବାର ଆବଶ୍ୟକତା ରହିଛି । କଲେଜର 'ଏ' ଗ୍ରେଡ ନାକ୍ ମାନ୍ୟତା ବଜାୟ ରଖିବା ପାଇଁ ହେଲେ ମହାବିଦ୍ୟାଳୟକୁ ମୁଖ୍ୟତଃ ୱାଇ ଫାଇ କ୍ୟାମ୍ପସରେ ପରିଣତ କରିବାକୁ ପଡିବ । ଏଥିସହିତ ମହାବିଦ୍ୟାଳୟର କ୍ଲାସରୁମ ଗୁଡିକୁ ସ୍ମାର୍ଟ କ୍ଲାସରୁମରେ ପରିଣତ କରିବାକୁ ପଡିବ । କଲେଜରେ ଜିଓ ଟ୍ୟାଗ ଥିବା ସମ୍ମିଳନୀ କକ୍ଷ ପ୍ରସ୍ତୁତ କରାଯିବା ସହ ସ୍ୱତନ୍ତ୍ର କମ୍ପ୍ୟୁଟର ସେଲ କରିବାକୁ ପଡିବ । ସେହିପରି ବାୟୋ ଗ୍ୟାସ ପ୍ଲାଣ୍ଟ , ଇ-ୱେଷ୍ଟ ମ୍ୟାନେଜମେଣ୍ଟ କରାଯିବା ସହ ମହାବିଦ୍ୟାଳୟର ପଦାର୍ଥବିଜ୍ଞାନ, ରସାୟନ ବିଜ୍ଞାନ, ପ୍ରାଣୀ ବିଜ୍ଞାନ ଓ ଉଦ୍ଭିଦ ବିଜ୍ଞାନ ବିଭାଗରେ ଥିବା ଲାବୋରୋଟୋରୀକୁ ଉନ୍ନତ ମାନର କରାଯିବା ସହିତ ଗବେଷଣା କାର୍ଯ୍ୟକ୍ରମକୁ ମଧ୍ୟ ବୃଦ୍ଧି କରାଯିବା ଆବଶ୍ୟକ । ଏଥିସହିତ ବର୍ଷା ଜଳ ଅମଳ ବ୍ୟବସ୍ଥା କରାଯିବା, ସୌର ପ୍ଲାଣ୍ଟ କରାଯିବା, ମହାବିଦ୍ୟାଳୟରେ ବ୍ୟାଟେରୀ ଚାଳିତ ତିନିଚକିଆ ଗାଡି ଚାଲିବା ପାଇଁ କଲେଜ କ୍ୟାମ୍ପସକୁ ପ୍ରସ୍ତୁତ କରିବାକୁ ପଡିବ । ଏହାବ୍ୟତିତ କଲେଜରେ ବାଳକ କମନରୁମ, ପିଲାମାନଙ୍କ ପାଇଁ କ୍ୟାଣ୍ଟିନ, ଷ୍ଟାଫ କମନରୁମ ସହିତ କଲେଜ ପରିସରରେ ଥିବା ରାସ୍ତାର ଉନ୍ନତିକରଣ କରାଯିବା ଏବଂ କଲେଜର ପ୍ରତ୍ୟେକ ବିଭାଗରେ ଆବଶ୍ୟକ ତଥା ମଞ୍ଜୁରିପ୍ରାପ୍ତ ଅଧ୍ୟାପକଙ୍କ ପଦବୀ ଗୁଡିକୁ ପୁରୁଣ କରାଯାଇପାରିଲେ ମହାବିଦ୍ୟାଳୟର ନାକ୍ 'ଏ' ଗ୍ରେଡ ବଜାୟ ରଖାଯାଇ ପାରିବ ବୋଲି କଲେଜ ଅଧ୍ୟକ୍ଷ ପ୍ରଫେସର ଗୋପାଳ ଚନ୍ଦ୍ର ବେହେରା କହିଛନ୍ତି । ଶ୍ରୀ ବେହେରା କହିଛନ୍ତି ଯେ ଏବେ ମହାବିଦ୍ୟାଳୟରେ ଶିକ୍ଷାଦାନ ଉପରେ ସେ ବିଶେଷ ଭାବେ ଧ୍ୟାନ ଦେଉଛନ୍ତି । ସେ ନିଜେ ମଧ୍ୟ କ୍ଲାସ ନେଉଛନ୍ତି । ଏଥିସହ ଅନ୍ୟ କ୍ଲାସ ଗୁଡିକ ହେଉଛି କି ନାହିଁ ସେ ପ୍ରତି ପିରିୟଡରେ ବୁଲି ଦେଖୁଛନ୍ତି । ଅନୁରୂପ ଭାବେ ମହାବିଦ୍ୟାଳୟର 'ଏ' ଗ୍ରେଡ ନାକ୍ ମାନ୍ୟତା ବଜାୟ ରଖରବା ପାଇଁ ପ୍ରସ୍ତୁତି ଯୋରଦାର ଆରମ୍ଭ କରାଯାଇଥିବା ସେ ସୂଚନା ଦେଇଛନ୍ତି । କେନ୍ଦ୍ରାପଡା ବିଧାୟକ ଶଶି ଭୂଷଣ ବେହେରାଙ୍କ ପରାମର୍ଶ କ୍ରମେ ସେ ଆବଶ୍ୟକ ପଦକ୍ଷେପ ନେଉଥିବା ମଧ୍ୟ କହିଛନ୍ତି । ଏଠାରେ ସୂଚନା ଯୋଗ୍ୟ ଯେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ସମଗ୍ର ରାଜ୍ୟରେ ଏକ ବୃହତ ବେସରକାରୀ ମହାବିଦ୍ୟାଳୟ । ଏହି ମହାବିଦ୍ୟାଳୟରୁ ପାଠ ପଢି ବହୁ ଛାତ୍ରଛାତ୍ରୀ ଦେଶ ବିଦେଶରେ ସୁନାମ ଆଣିଦେଇଛନ୍ତି । ତେଣୁ କେବଳ ରାଜ୍ୟ ସ୍ତରରେ ନୁହେଁ ଜାତୀୟ ସ୍ତରରେ ମଧ୍ୟ କେନ୍ଦ୍ରାପଡ଼ା ମହାବିଦ୍ୟାଳୟର ସୁନାମ ରହିଛି । ଏହି ମହାବିଦ୍ୟଳୟରେ ପିଜି ପାଠ୍ୟକ୍ରମ ମଧ୍ୟ ରହିଛି । ପୂର୍ବରୁ ଦୁଇ ଦୁଇ ଥର ନାକ୍ 'ଏ' ଗ୍ରେଡ ମାନ୍ୟତା ପାଇଥିବା ଏହି ମହାବିଦ୍ୟାଳୟ ଚଳିତଥର ଉପରୋକ୍ତ ଆବଶ୍ୟକତା ଅନୁଯାୟୀ ପଦକ୍ଷେପ ଗ୍ରହଣ ନକଲେ ନାକ୍‌ର 'ଏ' ଗ୍ରେଡ ବଜାୟ ରଖିବା ହୁଏତ ସମ୍ଭବ ହୋଇନପାରେ । ତେଣୁ କଲେଜ ପରିଚାଳନା ପରିଷଦ ଏବଂ କେନ୍ଦ୍ରାପଡା ବିଧାୟକ ଏଥିପ୍ରତି ଆବଶ୍ୟକ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି । ୟୁଜିସି ଟିମ ୨୦୨୧



ଡିସେମ୍ବରରେ କେନ୍ଦ୍ରାପଡ଼ା ମହାବିଦ୍ୟାଳୟକୁ ଗସ୍ତରେ ଆସିଥିଲେ । ସେମାନେ ମହାବିଦ୍ୟାଳୟର ଶୈକ୍ଷିକ ପରିବେଶ ଓ ଅନ୍ୟାନ୍ୟ ଭିତିଭୂମି ଦେଖି ଫେରିଯାଇଛନ୍ତି । ଏଥିସହ କ୍ୟାମ୍ପସକୁ କିଭଳି ଭାବେ ଉନ୍ନତ କରାଯାଇ ପାରିବ ତାହାର ଏକ ରୋଡମ୍ୟାପ ମଧ୍ୟ କଲେଜକୁ ପ୍ରଦାନ କରିଛନ୍ତି । ସେହି ରୋଡମ୍ୟାପ ଅନୁଯାୟୀ ଆବଶ୍ୟକ ଯୋଜନା ପ୍ରସ୍ତୁତ କରି ପଦକ୍ଷେପ ଗ୍ରହଣ କରାନଗଲେ ରାଜ୍ୟର ସର୍ବପୁରାତନ କେନ୍ଦ୍ରାପଡା ମହାବିଦ୍ୟାଳୟ ଯେ ତା'ର ନାକ୍ 'ଏ' ଗ୍ରେଡ ମାନ୍ୟତା ନହରାଇବ ତାହା କହି ହେବ ନାହିଁ । ଏଥିନିମନ୍ତେ ଯଥାଶୀଘ୍ର ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବାକୁ କଲେଜର ପୁରାତନ ଛାତ୍ର ସଂସଦର ବହୁ ଛାତ୍ରଛାତ୍ରୀ ଓ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି ।

# ଶିକ୍ଷକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

ନିଶ୍ଚିନ୍ତକୋଇଲି, (ନି.ପ୍ର.) : ତରତସ୍ଥିତ ହରଚଣ୍ଡୀ ଉପ୍ରା ମଇ ବିଦ୍ୟାଳୟର ବରିଷ୍ଠ ସହକାରୀ ଶିକ୍ଷକ ପ୍ରମିଳା ବାରିକଙ୍କୁ ଅବସର କାଳିନ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ଦାସଙ୍କ ପୌରୋହିତ୍ୟରେ ଏହି ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ସହକାରୀ ମଣ୍ଡଳ ଶିକ୍ଷାଅଧିକାରୀ ଲକ୍ଷ୍ମଣ କୁମାର ଲେଙ୍କା, ସମ୍ମାନୀତ ଅତିଥି



ଭାବେ ସିଆରସିସି ହରେକ୍ୟଷ୍ଣ ନାୟକ, ସରପଞ୍ଚଙ୍କ ପ୍ରତିନିଧି ପ୍ରମୋଦ କୁମାର ପରିଡା, ସମିତିସଭ୍ୟା ଟିକି ପଣ୍ଡା, ପରିଚାଳନା କମିଟି ସଭାପତି ଭାଗିରଥି ଦାସ, ଶିକ୍ଷାବିତ୍ ଭବାନୀ ପ୍ରସାଦ ମିଶ୍ର, ଶିକ୍ଷକ ଅନନ୍ତ କୁମାର ପଣ୍ଡା, ଶିକ୍ଷୟତ୍ରୀ ପ୍ରଭାସିନୀ ପଣ୍ଡା, ମମତା ଦେବୀ, ରୋଜି ପ୍ରିୟଦର୍ଶୀନ ବେହେରା, ବିଶ୍ୱଜିତ୍ ସେଠୀ, ପ୍ରାକ୍ତନ ସିଆରସିସି ଧରଣୀଧର ବେହେରା, ବରେନ୍ଦ୍ରନାଥ ସାହୁ, ନିମାଇଁ ଚରଣ ସ୍ୱାଇଁ ପ୍ରମୁଖ ଯୋଗଦେଇ ଅବସର ଶିକ୍ଷୟିତ୍ରୀଙ୍କ କର୍ମମୟ ଜୀବନର ଉତ୍ତମ ଗୁଣାବଳୀ ସଂକ୍ରାନ୍ତରେ ଆଲୋଚନା କରି ଅବସର ଜୀବନ ସୁଖ ଶାନ୍ତିରେ ବିତାଇବା ପାଇଁ କାମନା କରିଥିଲେ । ପରିଚାଳନା କମିଟିର ସଭ୍ୟସଭ୍ୟା ଛାତ୍ର ଛାତ୍ରୀ ଓ ବହୁ ଅଭିଭାବକ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।

# ଛାତ୍ରୀଙ୍କୁ ଅସଦାଚାରଣ କରିଥିବା ଶିକ୍ଷକ ଗଲେ ଜେଲ

କେନ୍ଦ୍ରାପଡ଼ା, (ନି.ପ୍ର.) : କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ବ୍ଲକ ଅନ୍ତର୍ଗତ ବିଜୟନଗର ହାଇସ୍କୁଲ ରେ ଛାତ୍ରୀଙ୍କୁ ଅସାଦାଚାରଣ କରିଥିବା ବହୁ ଚର୍ଚ୍ଚିତ ଶିକ୍ଷକ ଜେଲ ଯାଇଥିବା ଜଣାପଡିଛି । ଅଭିଯୁକ୍ତ ଶିକ୍ଷକ ବିଶ୍ୱମ୍ଭର ପରିଡା ଙ୍କ ନାମରେ ମହାକାଳପଡା ପୋଲିସ ୧୩୬/୨୨ରେ ଏକ ଛାତ୍ରୀଙ୍କୁ ଅସାଦାଚାରଣ ମାମଲା ରୁଜୁକରି ତାଙ୍କୁ ରବିବାର କୋର୍ଟ ଚାଲାଣ କରିଥିବା ଜଣାପଡିଛି । ଏହି ମାମଲାର ବିଚାର କରି ସ୍ୱତନ୍ତ୍ର ପୋକ୍ସୋ କୋର୍ଟର ମାନ୍ୟବର ବିଚାରପତି ପ୍ରଣତୀ ପଟ୍ଟନାୟକ ତାଙ୍କ ଜାମିନ ଆବେଦନକୁ ୧୬ ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରଖି ତାଙ୍କୁ ଜେଲ ପଠାଇଥିବା ଜଣାପଡିଛି ।

# କଟକ ଭାଇଚାରାକୁ ବଜାୟ ରଖିବ 'କଟକି ଖଟି'



କଟକ, (ନି.ପ୍ର.) : ହଜାର ବର୍ଷର ପୁରାତନ ଐତିହାସିକ କଟକ ସହରର ଭାଇଚାରା ସମଗ୍ର ରାଜ୍ୟରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟି ଯାଇଛି । ଏହି ଭାଇଚାରାକୁ ଅକ୍ଷୁର୍ଣ୍ଣ ରଖିବା ସହ ସାମଜିକ କ୍ଷେତ୍ରରେ ସଚେତନତାଠାରୁ ଆରମ୍ଭ କରି ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ କରିବା ଉଦ୍ଦେଶ୍ୟରେ କଟକରେ ରହୁଥିବା ବହୁ ବୁଦ୍ଧିଜିବୀ, ରାଜନୈତିକ ବ୍ୟକ୍ତି ବିଶେଷ, ବ୍ୟବସାୟୀ ଓ ସମାଜସେବୀଙ୍କୁ ନେଇ ମଙ୍ଗଳାବାଗସ୍ଥିତ ମୋହନ ମଣ୍ଡପଠାରେ କଟକି ଖଟି ନାମରେ ସଂଘଠନ ଗଢ଼ାଯାଇଛି । ଏହି ସଂଘଠନର ମୁଖ୍ୟ ଆଭିମୂଖ୍ୟ ହେଉଛି ଯେ, ଅବହେଳିତ ଅବସ୍ଥାରେ ଥିବା ଜନସାଧାରଣମାନଙ୍କୁ ମୌଳିକ ସୁବିଧା ଯୋଗାଇଦେବା ସହ କଟକ ସହରର ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟକ୍ରମ ଦିଗରେ ସଂଘ ସଦାସର୍ବଦା ନିୟୋଜିତ ରହିବ ବୋଲି ସର୍ବସମ୍ମତିକ୍ରମେ ନିଷ୍ପତି ହୋଇଛି । ଏହି ଅବସରରେ ସମସ୍ତଙ୍କ ଉପସ୍ଥିତରେ କଟକ ଖଟି ସଂଘଠନର ମୁଖ୍ୟ ଉପଦେଷ୍ଟାଭାବେ ଶିବେନ୍ଦ୍ର ହାତୀ, ତ୍ରିଲୋଚନ ପଣ୍ଡା, ପ୍ରଫୁଲ ବେହେରା, ନଗେନ ମହାରଣା, ସଭାପତି ଭାବେ ପବିତ୍ର ଭୂୟାଁ, ଉପସଭାପତି ରାଜେନ୍ଦ୍ର ରଣା, ବିଶ୍ୱନାଥ ମହାରଣା, ସାଧାରଣ ସମ୍ପାଦକ ତାପସ ମହାନ୍ତି, ଯୁଗ୍ମ ସମ୍ପାଦକ ବିଷ୍ଣୁ ସାହୁ, ସହ-ସମ୍ପାଦକ ଦିଲିପ ଜେନା, କୋଷାଧକ୍ଷ ସୁକାନ୍ତ ସାହୁ, ଆଇନଗତ ପରାମର୍ଶ ଦାତା ଦିଲ୍ଲିପ ମହାନ୍ତି ଏବଂ ୨୧ ଜଣିଆ କାର୍ଯ୍ୟ ନିର୍ବାହୀ ସଦସ୍ୟ ମନୋନୀତ କରାଯାଇଛି । ଅନ୍ୟମାନଙ୍କ ମଧ୍ୟରେ ମହମଦ ଫରିଦ, ରଂଜିତ କୁମାର ରାଉତ, ଧିରେନ ମହାନ୍ତି, ଅମରେନ୍ଦ୍ର ରାଉତ, ସୁବ୍ରତ ସାହୁ, ବିଶ୍ୱଜିତ ମହାନ୍ତି, ନବଦୀପ ପ୍ରଧାନ, ଅଶୋକ ବେହେରା, ବିନୟ କେତନ ଚୌଧୁରୀ, ଶଚି ମିଶ୍ର, ପୂର୍ଣ୍ଣେନ୍ଦୁ ଜେନା, ଶୁଭେନ୍ଦୁ ସେନଗୁପ୍ତା, ଦେବଦତ ପଣ୍ଡା, ବିଭୁତି ସ୍ୱାଇଁ, ନିହାର ମହାରଣା ପ୍ରମୁଖ ଉପସ୍ଥିତ ଥିବା ବେଳେ ପରବର୍ତୀ ପର୍ଯ୍ୟାୟରେ କଟକି ଖଟି ସଂଘଠନର ଏକ ପୂର୍ଣ୍ଣାଙ୍ଗ କମିଟି ଘୋଷଣା କରାଯିବ ବୋଲି ସଂଘଠନ ନବ ନିର୍ବାଚିତ ସଭାପତି ଶ୍ରୀ ଭୂୟାଁ କହିଛନ୍ତି । କାର୍ଯ୍ୟକ୍ରମ ଶେଷରେ ସହ-ସଂଘଠନ ସମ୍ପାଦକ ମନୋରଂଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଶ୍ରୀ ବଳଦେବଜୀଉ ପାଇଁ ପୁରୀରୁ ଆସିଲା ପାଟରାକ୍ଷୀ

କେନ୍ଦ୍ରାପଡ଼ା, ନି.ପ୍ର.) : କେନ୍ଦ୍ରାପଡାର ଆରାଧ୍ୟ ଦେବତା ଶ୍ରୀ ବଳଦେବଜୀଉ ଏବଂ ଶ୍ରୀ ଜଗନ୍ନାଥଙ୍କ ପାଇଁ ଶ୍ରୀକ୍ଷେତ୍ରରୁ ଭଉଣୀ ସୁଭଦ୍ରା ପଠାଇଥିବା ପାଟରାକ୍ଷୀ ରବିବାର କେନ୍ଦ୍ରାପଡାରେ ଆସି ପହଁଚିଥିବା ଜଣାପଡିଛି । ଆଗାମୀ ରାକ୍ଷୀ ପୂର୍ଣ୍ଣିମା ତିଥିରେ ଶ୍ରୀ ବଳଦେବଜୀଉ ଏବଂ ଶ୍ରୀ ଜଗନ୍ନାଥଙ୍କୁ ଏହି ପାଟରାକ୍ଷୀ ସମର୍ପଣ କରାଯିବ । ଶ୍ରୀକ୍ଷେତ୍ର ପୁରୀର ଶ୍ରୀଜଗନ୍ନାଥ ପାଟରାକ୍ଷୀ ପରିଷଦ ପକ୍ଷରୁ ସୁଭଦ୍ରାଙ୍କ ବାଡଗ୍ରାହୀ ରାମଚନ୍ଦ୍ର ଦାସ ମହାପାତ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ରାକ୍ଷୀ ନେଇ କେନ୍ଦ୍ରାପଡାରେ ପହଁଚିବା ପରେ ତିନିମୁହାଣୀ ଶ୍ରୀରାମ ମନ୍ଦିର ପରିସରରେ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇ ଥିଲା । ଅପରାହ୍ନ ୩ଟାରେ ଏକ ବିଶାଳ ଶୋଭାଯାତ୍ରାରେ ପାଟରାକ୍ଷୀକୁ ସହର ପରିକ୍ରମା କରାଯାଇ ଶ୍ରୀବଳଦେବଜୀଉଙ୍କ ମନ୍ଦିର କାର୍ଯ୍ୟାଳୟକୁ ଅଣାଯାଇ ଥିଲା ।

# ପୁରୀଘାଟ ଓ ରାମଦାସପୁରରେ ଖୋଲିଲା

## ରୁଚି-ଫ୍ରୋଜିଟ୍‌ର ନୂତନ ଆଉଟ୍‌ଲେଟ୍

କଟକ, (ନି.ପ୍ର.) : କଟକ ପୁରୀଘାଟ ଓ ରାମଦାସପୁରରେ ପୂର୍ବ ଭାରତର ଅଗ୍ରଣୀ ଖାଦ୍ୟ ପ୍ରସ୍ତୁତକାରୀ ଉଦ୍ୟୋଗ ତଥା ଓଡ଼ିଶାର ୧ନଂ ମସଲା ଉଦ୍ୟୋଗ ରୁଚି ଦ୍ୱାରା ପରିଚାଳିତ ଫ୍ରୋଜିଟ୍‌ର ଦୁଇଟି ନୂଆ ଫୁଡ୍ ଆଉଟ୍‌ଲେଟ୍‌ର ଶୁଭଘାଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ନୂଆ ଫୁଡ୍ ଆଉଟ୍‌ଲେଟ୍ ଦ୍ୱୟକୁ ଉଦ୍‌ଘାଟନ କରିଥିଲେ ଓଲିଉଡ୍‌ର ଯୁବପିଢୀର ଚର୍ଚ୍ଚିତ ନାୟୀକା ଭୂମିକା । ସମ୍ମାନନୀୟ ଅତିଥି ଭାବେ ଯୋଗଦେଇଥିଲେ ରୁଚି ଫୁଡ଼ଲାଇନ୍‌ର ପରିଚାଳନା ନିର୍ଦ୍ଦେଶକ ଡ଼ ଶରତ କୁମାର ସାହୁ, ନିର୍ଦ୍ଦେଶିକା ସଙ୍ଗୀତା ସାହୁ, ନିର୍ଦ୍ଦେଶକ ଅରବିନ୍ଦ ସାହୁ, ନିର୍ଦ୍ଦେଶିକା ରଶ୍ମି ସାହୁ ଓ ସଲିନା ସାହୁ । ଓଡ଼ିଶାର ପ୍ରଥମ ଫ୍ରୋଜ୍‌ନ ଫୁଡ୍ ଉଦ୍ୟୋଗ ଫ୍ରୋଜିଟ୍‌ର ଏହା ୧୧ତମ ଏବଂ ୧୨ତମ ଆଉଟ୍‌ଲେଟ୍ । ଫ୍ରୋଜିଟ୍ ଦୀର୍ଘ ୧୦ବର୍ଷ ଧରି ଓଡ଼ିଶାର ଖାଉଟିମାନଙ୍କୁ ଫ୍ରୋଜନ୍-ରେଡ଼ି-ଟୁ-ଇଟ୍, ରେଡ଼ି-ଟୁ-କୁକ୍, ବେକରୀ, ପ୍ରିମିୟମ୍ ଓ ସ୍ୱାସ୍ଥ୍ୟପଯୋଗୀ ଖାଦ୍ୟ ତଥା ମୃଦୁ ପାନୀୟ ଯୋଗାଇ ଆସିବା ସହ ଓଡ଼ିଶାର ପାରମ୍ପରିକ ଖାଦ୍ୟ ପୋଡ଼ପିଠା ଓ ଖୀରୀ ଆଦିକୁ ସ୍ୱତନ୍ତ୍ର ଶୈଳୀରେ ପରିବେଷଣ କରିପାରୁଛି ବୋଲି ପ୍ରକାଶ କରିଥିଲେ ରୁଚି ଫୁଡ୍‌ଲାଇନ୍‌ର ନିର୍ଦ୍ଦେଶିକା ତଥା ଫ୍ରୋଜିଟ୍‌ର ପ୍ରତିଷ୍ଠାତ୍ରୀ ଶ୍ରୀମତୀ ସାହୁ ।


ପୁରୀଘାଟ ଆଉଟ୍‌ଲେଟ୍‌ଟିକୁ ଯୁବ ବ୍ୟବସାୟୀ ବିଶ୍ୱରଂଜନ ଘଡ଼ାଇ ଫ୍ରାଂଚାଇଜ୍ ଭାବେ ନେଇଥିବାବେଳେ



ରାମଦାସପୁର ଆଉଟ୍‌ଲେଟ୍‌କୁ ଅଭିନାଶ ପ୍ରସାଦ ଫ୍ରାଂଚାଇଜ୍ ଭାବେ ନେଇଛନ୍ତି । ଉଭୟ ଆଉଟ୍‌ଲେଟ୍‌ରେ ସ୍ପ୍ରିଂଗ୍ ରୋଲ୍, ପାସ୍ତା, ମଟନ-ଘିଅ ରୋଷ୍ଟ, ଚିକେନ୍ ଲଲିପପ୍, ବିରିୟାନୀ, ଲଚ୍ଛା ପରଟା, ସାଣ୍ଡୱିଚ୍, ପେଟିସ୍, କେକ୍, କୁକିଜ୍ ଆଦି ବିଭିନ୍ନ ଯୁବପୀଢୀଙ୍କ ପସନ୍ଦର ଗୁଣାତ୍ମକ ଖାଦ୍ୟ ବିକ୍ରୟ ପାଇଁ ରହିଥିବାବେଳେ ରୁଚି ଓ ଫ୍ରୋଜିଟ୍ ଦ୍ୱାରା ପ୍ରସ୍ତୁତ ଅନେକ ଖାଦ୍ୟ ଦ୍ରବ୍ୟ ମଧ୍ୟ ଉପଲବ୍ଧ । ସେହିପରି ଫାର୍ମବି ଦ୍ୱାରା ପ୍ରସ୍ତୁତ ଓଟସ୍, ଚକୋଚିପସ୍, ମ୍ୟୁସେଲି, କର୍ଣ୍ଣଫ୍ଲେକ୍ସ ଦ୍ରବ୍ୟ ମଧ୍ୟ ଆଦି ଏହିପରି ଉପଲବ୍ଧ । ଉଦ୍‌ଘାଟନୀ ଅଫର ଭାବେ ୬ରୁ ୧୮ ତାରିଖ ପର୍ଯ୍ୟନ୍ତ ସମସ୍ତ ଦ୍ରବ୍ୟ ଉପରେ ୨୦% ରିହାତି ପ୍ରଦାନ କିରାଯିବ ବୋଲି ଆଉଟ୍‌ଲେଟ୍ ମୁଖ୍ୟ ଅଭିନାଶ ସିଂହ ପ୍ରକାଶ ପରିଛନ୍ତି ।

ଆଜିର ଏହି ଆଉଟ୍‌ଲେଟ୍ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଫ୍ରୋଜିଟ ପକ୍ଷରୁ ଶିକ୍ସା ଦାସ, ଆଦ୍ୟାଶା ପଟ୍ଟନାୟକ, ଶ୍ରୀକାନ୍ତ ମହାପାତ୍ର, ଦେବସ୍ମିତା ମିଶ୍ର, ସାଗନିକା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିବାବେଳେ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ହ୍ୱାଇଟ୍ କାନଭାସ୍‌ର ସମସ୍ତ କର୍ମକର୍ତାମାନେ ସହଯୋଗ କରିଥିଲେ ।

# ସୁନ୍ଦରଗଡ଼ ଜିଲ୍ଲାରେ ୨୮୭ଟି ସ୍କୁଲର ଛାତ୍ରଛାତ୍ରୀଙ୍କୁ ଏକକାଳୀନ ଯୋଡ଼ିପାରୁଛି 'ଭର୍ଚୁଆଲ କ୍ଲାସ'






ସୁନ୍ଦରଗଡ଼,୧୧/୮ (ନି.ପ୍ର): ଜଣେ ଶିକ୍ଷକ ଗୋଟିଏ ଶ୍ରେଣୀଗୃହରେ ରହି ହୁଏତ ୨୫ରୁ ୩୦ ଜଣ ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ାଇଥାନ୍ତି । କିନ୍ତୁ ବୈଷୟିକ ଜ୍ଞାନକୌଶଳ ବ୍ୟବହାର କରି ଯେତେବେଳେ ସେହି ଶିକ୍ଷକଙ୍କୁ ଶତାଧିକ ସ୍କୁଲରେ ଥିବା ଛାତ୍ରଛାତ୍ରୀଙ୍କ ସହ ସିଧାସଳଖ ଯୋଡ଼ି ଦିଆଯାଏ ସେ ଏକ ସମୟରେ ୫ ରୁ ୧୦ ହଜାର ଛାତ୍ର ଛାତ୍ରୀଙ୍କୁ ମଧ ପଢ଼ାଇ ପାରନ୍ତି । ସୁନ୍ଦରଗଡ଼ ଜିଲ୍ଲା ପ୍ରଶାସନ ଚଲାଇଥିବା 'ଭର୍ଚୁଆଲ କ୍ଲାସ' ଏହାର ଏକ ଉଦାହରଣ। ୨୦୧୯ରେ ସୁନ୍ଦରଗଡ଼ ଜିଲ୍ଲା ପ୍ରଶାସନ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ପାଣ୍ଠିର ବିନିଯୋଗ କରି ଏହି 'ଭର୍ଚୁଆଲ କ୍ଲାସ' କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଏହା ଅଧୀନରେ ଭି-ସାଟ୍ ଲିଙ୍କ୍ ମାଧ୍ୟମରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଥିବା ୭୦ଟି ସ୍କୁଲକୁ ଯୋଡ଼ା ଯାଇଥିଲା । ଆଜି ସେହି ସଂଖ୍ୟା ୨୮୭ଟି ସ୍କୁଲର ୫୭୨ଟି କ୍ଲାସରୁମକୁ ସଂପ୍ରସାରିତ ହୋଇପାରିଛି । ଏହା ଫଳରେ ୪୦ ହଜାରରୁ ଅଧିକ ଛାତ୍ରଛାତ୍ରୀ ବିଶେଷ ଉପକୃତ ହେଉଛନ୍ତି। 'ଭର୍ଚୁଆଲ କ୍ଲାସ' ମାଧ୍ୟମରେ ଅଭିଜ୍ଞ ଶିକ୍ଷକ ଶିକ୍ଷୟିତ୍ରୀମାନେ ଷ୍ଟୁଡିଓରେ ଥାଇ ଆମକୁ ଭଲଭାବେ ପାଠ ବୁଝାଉଛନ୍ତି । ସେମାନେ ବିଭିନ୍ନ ଚିତ୍ର ଏବଂ ଭିଡିଓ ଦେଖାଇ ପାଠ ପଢ଼ାଉଥିବାରୁ ଅଧିକ ଆଗ୍ରହ ଲାଗୁଛି। ପାଠକୁ ନେଇ ଆମ ମନରେ ଯାହା ପ୍ରଶ୍ନ ରହୁଛି ଆମେ ସେଠି ସିଧାସଳଖ ତାଙ୍କୁ ପଚାରି ତା'ର ଉତ୍ତର ପାଇପାରୁଛୁ", କହନ୍ତି ସବଡେଗା ବ୍ଲକର ଛତାସର୍ଗି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ମୋନାଲିସା ବାଗ୍। 'ଛାତ୍ରଛାତ୍ରୀମାନଙ୍କ ସୁବିଧା ପାଇଁ ଏବେ ବିଜ୍ଞାନ, ଗଣିତ ଏବଂ ଭୂଗୋଳ ଆଦି ବିଷୟକୁ ପାୱାରପଏଣ୍ଟ ବ୍ୟବହାର କରି ପଢ଼ା ଯାଉଛି। ଏହି ନୂଆ ଧାରା ଫଳରେ ସେମାନଙ୍କ ମଧ୍ୟରେ ପାଠ ପ୍ରତି ଆଗ୍ରହ ବଢ଼ି ପାରିଛି'। ଭର୍ଚୁଆଲ କ୍ଲାସ କାର୍ଯ୍ୟକ୍ରମର ପରିଚାଳନା ପାଇଁ ସୁନ୍ଦରଗଡ଼ଠାରେ ଏକ ସ୍ୱତନ୍ତ୍ର ଷ୍ଟୁଡିଓ ସ୍ଥାପନ କରାଯାଇଛି । ଭି-ସାଟ୍ ଲିଙ୍କ୍ ଜରିଆରେ ଏହି ଷ୍ଟୁଡିଓକୁ ସିଧାସଳଖ ଜିଲ୍ଲାର ବିଭିନ୍ନ ସ୍କୁଲର ସ୍ମାର୍ଟ କ୍ଲାସରୁମ ସହିତ ଯୋଡ଼ି ଦିଆଯାଇଛି । ଫଳରେ ଜିଲ୍ଲାର ତାଲିମପ୍ରାପ୍ତ ଓ ଅଭିଜ୍ଞ ଶିକ୍ଷକ ଶିକ୍ଷୟିତ୍ରୀମାନେ ଭର୍ଚୁଆଲ ଷ୍ଟୁଡିଓରେ ଉପସ୍ଥିତ ରହି ଲାଇଭ୍ କ୍ଲାସ୍ ମାଧ୍ୟମରେ ଏକ ସମୟରେ ଶତାଧିକ ସ୍କୁଲର ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ାଇପାରୁଛନ୍ତି। 'ସୁନ୍ଦରଗଡ଼ ଜିଲ୍ଲାରେ ଚାଲିଥିବା ଭର୍ଚୁଆଲ କ୍ଲାସ କାର୍ଯ୍ୟକ୍ରମ ଶିକ୍ଷାଦାନ କ୍ଷେତ୍ରରେ ଏକ ନୂଆ ଧାରା ଯୋଡ଼ିପାରିଛି। ବୈଷୟିକ ଜ୍ଞାନକୌଶଳ ପ୍ରୟୋଗକରି ଏଠଶରେ ଶିକ୍ଷାଦାନ ପ୍ରକ୍ରିୟାକୁ ଯେଉଁଭଳି ବ୍ୟାପକ କରାଯାଇପାରିଛି ତାହା ସହରାଞ୍ଚଳ ସହିତ ଗ୍ରାମାଞ୍ଚଳର ସରକାରୀ ବିଦ୍ୟାଳୟଗୁଡ଼ିକର ଛାତ୍ରଛାତ୍ରୀଙ୍କ ପାଇଁ ବେଶ୍ ଉପାଦେୟ ହୋଇପାରିଛି। ଏହି ଅଭିନବ କାର୍ଯ୍ୟକ୍ରମ ଜିଲ୍ଲାରେ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିପାରିଛି' ବୋଲି ଜିଲ୍ଲା ଶିକ୍ଷାଧିକାରୀ ଅମୂଲ୍ୟ କୁମାର ପଧାନ କହିଛନ୍ତି। ଭର୍ଚୁଆଲ କ୍ଲାସ ବ୍ୟବସ୍ଥା ସହିତ ଜିଲ୍ଲାର ବିଭିନ୍ନ ସରକାରୀ ସ୍କୁଲ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଏକଲବ୍ୟ ମଡେଲ ଆବାସିକ ସ୍କୁଲ ଏବଂ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟକୁ ଯୋଡ଼ା ଯାଉଛି । ଜିଲ୍ଲାର ବିଭିନ୍ନ ସ୍ଥାନରୁ ଦକ୍ଷ ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କୁ ଭର୍ଚୁଆଲ୍ ଷ୍ଟୁଡିଓକୁ ଡାକି ଲାଇଭ୍ କ୍ଲାସ କରାଯାଉଛି । ସେମାନେ ଜିଲ୍ଲାର ବିଭିନ୍ନ ସ୍କୁଲରେ ବସିଥିବା ଛାତ୍ରଛାତ୍ରୀମାନଙ୍କୁ ବେଶ୍ ଆକର୍ଷଣୀୟ ଢଙ୍ଗରେ ଗଣିତ, ବିଜ୍ଞାନ, ଇଂରାଜୀ, ଓଡ଼ିଆ, ଇତିହାସ ଓ ଭୂଗୋଳ ଆଦି ବିଷୟ ପଢ଼ାଉଛନ୍ତି। ଏହି ଭର୍ଚୁଆଲ କ୍ଲାସ ବର୍ତ୍ତମାନ ସପ୍ତାହରେ ୫ ଦିନ – ସୋମବାର ଠାରୁ ଶୁକ୍ରବାର ଯାଏଁ ଚାଲୁଛି। ନବମ ଏବଂ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ପ୍ରତିଦିନ ଦୁଇଟି ଲେଖାଏଁ ପିରିୟଡରେ ପାଠପଢ଼ା ଯାଉଛି । ସେହିପରି ଷଷ୍ଠ, ସପ୍ତମ ଏବଂ ଅଷ୍ଟମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ନିୟମିତ ବ୍ୟବଧାନରେ ପାଳିକରି ବିଭିନ୍ନ ବିଷୟରେ ଶିକ୍ଷାଦାନ କରାଯାଉଛି। ରାଜ୍ୟ ସରକାରଙ୍କ '୫-ଟି' ଅଭିଯାନ ଅଧୀନରେ ସୁନ୍ଦରଗଡ଼ ଜିଲ୍ଲାରେ ସରକାରୀ ହାଇସ୍କୁଲଗୁଡ଼ିକର ରୂପାନ୍ତରଣ କରାଯାଉଛି। ଫଳରେ ରୂପାନ୍ତରିତ ହାଇସ୍କୁଲଗୁଡ଼ିକରେ ଥିବା ସ୍ମାର୍ଟ କ୍ଲାସରୁମକୁ ଏବେ ଭର୍ଚୁଆଲ କ୍ଲାସ ପାଇଁ ସହଜରେ ବ୍ୟବହାର କରାଯାଇପାରୁଛି। ଭର୍ଚୁଆଲ ଷ୍ଟୁଡିଓରେ ସ୍ମାର୍ଟ ବୋର୍ଡ ମାଧ୍ୟମରେ ପିପିଟି ତଥା ଭିଡିଓ ଏବଂ ଏନିମେସନ ବ୍ୟବହାର କରି ଶିକ୍ଷକ ଶିକ୍ଷୟିତ୍ରୀମାନେ ପିଲାଙ୍କୁ ପାଠ ପଢ଼ାଉଛନ୍ତି। ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀ ନିଜ ନିଜ ଶ୍ରେଣୀଗୃହରେ ବସି ସେଠାରେ ଥିବା ସ୍ମାର୍ଟ ବୋର୍ଡ ମାଧ୍ୟମରେ ଭର୍ଚୁଆଲ ଷ୍ଟୁଡିଓରେ ଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହ ଯୋଡ଼ି ହେଉଛନ୍ତି। ଏହି ବ୍ୟବସ୍ଥାରେ ଉଭୟ ପଟୁ କଥାବାର୍ତ୍ତା କରିବା ଲାଗି ସୁବିଧା କରାଯାଇଥିବାରୁ ଛାତ୍ରଛାତ୍ରୀମାନେ ଶିକ୍ଷକଙ୍କୁ ପ୍ରଶ୍ନ ପଚାରି ତା'ର ଉତ୍ତର ପାଇପାରୁଛନ୍ତି। ହାଇସ୍କୁଲ ରୂପାନ୍ତରଣ କାର୍ଯ୍ୟକ୍ରମ ଅଧୀନରେ ସୁନ୍ଦରଗଡ଼ ଜିଲ୍ଲାରେ ଅତ୍ୟାଧୁନିକ ବିଜ୍ଞାନାଗାର କରାଯାଇଛି । ସେଠାରେ ବିଭିନ୍ନ ଆଧୁନିକ ବୈଜ୍ଞାନିକ ପ୍ରୟୋଗ ଲାଗି ସୁବିଧା ରହିଛି । ଭର୍ଚୁଆଲ କ୍ଲାସ ମାଧ୍ୟମରେ ଜିଲ୍ଲାର ଦକ୍ଷ ବିଜ୍ଞାନ ଶିକ୍ଷକ-ଶିକ୍ଷୟିତ୍ରୀମାନେ ସୁନ୍ଦରଗଡ଼ ଷ୍ଟୁଡିଓରେ ରହି ବିଜ୍ଞାନର ବିଭିନ୍ନ ପ୍ରକାର ପ୍ରୟୋଗ କରି ଦେଖାଉଛନ୍ତି। ଏହା ଫଳରେ ଏକ ସମୟରେ ଜିଲ୍ଲାର ଶତାଧିକ ସ୍କୁଲର ଛାତ୍ରଛାତ୍ରୀମାନେ ତାହା ଦେଖି ଶିଖିପାରୁଛନ୍ତି। ତା'ଛଡ଼ା ସଂପୃକ୍ତ ସ୍କୁଲର ବିଜ୍ଞାନ ଶିକ୍ଷକ-ଶିକ୍ଷୟିତ୍ରୀମାନେ ଏଥିରୁ ଶିଖି ନିଜ ନିଜ ସ୍କୁଲରେ ପିଲାଙ୍କୁ ସେଗୁଡ଼ିକର ପ୍ରୟୋଗ କରି ଦେଖାଉଛନ୍ତି। ସୁଯୋଗ ପାଇଲେ ଜଣେ ବ୍ୟକ୍ତିର ଜ୍ଞାନର ପରିସୀମା ସଂପ୍ରସାରିତ ହେବା ସହ ତାହା ଅନ୍ୟମାନଙ୍କୁ ସୁଫଳ ପ୍ରଦାନ କରିଥାଏ। ସୁନ୍ଦରଗଡ଼ ଜିଲ୍ଲାରେ ଭର୍ଚୁଆଲ କ୍ଲାସ ବ୍ୟବସ୍ଥା ସେହି କଥାକୁ ବାସ୍ତବରେ ପରିଣତ କରିପାରିଛି।

# ଆମ ମୁଖ୍ୟମନ୍ତ୍ରୀ ନମ୍ବର ୱାନ, ହେଲେ ଆମ ରାସ୍ତା କାଦୁଅ ପଚ ପଚ



ବିନିକା ୧୧/୮ (ନି.ପ୍ର): 'କେନ୍ଦ୍ର ସରକାରଙ୍କଠାରୁ ଆରମ୍ଭ କରି ରାଜ୍ୟ ସରକାରଙ୍କ ପର୍ଯ୍ୟନ୍ତ ସମସ୍ତେ ନିଜ ଢେଙ୍ଗୁରା ପିଟିବାରେ ବ୍ୟସ୍ତ । ହେଲେ ଲୋକଙ୍କ ଦୁଃଖ ବୁଝିବାକୁ କାହାର ତର ନାହିଁ। ଆମେ ନମ୍ବର ୱାନ, ଆମ ମୁଖ୍ୟମନ୍ତ୍ରୀ ନମ୍ବର ୱାନ ତଥା ଆମ ଯୋଜନା ବି ବିଶ୍ୱସ୍ତରୀୟ ବୋଲି ଢେଙ୍ଗୁରା ପିଟୁଛନ୍ତି ରାଜ୍ୟ ସରକାର। ସେହିଭଳି ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ କେନ୍ଦ୍ର ସରକାର ଆରମ୍ଭ କରିଛନ୍ତି ହର ଘର ତ୍ରିରଙ୍ଗା ଅଭିଯାନ । ହେଲେ ଆମ ଗାଁ ରାସ୍ତା ଦେଖିଲେ ଯେ କେହି ନିଶ୍ଚୟ ପଚାରିବ ଯେ, ଏହା କେଉଁ ବିଶ୍ୱସ୍ତରୀୟ ଯୋଜନାରେ ଅନ୍ତର୍ଭୁକ୍ତ । ଆଉ ଆମ ମୁଖ୍ୟମନ୍ତ୍ରୀ ନମ୍ବର ୱାନ୍ କି ଜିରୋ, ତାହା ବି ଜଣାପଡ଼ିବ। ଏହି କାଦୁଅ ପଚ ପଚ ରାସ୍ତାରେ ଠିକ୍ ଭାବେ ଚାଲିବା କଷ୍ଟକର ହେଉଥିବା ବେଳେ ଆମ ପିଲା କିପରି ତ୍ରିରଙ୍ଗା ଉଡ଼ାଇ ଯିବେ।' ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଏପରି ପ୍ରଶ୍ନ ପଚାରିଛନ୍ତି ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ଲକ ମେଘଲା ପଞ୍ଚାୟତର ସିଲଯୁରୀ ଗ୍ରାମବାସୀ। ବିନିକା ବ୍ଲକର ସିଞ୍ଜୁରୀ ଓ କୁଇବାହାଲକୁ ସଂଯୋଗ କରୁଥିବା ରାସ୍ତାରେ ବର୍ଷା ଦିନେ ଯିବା କଷ୍ଟକର ହୋଇପଡୁଛି। ୨ କିମି ପରିବ୍ୟାପ୍ତ ଏହି ରାସ୍ତା ବର୍ଷା ଦିନେ କାଦୁଅ ପଚ ପଚ ହୋଇଯାଉଥିବାରୁ ପିଲାଠୁ ବୁଢ଼ା ସମସ୍ତେ ଯା'ଆସ କଲା ବେଳେ ନାକେଦମ ହେଉଛନ୍ତି। କାଦୁଅ ଯୋଗୁ ଏହି ରାସ୍ତାରେ ପିଲାମାନେ ସ୍କୁଲ୍ ଯାଇପାରନ୍ତି ନାହିଁ। ସେଥିପାଇଁ ୫ କିମି ବାଟ ବୁଲି ବୁଲି ସେମାନେ ସ୍କୁଲ୍ ଯାଆନ୍ତି। ଏହାବାଦ ରୋଗୀଙ୍କୁ ମଧ ଡାକ୍ତରଖାନା ନେବାକୁ ନାକେଦମ ହେବାକୁ ପଡ଼େ। ସରକାର ତୁରନ୍ତ ଏହି ରାସ୍ତା କାମ ନ କଲେ ରାଜରାସ୍ତାକୁ ଓହ୍ଲାଇବାକୁ ଧମକ ଦେଇଛନ୍ତି ଗ୍ରାମବାସୀ। ଏନେଇ ଜଣେ ଗ୍ରାମବାସୀ କହିଛନ୍ତି, ଆମ ସିଏମ୍ ନମ୍ବର ୱାନ ବୋଲି ସବୁବେଳେ ଢେଙ୍ଗୁରା ପିଟା ହେଉଛି। ହେଲେ ଆମ ଗାଁ ରାସ୍ତା ଦେଖନ୍ତୁ, ଏହି ରାସ୍ତାରେ ଛୋଟ ଛୋଟ ପିଲା କିପରି ସ୍କୁଲ ଯିବେ। ତାଙ୍କ ସହ କିଏ ଅଭିଭାବକ ନ ଗଲେ, ପିଲାମାନେ ଦୁର୍ଘଟଣାର ସମ୍ମୁଖିନ ହେବା ଥୟ। ଆମ ପିଲାଙ୍କର ଯଦି କିଛି ହୁଏ, ଏଥିପାଇଁ କ'ଣ ସରକାର ଦାୟୀ ରହିବେ। ଏନେଇ ଗ୍ରାମର ଜଣେ ମହିଳା କହିଛନ୍ତି, ରାସ୍ତା ପାଇଁ ବହୁ ହଇରାଣ ହେଉଛୁ। ସ୍ୱାଧୀନତାର ୭୫ ବର୍ଷ ପରେ ଆମ ଦେଶ ବଦଳୁଛି, ହେଲେ ଆମ ଗାଁ ରାସ୍ତା ବଦଳି ପାରୁନି। ନେତାମନ୍ତ୍ରୀ ଆସି ରାସ୍ତା କରିଦେବେ କହି ଭୋଟ ନେଇ ଆଉ ଦେଖା ଦେଉ ନାହାନ୍ତି। ଆମ ପିଲାମାନେ ପ୍ରଥମରୁ ଅନ୍ୟ ଗାଁକୁ ପଢ଼ିବାକୁ ଯାଉଛନ୍ତି। ଏହି ରାସ୍ତାରେ ଗଲେ ସ୍କୁଲ ୨ କିମି ପଡୁଥିବା ବେଳେ ଅନ୍ୟ ପଟେ ଗଲେ ୫ କିମିରୁ ଅଧିକ ପଡୁଛି। ତେଣୁ ଆମ ରାସ୍ତା ଠିକ୍ କରିବାକୁ ସରକାରଙ୍କୁ ଗୁହାରୀ କରୁଛୁ । ରାସ୍ତା ପାଇଁ ବହୁ ଅସୁବିଧା ଭୋଗୁଛି। ଝିଅ ବୋହୂ ହସ୍ପିଟାଲ ଯିବାକୁ ତଥା ଛୁଆମାନେ ସ୍କୁଲ ଯିବାକୁ ନାନା ଅସୁବିଧା ଭୋଗୁଛନ୍ତି। ଏହି ରାସ୍ତାରେ ଗଲେ ପଡ଼ି ଖଣ୍ଡିଆଖାବରା ହେଉଛନ୍ତି। ବାଧ ହୋଇ ଛୁଆଙ୍କୁ ଧରି ସ୍କୁଲ ଯାଉଛି। ସେଠାରେ ବସୁଛୁ। ପାଠପଢ଼ା ସରିଲେ ପୁଣି ଧରି ଗାଁକୁ ଫେରୁଛୁ । ଓଡ଼ିଶାରେ ବିଶ୍ୱସ୍ତରୀୟ ଯୋଜନା କରୁଛନ୍ତି ବୋଲି କହୁଛନ୍ତି। ହେଲେ ଆମ ୨ କିମି ରାସ୍ତାକୁ କାହିଁକି ସୁଧାରି ପାରୁ ନାହାନ୍ତି ବୋଲି ପଚାରିଛନ୍ତି ଗ୍ରାମର ଜଣେ ବୟସ୍କ ବ୍ୟକ୍ତି । ବିନିକା ବିଡିଓ କହିଛନ୍ତି, ସେ ରାସ୍ତାରେ ଯେପରି ଲୋକେ ସୁରୁଖୁରୁରେ ଯାତାୟତ କରିପାରିବେ ସେଥିପାଇଁ ଆମେ ତୁରନ୍ତ ବ୍ୟବସ୍ଥା କରିବୁ। ପୂର୍ବରୁ ପ୍ରଶାସନିକ ଓ ରାଜନୀତିକ ବ୍ୟକ୍ତି ବିଶେଷଙ୍କ ଠାରୁ ଏମିତି ଅନେକ ପ୍ରତିଶ୍ରୁତି ମିଳିଥିବା ବେଳେ ଏହି ରାସ୍ତାର ଭାଗ୍ୟ କେବେ ସୁଧୁରିବ ତାହା ଉପରେ ସମସ୍ତଙ୍କ ନଜର ରହିଛି।

## ପବିତ୍ର ରକ୍ଷାବନ୍ଧନ, ମୋବାଇଲ ଯୁଗରେ ହଜିଯାଇଛି ରାକ୍ଷୀର ଚାହିଦା

ଭଦ୍ରକ, ୧୧ ଅଗଷ୍ଟ (ହି.ସ.) – ଓଡ଼ିଶାରେ ବାରମାସରେ ତେର ପର୍ବ ହୋଇଥାଏ । ତେଣୁ ଓଡ଼ିଶାର କଳା ସଂସ୍କୃତି ପରମ୍ପରା ମହାନ । ଏହାକୁ ବଂଚାଇ ରଖିବା ପାଇଁ ପ୍ରତି ଓଡ଼ିଆ ବ୍ୟସ୍ତ ଓ ବିବ୍ରତ। ଭାଇ ଓ ଭଉଣୀର ପବିତ୍ର ସଂପର୍କକୁ ଉଦ୍‌ଜିବିତ ରଖିବା ପାଇଁ ରକ୍ଷାବନ୍ଧନ ଉତ୍ସବ କେଉଁ ଆବାହନୀ କାଳରୁ ପାଳିତ ହୋଇଆସୁଛି। ବିଜ୍ଞାନର ଅଗ୍ରଗତି ତାଳେ ତାଳେ ଲୋକେ ପର୍ବପର୍ବାଣୀକୁ ସେହି ଢଙ୍ଗରେ ପାଳନ କରିବାକୁ ପଛାଉ ନାହାଁନ୍ତି। ଆଧୁନିକ ପରମ୍ପରାକୁ ଆପଣେଇବାକୁ ଯାଇ ମନୁଷ୍ୟ ତା ରୁଚିରେ ବହୁ ପରିବର୍ତ୍ତନ ଆଣିଛି । ପ୍ରତ୍ୟେକ ମନୁଷ୍ୟର ଜୀବନ ଶୈଳିରେ ନୂତନତ୍ୱର ବାସ୍ନା ବାରି ହୋଇଯାଉଛି । ସମସ୍ତେ ନିଜର ଜୀବନ ଶୈଳିକୁ ସମୟର ତାଳେ ତାଳେ ଗତିଶୀଳ କରିବାକୁ ଇଚ୍ଛା ପ୍ରକଟ କରିବାରୁ ଆବିଷ୍କୃତ ହେଲା କମ୍ପ୍ୟୁଟର ଓ ମୋବାଇଲ। ତାହା ପରେ ପୁଣି ଆରମ୍ଭ ହେଲା ଇ ରନେଟ୍ ର ଯୁଗ । ଏହି ଇ ରନେଟ ଯୁଗରେ ମନୁଷ୍ୟ ଖେଳନା ଠାରୁ ଆରମ୍ଭକରି ପରମାଣୁ ବୋମା ତିଆରି କରିବାକୁ ସକ୍ଷମ ହୋଇପାରିଛି । ଇ ରନେଟ୍ ମାଧ୍ୟମରେ ନିଜର ଦୈନିକ ଆସବାବ ପତ୍ର କିଣାବିକା କରିବା ସହ ବହୁ ତଥ୍ୟ ତଥା ବ୍ୟାଙ୍କ ଉପଯୋଗୀ ଯେପରି ଟଙ୍କା ପକାଇବା ଟଙ୍କା ଉଠାଇବା, ବିଭିନ୍ନ ଅଜଣା ବିବରଣୀ ଜାଣି ପାରିବା, ଅଜଣା ବ୍ୟକ୍ତି ଙ୍କ ସହ ସୁସଂପର୍କ ସ୍ଥାପନ କରିବା, ଦୂରଦୂରାନ୍ତରୁ ଏହା ମାଧ୍ୟମରେ ଖବର ପଠାଇ ପାରିବା ମୁଖ୍ୟତଃ ଆଜିର ଦୁନିଆରେ ସମୟର ଅଭାବରୁ ଓ ସ୍ୱଚ୍ଛତା ସଂପର୍କ ପରିକ୍ଷା କରିବା ପାଇଁ ପ୍ରତ୍ୟେକ ସରକାରୀ ଓ ବେସରକାରୀ ସଂସ୍ଥା ସେମାନଙ୍କର ସଂପୂର୍ଣ୍ଣ ବିବରଣୀ ଇ ରନେଟ୍‌ରେ ୱେବ୍ ପେଜ୍ ମାଧ୍ୟମରେ ପରିପ୍ରକାଶ କରୁଛନ୍ତି । ଇ ରନେଟ ଏପରି ଏକ ମାଧ୍ୟମ ଯାହା ମାଧ୍ୟମରେ ସେ ନିଜର ଭାବ ପ୍ରବଣତାକୁ କାଳ୍ପନିକ ଛବି ଓ ଶବ୍ଦ ତରଙ୍ଗ ମାଧ୍ୟମରେ ତା ଭାଇଙ୍କୁ ସ୍ୱଳ୍ପ ମୂଲ୍ୟରେ ପ୍ରେରଣ କରିପାରିଥାଏ । ଯଦି ଜଣେ ତା ଭାଇଙ୍କୁ ସେ ତାଙ୍କ ଘରେ ଯଦି କମ୍ପ୍ୟୁଟର ଓ ଇ ରନେଟର ସୁବିଧା ବା କୌଣସି ସାଇବର କାଫେ ଯାଇ ଶ୍ୱଳ୍ପ ଅର୍ଥରେ ତାଙ୍କର ଭାବପ୍ରବଣତାର ବାର୍ତ୍ତା ସଂଗ୍ରହ କରି ତାଙ୍କ ବଂଧୁଙ୍କୁ ପ୍ରେରଣ କରିପାରୁଛନ୍ତି ଏବଂ ତାଙ୍କ ବଂଧୁ ତାହା ପ୍ରାପ୍ତ କଲେକି ନାହିଁ ତାହା ମଧ୍ୟ ଜାଣିପାରୁଛନ୍ତି ।

## ତୁଡିପାଜୁ ରେ ସ୍ୱଚ୍ଛ ଭାରତ ଏବଂ ଘର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ

କନ୍ଧମାଳ ୧୧ ଅଗଷ୍ଟ (ହି. ସ.) – ଫୁଲବାଣୀ ବ୍ଲକ ର ତୁଡ଼ିପାଜୁ ପଂଚାୟତ କାର୍ଯ୍ୟାଳୟ ପରିସରରେ ସ୍ୱଚ୍ଛ ଭାରତ ଏବଂ ଘର ଘର ତୀରଙ୍ଗା କାର୍ଯ୍ୟକ୍ରମ ନେହରୁ ଯୁବ କେନ୍ଦ୍ର ଫୁଲବାଣୀ ଓ ଦାମସିଂ ଯୁବ ପରିଷଦ ପୁନ୍ଦାଲିର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇ ଯାଇ ଅଛି । ଅନୁଷ୍ଠିତ କାର୍ଯ୍ୟକ୍ରମ କୁ ମୁଖ୍ୟ ଅତିଥି ଭାବରେ ତୁଡ଼ିପାଜୁ ଗ୍ରାମ ପଂଚାୟତ ର ସରପଞ୍ଚ କୌଶଲ୍ୟା କହଁର ଯୋଗ ଦେ ଇ ଥିବା ବେଳେ ସନମାନୀତ ଅତିଥି ଭାବରେ ନାୟବ ସରପଞ୍ଚ ବିରାଜ କହଁର , ଦାମସିଂ ଯୁବ ପରିଷଦ ପୁନ୍ଦାଲିର ସଭାପତି ସିମାଞ୍ଚିଳ କହ୍ନର, ସମ୍ପାଦକ ଅରୁଣ କୁମାର କହଁର ,ଏବଂ ନେହରୁ ଯୁବ କେନ୍ଦ୍ର ଫୁଲବାଣୀ ର ସହ କର୍ମୀ ସତ୍ୟବାନ ଦଳବେହେରା, ସ୍ୱେଚ୍ଛାସେବୀ କମଳ ଲୋଚନ ଦେହୁରୀ,ମିନି କହଁର , ସିବେନ୍ଦ୍ର ଡିଗାଲ ପ୍ରମୁଖ ଯୋଗ ଦେ ଇ ଥିଲେ । ଅନୁଷ୍ଠିତ କାର୍ଯ୍ୟକ୍ରମ କୁ ଯୁବକ ସଙ୍ଘ ର ସଭ୍ୟ ସଭ୍ୟା, ନେହରୁ ଯୁବ କେନ୍ଦ୍ର ର ସ୍ୱେଚ୍ଛା ସେବୀ ପ୍ରମୁଖ ଯୋଗ ଦେ ଇ କାର୍ଯ୍ୟ କ୍ରମ କରିଥିଲେ ।

## ଠିକାଦାର ଯନ୍ତ୍ରୀଙ୍କ ମଧୁ ଚନ୍ଦ୍ରିକା, ଭାଙ୍ଗିଗଲା ରାଣିତାଲ ମୁଖ୍ୟ କେନାଲ ବନ୍ଧ, ମୁଣ୍ଡରେ ହାତ ଦେଲେ ଚାଷୀ

ଭଦ୍ରକ, ୧୧/୮ (ନି.ପ୍ର): ସରକାର ବିଭିନ୍ନ କଲ୍ୟାଣକାରୀ ଯୋଜନାରେ ବିପୁଳ ପରିମାଣରେ ଅର୍ଥ ଖର୍ଚ୍ଚ କରୁଛନ୍ତି। କିନ୍ତୁ ଉକ୍ତ ଅର୍ଥର ସତ୍ ବିନିଯୋଗ ହେଉ ନାହିଁ। ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ମଧ୍ୟରେ ଅସାଧୁ ମେ ପାଇଁ ଅସୁବିଧାରେ ପଡୁଛନ୍ତି ସାଧାରଣ ଜନତା। ଯାହାର ଏକ ନଜିର ଦେଖିବାକୁ ମିଳିଛି ରାଣିତାଲ ଠାରେ। ଏହି ଅ ଳର ଚାଷୀଙ୍କ ପାଇଁ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ହୋଇଥିଲା କେନାଲ। ଚାଷୀଙ୍କ ବିଲକୁ ଠିକ ସମୟରେ ଉପଯୁକ୍ତ ପରିମାଣ ଜଳ ଯୋଗାଇବା ଲକ୍ଷ୍ୟରେ ଏହା ନିର୍ମାଣ କରାଯାଇଥିଲା। ପରବର୍ତ୍ତୀ ସମୟରେ ଏହାର ପୁନରୁଦ୍ଧାର ଜରୁରୀ ହୋଇ ପଡ଼ିଥିଲା। କିନ୍ତୁ ବହୁ ଲକ୍ଷ ଟଙ୍କାର ପୁନରୁଦ୍ଧାର କାର୍ଯ୍ୟ ସମୟରେ କାର୍ଯ୍ୟାଦେଶ ପାଇଥିବା ଠିକାଦାରଙ୍କ ନିମ୍ନମାନ କାର୍ଯ୍ୟ ଯୋଗୁଁ ଏବେ ଶତାଧିକ ଚାଷୀ ମୁଣ୍ଡରେ ହାତ ଦେଇ ବସିଛନ୍ତି। ମାତ୍ର ୨ବର୍ଷ ପୂର୍ବେ ସିମୁଳିଆ ନିର୍ବାଚନମଣ୍ଡଳୀ ବରଦା ଠାରୁ ମଇତାପୁର ଭାୟା ରାଣିତାଲ ମୁଖ୍ୟ କେନାଲ ବନ୍ଧ ଏବେ ଭାଙ୍ଗି ଯାଇଛି। କେନାଲରେ ପାଣି ଆସିବାରୁ ଏକ ବଡ଼ ଘାଇ ସୃଷ୍ଟି ହୋଇଛି। ଫଳରେ ତଗିରା ଓ ତେଲିଆପଡ଼ା ମୌଜାର ଶତାଧିକ ଏକର ଜମି ଜଳମୟ ହୋଇ ଯାଇଛି। ଏହି ଜମିମାନଙ୍କରେ ଚାଷୀ ନିଜର ସଂଚିତ ଧନକୁ ଖର୍ଚ୍ଚ କରି ତଳି ପକାଇଥିଲେ ଓ ଧାନ ରୋଇ ଥିଲେ। କିନ୍ତୁ ଏହି ମନୁଷ୍ୟକୃତ ବନ୍ୟା ସବୁ କିଛି ଧୋଇ ଦେଇଛି। ତେବେ ମାତ୍ର ୨ ବର୍ଷ ପୂର୍ବେ ମରାମତି ହୋଇଥିବା ଏହି କେନାଲ ବନ୍ଧ ଭାଙ୍ଗିଯିବା ଓ ଚାଷୀ ସର୍ବସ୍ୱ ହରାଇବାର ଉ ର ଦାୟିତ୍ୱ କାହା ଉପରେ ନ୍ୟସ୍ତ କରାଯିବ ବୋଲି ଅ ଳବାସୀ ପ୍ରଶ୍ନ କରିଛନ୍ତି। ସଳାନ୍ଦୀ ଜଳସେଚନ ବିଭଗେ ଅଧିନରେ ଥିବା ଏହି କେନାଲ ମରାମତି କାର୍ଯ୍ୟ ସମୟରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ କାର୍ଯ୍ୟାଦେଶ ପାଇଥିବା ଠିକାଦାରଙ୍କ ନିମ୍ନମାନର କାର୍ଯ୍ୟ ପ୍ରତି ସମ୍ପୂର୍ଣ୍ଣ ଭାବେ ଆଖି ବୁଜି ଦେଇଥିଲେ। ଯାହାର ଫଳ ଏବେ ଚାଷୀଙ୍କୁ ଭୋଗ କରିବାକୁ ପଡୁଛି। ଶ୍ରାବଣ ମାସ ସରିବାକୁ ବସିଛି। ଏହି ସମୟରେ ତଳା ଉତାରି ହୋଇ ପାରିବ ନାହିଁ କି ଚାଷ କାର୍ଯ୍ୟ ଆରମ୍ଭ ହୋଇ ପାରିବ ନାହିଁ। ତେଣୁ ଏହି କାରଣରୁ ଆଗକୁ ଧାନ ଖଳାକୁ ଆସିବା ଅସମ୍ଭବ। ତୁରନ୍ତ ଚାଷୀଙ୍କୁ ଏହି ବିପର୍ଯ୍ୟୟ ସମୟରେ ସାହାଯ୍ୟ କରିବାକୁ ସମାଜସେବୀ ସଂଗ୍ରାମ କର ଦାବି କରିଛନ୍ତି।



# ବିବାହର ୮ ମାସ ପୂରିନି, ମିଳିଲା ନବବଧୂଙ୍କ ଝୁଲନ୍ତା ମୃତଦେହ



ଭଦ୍ରକ,୧୧/୮ (ନି.ପ୍ର): ନବବଧୂଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର। ମୃତକ ଜଣକ ତିହିଡ଼ି ଥାନା ଅନ୍ତର୍ଗତ ମିର୍ଜାପୁର ଗ୍ରାମର ପ୍ରକାଶ ରାଉଳଙ୍କ ପତ୍ନୀ ବର୍ଷାରାଣୀ ନାୟକ। ଶାଶୁ ଘରେ ବିଭିନ୍ନ ପ୍ରକାର ନିର୍ଯାତନା ଦେଇ ତାଙ୍କୁ ହତ୍ୟା କରାଯିବା ପରେ ଆତ୍ମହତ୍ୟାର ରୂପ ଦିଆଯାଇଥିବା ବାପଘର ପକ୍ଷରୁ ତିହିଡ଼ି ଥାନାରେ ଆଜି ଅଭିଯୋଗ ହୋଇଛି। ଏଥିସହ ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ ଦାବି କରି ଏସପିଙ୍କ ଅଫିସ ସମ୍ମୁଖ ରାସ୍ତାକୁ ଅବରୋଧ କରିଥିଲେ ବାପଘର ଲୋକେ। ପୁଲିସ ପହଞ୍ଚି ବୁଝାସୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା। ପୁଲିସ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲା। ଏନେଇ ଏକ ମାମଲା କରିବା ପରେ ମୃତ ନବବଧୂଙ୍କ ଶାଶୁଙ୍କୁ ଅଟକ ରଖି ପୁଲିସ ପଚରାଉଚରା କରୁଛି। ମୃତ ମହିଳାଙ୍କ ଭାଇ ରୋହନ ନାୟକ କହିଛନ୍ତି, ଆଜି ସକାଳୁ ଭଉଣୀ ଶୋଇବା ଘର ଫ୍ୟାନ୍‌ରେ ଲୁଗା ଦେଇ ଆତ୍ମହତ୍ୟା କରିଥିବା ତା' ଶାଶୁଘର ଲୋକେ ଖବର ପଠାଇଥିଲେ। ହେଲେ ସେମାନେ ପହଞ୍ଚି ଦେଖନ୍ତି ମୃତ ଶରୀର ଆଣ୍ଠୁ ଖଟ ଉପରେ ଲାଗିଛି। ଖଟ ବେଡ଼ସିଟ୍ ଟିକିଏ ବି ଅସଜଡ଼ା ହୋଇନି। ଟୁଲ ବି ପାଖରେ ଥୁଆ ହୋଇଛି। ଏଥିରୁ ତାକୁ ମାରି ଦିଆଯାଇଥିବା ସନ୍ଦେହ ହେବାରୁ ସେମାନେ ଆଇନର ଆଶ୍ରୟ ନେଇଥିଲେ। ଗତବର୍ଷ ଡିସେମ୍ବରରେ ଭଉଣୀର ବାହାଘର ଧୁମଧାମ କରିଥିଲେ। ହେଲେ ବାହାଘର ପରେ ଶାଶୁଘର ଲୋକେ ତାକୁ ବିଭିନ୍ନ ପ୍ରକାର ମାନସୀକ ଓ ଯୌତୁକ ନିର୍ଯାତନା ଦେଉଥିଲେ। ଆଜି ତାକୁ ହତ୍ୟା କରିବା ପରେ ଆତ୍ମହତ୍ୟାର ରୂପ ଦେବାକୁ ଚେଷ୍ଟା କରିଛନ୍ତି। ସୂଚନା ମୁତାବକ, ଧୂଷୁରୀ ଥାନା ଅନ୍ତର୍ଗତ କୋରୁଆ ଗ୍ରାମର ଅଧର ନାୟକଙ୍କ ଝିଅ ବର୍ଷା ତିହିଡ଼ି ଥାନା ଅନ୍ତର୍ଗତ ମିର୍ଜାପୁର ଗ୍ରାମର ପ୍ରଭାତ ରାଉଳଙ୍କ ପୁଅ ପ୍ରକାଶ ରାଉଳଙ୍କୁ ଗତବର୍ଷ ଡିସେମ୍ବର ୧୨ ତାରିଖରେ ବାହା ହୋଇଥିଲେ। ପ୍ରକାଶ ବାଙ୍ଗାଲୋରରେ ରହି କାର୍ଯ୍ୟ କରୁଥିବା ବେଳେ ସ୍ତ୍ରୀ ବର୍ଷା ମିର୍ଜାପୁର ଶ୍ୱଶୁରଙ୍କ ଘରେ ରହୁଥିଲେ। ମୃତ ମହିଳାଙ୍କ ଦିଅର ପ୍ରଦୀପ ରାଉଳ କହିଛନ୍ତି, ସବୁଦିନ ଭଳି ଭାଉଜ ରାତିରେ ଖାଇପିଇ ଶୋଇଥିଲେ। ହେଲେ ସକାଳୁ ଆଉ ଶୋଇବା ଘର ଦୁଆର ନ ଖୋଲିବାରୁ ସନ୍ଦେହ ହୋଇଥିଲା। ଯେତେ ଯିଏ ଡାକିଥିଲେ ହେଁ ସେ ଶୋଇଥିବା ଘର କବାଟ ଖୋଲି ନ ଥିଲେ। ତେଣୁ କବାଟ ତାଡି ଦେଖିଲା ବେଳକୁ ପଙ୍ଖାରେ ତାଙ୍କ ମୃତଦେହ ଝୁଲିଛି। କଣ ପାଇଁ ସେ ଏଭଳି ପଦକ୍ଷେପ ନେଲେ ଜାଣି ନ ଥିବା କହିଛନ୍ତି ପ୍ରଦୀପ।

## ଗ୍ରାମ ପଚାଂୟତ ଅଡିଟରଙ୍କ ତାଲିମ ଶିବିର ଉଦ୍‌ଘାଟିତ

ପଟ୍ଟାମୁଣ୍ଡାଇ ତା୧୧.୮.୨୨- କେନ୍ଦ୍ରାପଡା ଜିଲ୍ଲାସ୍ତରୀୟ ଗ୍ରାମ ପଚାଂୟତ ସୋସିଆଲ ଅଡିଟରଙ୍କ ୪ ଦିନିଆ ତାଲିମ ଶିବିର ଉଦଘାଟିତ ହୋଇଯାଇଛି । ପଟ୍ଟାମୁଣ୍ଡାଇ କଲେଜ ରୋଡସ୍ଥିତ ଡିଭାଇନ ପ୍ୟାଲେସ ପ୍ରତିଭା ଲେଡିଜ ହଷ୍ଟେଲ ସଭାଗୃହରେ ଅନୁଷ୍ଠିତ ତାଲିମ ଶିବିରକୁ ପଟ୍ଟାମୁଣ୍ଡାଇ ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ ଆନୁଷ୍ଠାନିମ ଭାବେ ଉଦଘାଟନ କରିଥିଲେ । ପଟ୍ଟାମୁଣ୍ଡାଇ ବ୍ଲକ ସୋସିଆଲ ଅଡିଟର ନଳିନୀକାନ୍ତ ସ୍ୱାଇଁଙ୍କ ସଂଯୋଜନାରେ ଅନୁଷ୍ଠିତ କର୍ମଶାଳାରେ ଜିଲ୍ଲା ସୋସିଆଲ ଅଡିଟର ମୃତ୍ୟୁଞ୍ଜୟ ବେହେରା , ବରିଷ୍ଠ ସାମ୍ବାଦିକ ଅନୀଲ ଚୌଧୁରୀ, ସମାଜସେବିକା ଇତିଶ୍ରୀ ଦାସ ପ୍ରମୁଖ ସମ୍ମାନୀତଅତିଥି ଭାବେ ଯୋଗ ଦେଇ ଦିକ୍ଷାନ୍ତ ଭାଷଣ ଦେଇଥିଲେ । ମହାତ୍ମା ଗାନ୍ଧୀଙ୍କ ନାମରେ ନାମିତ ମନରେଗା ପ୍ରକଳ୍ପରେ ଥିବା ସୁବିଧା ସଯୋଗ ସଂପର୍କରେ ମୁଖ୍ୟତଃ ଆଲୋଚନା କରାଯାଇଥିଲା । ଏହି ଯୋଜନାରେ ଗ୍ରାମାଚଂଳର ଗରିବ, ଦିନ ମଜୁରିଆମାନଙ୍କୁ ଜବକାର୍ଡ ମାଧ୍ୟନରେ ୧୦୦ ଦିନର କାମ ଯୋଗାଇ ଦିଆଯାଉଥିବା ସଂପର୍କରେ ଅତିଥିମାନେ ସୂଚନା ଦେଇଥିଲେ । ଗ୍ରାମାଚଂଳରେ ନିର୍ମାଣ ହେଉଥିବା ପାର୍କ, ଖେଳପଡିଆ, ପୁଷ୍କରିଣୀ, ଚାନ୍ଦିନୀ, ମୋ ପୋଖରୀ, ମୋ ଗୁହାଳ, ରାଜୀବଗାନ୍ଧୀ ସେବାକେନ୍ଦ୍ର , ଅଙ୍ଗନବାଡ଼ି, ବୃକ୍ଷରୋପଣ ଆଦି ବିଭିନ୍ନ ପ୍ରକଳ୍ପ ଓ ପଚଂଦଶତମ ଅର୍ଥ କମିଶନଙ୍କ ସୁପାରିଶକ୍ରମେ କରାଯାଉଥିବା ବିଭିନ୍ନ ପ୍ରକଳ୍ପର ସୁବିଧା ସୁଯୋଗ ସଂପର୍କରେ ଆଲୋଚନା କରାଯାଇଥିଲା । ସେହିପରି ଜାତୀୟ ଭତା, ମଧ୍ୟାହ୍ନଭୋଜନ, ସିଡିଏସ, ମମତା ଯୋଜନା, ରାସନକାର୍ଡ ଆଦି ଅଡିଟ ସଂପର୍କରେ ଶିବିରରେ ତାଲିମ ଦିଆଯାଇଥିଲା । ଜିଲ୍ଲା ସାମାଜିକ ସମୀକ୍ଷକ ମୃତ୍ୟୁଞ୍ଜୟ ବେହେରା, ପଟ୍ଟାମୁଣ୍ଡାଇ ବ୍ଲକ ସାମାଜିକ ସମୀକ୍ଷକ ନଳିନୀକାନ୍ତ ସ୍ୱାଇଁ, ଡେରାବିଶ ବ୍ଲକ ସାମାଜିକ ସମୀକ୍ଷକ ରମାକାନ୍ତ ସ୍ୱାଇଁ ଶିବିରାର୍ଥୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ଏହି ଶିବିରରେ ଆଳି, ରାଜନଗର, ଗରଦପୁର ଓ ମାର୍ଶାଘାଇ ବ୍ଲକରୁ ୩୫ ଜଣ ନୂତନ ଗ୍ରାମ ସାଧନକର୍ମୀ ଯୋଗ ଦେଇଥିଲେ ।

# ସଂପାଦକୀୟ

## ଅନୁକରଣୀୟ ବିଚାର

ଆମ ଦେଶରେ ବିଳମ୍ବିତ ବିଚାର ଏକ ବିରାଟ ସମସ୍ୟା। ଏ ନେଇ ପୂର୍ବରୁ ସର୍ବୋଚ୍ଚ ନ୍ୟାୟାଳୟର ପ୍ରଧାନ ବିଚାରପତି ମଧ୍ୟ ଦୁଃଖ ଓ ଅସହାୟତା ପ୍ରକାଶ କରିଥିଲେ। ତେବେ ଇଚ୍ଛାଶକ୍ତି ଥିଲେ ଅସମ୍ଭବ ମନେ ହେଉଥିବା କାର୍ଯ୍ୟ ବି ସମ୍ଭବ ହୁଏ, ଏବେ ତା'ର ଦୃଷ୍ଟାନ୍ତ ଦେଖିବାକୁ ମିଳିଛି କେତେକ ରାଜ୍ୟର ନ୍ୟାୟାଳୟର। ହରିୟାଣା, ଚଣ୍ଡିଗଡ, ପଞ୍ଜାବ, ହିମାଚଳ ପ୍ରଦେଶ ଓ କେରଳର ନିମ୍ନ ଅଦାଲତଗୁଡ଼ିକରେ ଦଶ ବର୍ଷରୁ ଅଧିକ କାଳ ଧରି ବିଚାରଧୀନ ବା ଅନିଷ୍ପାଦି ଥିବା ପ୍ରାୟ ସମସ୍ତ ମାମଲାର ବିଚାର ଶେଷ ହୋଇଛି। ସେହିପରି ଦିଲ୍ଲୀ, ଆସାମ, ମଧ୍ୟପ୍ରଦେଶ, ଆନ୍ଧ୍ରପ୍ରଦେଶ ଓ କର୍ଣ୍ଣାଟକର ଦଶ ବର୍ଷ ପୁରୁଣା ମାମଲାଗୁଡ଼ିକ ମଧ୍ୟରୁ ୯୯ ଶତାଂଶର ବିଚାର ସମାପ୍ତ ହୋଇଛି। ଏହି ଉଲ୍ଲେଖନୀୟ ଉପଲବ୍ଧି ପାଇଁ ସମ୍ପୃକ୍ତ ରାଜ୍ୟର ଅଦାଲତଗୁଡ଼ିକ ନିଶ୍ଚିତଭାବେ ପ୍ରଶଂସାଯୋଗ୍ୟ। ଅନ୍ୟପକ୍ଷରେ ଓଡ଼ିଶା, ଗୁଜୁରାଟ, ଉତ୍ତରପ୍ରଦେଶ, ବିହାର, ପଶ୍ଚିମବଙ୍ଗ ଆଦି ରାଜ୍ୟ ମୋକଦ୍ଦମାର ବିଚାର କ୍ଷେତ୍ରରେ ବହୁତ ପଛରେ ପଡ଼ିଛନ୍ତି। ଏହା ପଛରେ ଅବଶ୍ୟ ବିଭିନ୍ନ ବ୍ୟବସ୍ଥାଗତ କାରଣ ରହିଛି, ତେଣୁ ନିର୍ଦ୍ଦିଷ୍ଟ କାହାକୁ ଦୋଷ ଦେଇହେବ ନାହିଁ। ଏସବୁ ରାଜ୍ୟର ନ୍ୟାୟାଳୟଗୁଡ଼ିକରେ ସର୍ବାଧିକ ପଦ ଖାଲି ପଡ଼ିବା, ଦୁର୍ବଳ ଭିତ୍ତିଭୂମି ଆଦି ଏହାର କାରଣ ହୋଇପାରେ। ତେବେ ଇଚ୍ଛାଶକ୍ତି ଥିଲେ ଏହିସବୁ ରାଜ୍ୟର ଅଦାଲତଗୁଡ଼ିକ ମଧ୍ୟ ନ୍ୟାୟ ପ୍ରଦାନର ବେଗକୁ ବଢ଼ାଇପାରିବେ। ଏହି ଦୃଷ୍ଟିରୁ ପଞ୍ଜାବ ଓ ହରିୟାଣା ଉଚ୍ଚ ନ୍ୟାୟାଳୟର କାର୍ଯ୍ୟ ଅନ୍ୟମାନଙ୍କ ପାଇଁ ଅନୁକରଣୀୟ। ଏହି ନ୍ୟାୟାଳୟ ପକ୍ଷରୁ ଦୁଇ ବର୍ଷରୁ ଅଧିକ କାଳ ବିଚାରଧୀନ କଏଦୀଙ୍କ ମାମଲାର ଶୁଣାଣି ପାଇଁ ସ୍ୱତନ୍ତ୍ର ବାର୍ଷିକ ଲକ୍ଷ୍ୟ ଓ କାର୍ଯ୍ୟଖସଡ଼ା ତିଆରି କରାଯାଇଥିଲା। କେବଳ ସେତିକି ନୁହେଁ, ବିଚାର ବିଭାଗୀୟ ଅଧିକାରୀମାନଙ୍କ କାର୍ଯ୍ୟର କ୍ରମାଗତ ସମୀକ୍ଷା କରାଯାଇଥିଲା; ଯାହା ସେମାନଙ୍କ ଅନ୍ୟାୟ ଆଚରଣକୁ ଅନେକ ପରିମାଣରେ ସୁଧାରିବା ସହ କାର୍ଯ୍ୟକୁ ତ୍ୱରାନିତ କରିପାରିଛି। ଏହି ରିପୋର୍ଟ ଅନୁସାରେ, ଉକ୍ତ ଅଦାଲତଗୁଡ଼ିକରେ ୨୦୧୪ ଡିସେମ୍ବର ସୁଦ୍ଧା ୩୧.୧୬ ଦେୱାନୀ ଓ ୧୦.୩୭ ଲକ୍ଷ ଫୌଜଦାରୀ ମୋକଦ୍ଦମା ବିଚାରଧୀନ ଥିଲା। ସେଥିରୁ ଦଶବର୍ଷରୁ ପୁରୁଣା ଦେୱାନୀ ମୋକଦ୍ଦମା ସଂଖ୍ୟା ୫.୮୯ ଲକ୍ଷ ଓ ଫୌଜଦାରୀ ମୋକଦ୍ଦମା ସଂଖ୍ୟା ୧.୮୭ ଲକ୍ଷ। ସେହି ସମୟ ପର୍ଯ୍ୟନ୍ତ ନିମ୍ନ ଅଦାଲତଗୁଡ଼ିକରେ ୮୨.୩୪ ଲକ୍ଷ ଦେୱାନୀ ଓ ୧.୮୨ କୋଟିରୁ ଅଧିକ ଫୌଜଦାରୀ ମୋକଦ୍ଦମା ବିଚାର ଅପେକ୍ଷାରେ ଥିଲା। ସେଥିରୁ ଦଶବର୍ଷରୁ ଅଧିକ କାଳ ପଡ଼ିରହିଥିବା ଦେୱାନୀ ମୋକଦ୍ଦମା ସଂଖ୍ୟା ୬ ଲକ୍ଷ ଥିବାବେଳେ ଫୌଜଦାରୀ ମୋକଦ୍ଦମା ସଂଖ୍ୟା ୧୪ ଲକ୍ଷରୁ ଅଧିକ। କହିବା ବାହୁଲ୍ୟ ଯେ ଏତେସଂଖ୍ୟକ ମୋକଦ୍ଦମାର ବିଚାର ପାଇଁ ଆବଶ୍ୟକ ସଂଖ୍ୟକ ବିଚାରପତି ଓ ଅନ୍ୟ ଅଧିକାରୀ ମଧ୍ୟ ଆବଶ୍ୟକ; କିନ୍ତୁ ସରକାର ଓ ନ୍ୟାୟପାଳିକା ମଧ୍ୟରେ ଥିବା ମତଭେଦ ବିଚାର ବିଭାଗୀୟ ନିଯୁକ୍ତି କ୍ଷେତ୍ରରେ ବଡ ପ୍ରତିବନ୍ଧକ ସାଜିଛି। ଅପରପକ୍ଷେ ନିମ୍ନ ଅଦାଲତଗୁଡ଼ିକରେ ବିଚାରପତି ନିଯୁକ୍ତିକି ଅଧିକ ସ୍ୱଚ୍ଛ ଓ ତ୍ୱରାନ୍ୱିତ କରାଯିବାର ଆବଶ୍ୟକତା ରହିଛି।

## ଡୋକଲାମ ପରବର୍ତ୍ତୀ ପ୍ରସ୍ତୁତି

**ସୁକାନ୍ତ ପଣ୍ଡା**

ବିଗତ ତିନିମାସର ଉତ୍ତେଜନା ପରେ ଏବେ ଡୋକଲାମକୁ ନେଇ ସାମୟିକ ଶାନ୍ତି ଆସିଛି ବୋଲି କହିବାକୁ ହେବ । ଯେଉଁଥିପାଇଁ ଭାରତର ସ୍ଥଳ ସେନାମୁଖ୍ୟ ବିପିନ ରାୱତ୍ ପାକ-ଚୀନ ଆକ୍ରମଣ ପାଇଁ ଭାରତ ସବୁବେଳ ପାଇଁ ପ୍ରସ୍ତୁତ ରହିବାକୁ ପରାମର୍ଶ ଦେଇଛନ୍ତି । ମୋଦିଙ୍କ ବ୍ରିକ୍ସ ଆଲୋଚନା ପରେ ଜେନେରାଲ ରାୱତଙ୍କ ଏପରି ବକ୍ତବ୍ୟକୁ ଚୀନା କର୍ତ୍ତୃପକ୍ଷ ନାପସନ୍ଦ କରି ସମାଲୋଚନା କରିଥିଲେ ମଧ୍ୟ ଏହାକୁ ଭବିଷ୍ୟତର ସମ୍ଭାବନା ବୋଲି ଗ୍ରହଣ କରିବାକୁ ହେବ । ସୀମାନ୍ତର ଶାନ୍ତି ସ୍ଥାୟୀ ଶାନ୍ତି ନୁହେଁ ବୋଲି ବିଚାର କରି ସାମରିକ ପ୍ରସ୍ତୁତିକୁ ଆଗେଇ ନେବାକୁ ହେବ । ସୀମାନ୍ତର ସଡକ ସେତୁ, ଟନେଲ, ସେନାଘାଟୀ ସ୍ଥାପନା, ଉତ୍ତମ ଯୋଗାଯୋଗ ବ୍ୟବସ୍ଥାକୁ ସୁଦୃଢ କରିବାକୁ ହେବ ବୋଲି ପରୋକ୍ଷରେ ସେନାମୁଖ୍ୟ ପ୍ରକାଶ କଲେଣି ।

ବ୍ରିକସ୍ ସମ୍ମିଳନୀରୁ ଫେରିବାପରେ ଭାରତର ପ୍ରଧାନମନ୍ତ୍ରୀ ଛୋଟମୋଟ ବିବାଦକୁ ସଂପର୍କରେ ପ୍ରତିବନ୍ଧକ ସୃଷ୍ଟି ହେବ ନାହିଁ ବୋଲି କହିଛନ୍ତି । ଏପରିକି ଚୀନଗସ୍ତ ପୂର୍ବରୁ ମନ୍ତ୍ରିମଣ୍ଡଳରେ ପରିବର୍ତ୍ତନ କରିଥିବା ମୋଦି କିଛି କେନ୍ଦ୍ରୀୟ ମନ୍ତ୍ରୀଙ୍କ ଚୀନା ବିରୋଧୀ ମନ୍ତବ୍ୟକୁ ମଧ୍ୟ ନାପସନ୍ଦ କରି ଅସନ୍ତୋଷ ବ୍ୟକ୍ତ କରିଥିଲେ । ନେହେରୁ ମଧ୍ୟ ମୋଦିଙ୍କ ପରି ଚୀନ ବିରୋଧୀ ବକ୍ତବ୍ୟକୁ ଗ୍ରହଣ କରିପାରୁନଥିଲେ । ପରବର୍ତ୍ତୀ ସମୟରେ ପରିଣାମ କଣ ହୋଇଛି ସେ ସଂପର୍କରେ ଅଧିକ କୁହାଯିବା ଦରକାର ନାହିଁ । କିନ୍ତୁ ସରକାରକୁ ଆସିବାର ତିନିବର୍ଷ ପରେ ମଧ୍ୟ ଯେପରି ଦେଶର କୁଟୀରଶିଳ୍ପକୁ ପ୍ରାଧାନ୍ୟ ଦିଆଯିବା, ବିଦେଶୀ ଦ୍ରବ୍ୟର ଆମଦାନୀ ହ୍ରାସ କରିବା, ଆର୍ଥିକ ନୀତିରେ ପରିବର୍ତ୍ତନ, ବିଦେଶୀ ପୁଞ୍ଜିନିବେଶ ବୃଦ୍ଧି, ବିଦେଶକୁ ରପ୍ତାନୀରେ ବୃଦ୍ଧି, ଇଲେକଟ୍ରୋନିକ୍ସ ଉପକରଣର ଭାରତରେ ଉତ୍ପାଦନ ବୃଦ୍ଧି ଆବଶ୍ୟକ ସ୍ଥଳେ ପ୍ରତିଯୋଗିତାରେ ତିଷ୍ଠିବା ପାଇଁ ସେମାନଙ୍କୁ ଅଧିକ ସୁବିଧା ପ୍ରଦାନ କରିବା ନେଇ ସରକାର ବହୁତ କିଛି କାର୍ଯ୍ୟ କରିପାରିନାହାନ୍ତି । କେନ୍ଦ୍ର ସରକାରଙ୍କ ଅଧିକାଂଶ ମନ୍ତ୍ରୀ ଜିଡିପିର ବୃଦ୍ଧି ହାରକୁ ନେଇ ଭାଷଣ ସିନା ଦେଉଛନ୍ତି କିନ୍ତୁ ଚୀନ ଭାରତ ମଧ୍ୟରେ ବାଣିଜ୍ୟିକ ଅସନ୍ତୁଳନ କଥା କହୁନାହାନ୍ତି । ଚୀନରେ ବିଦେଶୀ ପୁଞ୍ଜି ନିବେଶ ୧୨୬ ମିଲିଅନ ଡଲାର ହୋଇଥିଲା ବେଳେ ପାକିସ୍ଥାନରେ ଚୀନର ନିବେଶ ୪୬ମିଲିଅନ ଡଲାର । ଚୀନ ଭାରତରୁ ୧୦ ମିଲିଅନ ଡଲାରର କ୍ରୟ କରୁଥିଲାବେଳେ ଭାରତ ୫୧ମିଲିଅନ ଡଲାର ଚୀନକୁ ପ୍ରତିବର୍ଷ ଦେଉଛି । ଏସବୁ ଅସନ୍ତୁଳନର ସ୍ଥିତିକୁ କିପରି ବଦଳାଯିବ ସେ ଦିଗରେ ସରକାର ଅଧିକ ଧ୍ୟାନ ଦେବା ଆବଶ୍ୟକ ।

ବାର୍ଷିକ ୨୦୯୭ ମିଲିଅନ ଡଲାର ବିଦେଶକୁ ରପ୍ତାନୀ କରୁଥିବା ଚୀନର ବିଶ୍ୱବାଣିଜ୍ୟରେ ଅଂଶୀଦାରୀ ମାତ୍ର ୧୪ ପ୍ରତିଶତ । ବାଣିଜ୍ୟ କ୍ଷେତ୍ରରେ ଚୀନ ବାର୍ଷିକ ୫୦୯ ମିଲିଅନ ଅଧିକ ସ୍ଥିତିରେ ଅଛି । ଚୀନର ସେନା ପାଖରେ ଯେତିକି ଶକ୍ତି ନାହିଁ ଅଧିକ ଶକ୍ତି ରହିଛି ୩୦୦୦ ମିଲିଅନ ଡଲାରର ବିଦେଶୀ ମୁଦ୍ରା ଭଣ୍ଡାରରେ । ତେଣୁ କେବଳ ସାମରିକ କ୍ଷେତ୍ରରେ ବିକାଶ, ଯୁଦ୍ଧାସ୍ତ୍ର କ୍ରୟ,ସେନା ସଂଖ୍ୟାରେ ବୃଦ୍ଧିକୁ ନେଇ ଦେଶ ନିଜକୁ ସକ୍ଷମ କରିପାରିବ ନାହିଁ, ଆର୍ଥିକ ଓ ବାଣିଜ୍ୟିକ ଦୃଷ୍ଟିରୁ ଦେଶକୁ ସକ୍ଷମ କରିବାକୁ ହେବ । ଭାରତର ଉତ୍ପାଦ ପାଇଁ ବିଶ୍ୱବ୍ୟାପି ବଜାର ସୃଷ୍ଟି ଉପରେ ସରକାରଙ୍କୁ ଅଧିକ ଦୃଷ୍ଟିଦେବାକୁ ହେବ । ଉତ୍ପାଦରେ ଗୁଣାତ୍ମକ ମାନବୃଦ୍ଧି,ଉତ୍ପାଦନ କ୍ଷେତ୍ରରେ ତୁଳନାତ୍ମକ ଦୃଷ୍ଟିରୁ କମ୍ ଖର୍ଚ୍ଚ ଉପରେ ଜୋର ଦେବାକୁ ହେବ । ନିକଟତର ଦେଶଗୁଡ଼ିକର ବଜାରରେ ଭାରତର ଉତ୍ପାଦଗୁଡ଼ିକର ସ୍ଥିତିକୁ ମଜବୁତ କରିବାକୁ ସରକାରଙ୍କ ତରଫରୁ କେତେକ ଅଧିକ ସୁବିଧା ଦେବାକୁ ହେବ,ଯେପରି ସେମାନେ ଚୀନା ବସ୍ତୁଗୁଡ଼ିକ ସହ ବିଶ୍ୱ ବଜାରରେ ପ୍ରତିଯୋଗିତା କରିପାରିବେ । ସେହିପରି ଆବଶ୍ୟକସ୍ଥଳେ ଚୀନା ବସ୍ତୁ ଉପରୁ ନିର୍ଭରଶୀଳତା ହ୍ରାସ କରିବାକୁ ଜୋର ଦେବାକୁ ହେବ । ଏ କ୍ଷେତ୍ରରେ ଜିଓ-ମୋବାଇଲ ଏକ ଉଦାହରଣ । ଗତ ଅଗଷ୍ଟ ମାସରେ ତିନିଦିନ ମଧ୍ୟରେ ଜିଓ ପକ୍ଷରୁ ଆଗୁଆ ବୁକିଂ କରାଯାଇଥିବା ୩୦ଲକ୍ଷ ମୋବାଇଲର ଯୋଗାଣ ପାଇଁ ଜିଓ ପକ୍ଷରୁ ଚୀନର ପ୍ରତିଦ୍ୱନ୍ଦୀ ତାଇୱାନର କମ୍ପାନୀକୁ ଅର୍ଡର ପ୍ରଦାନ କରାଯାଇଛି। ଭାରତରେ ବ୍ୟବସାୟ କରୁଥିବା ଭିଭୋ, ଅପ୍ପୋ, ଜିଓନୀ ପରି ଚୀନର କମ୍ପାନୀଗୁଡ଼ିକ ଏହି ଏକକାଳୀନ ଅର୍ଡର ପାଇବାକୁ ଆଶା ରଖିଥିବାବେଳେ ସେମାନଙ୍କୁ ନିରାଶ ହେବାକୁ ପଡ଼ିଛି । ସେହିପରି ଦେଶର କେତେକ ପ୍ରମୁଖ ବାଣିଜ୍ୟିକ ସଂଗଠନ ଆଗାମୀ ଦିନରେ ଚୀନାଦ୍ରବ୍ୟର ବିକଳ୍ପ ଖୋଜିବାକୁ ଘୋଷଣା କରିବା ପ୍ରଶଂସନୀୟ । ଚୀନ ସହ ଭାରତର ସାମରିକ ଯୁଦ୍ଧ ତୁଳନାରେ ପ୍ରତିଦିନ ଆର୍ଥିକ ଯୁଦ୍ଧ ଚାଲିବ, ଏଥିରେ ସନ୍ଦେହ ନାହିଁ । ଚୀନର ପ୍ରାଚୀନ ଯୁଦ୍ଧଗୁରୁ ସୁନାତ୍ସୁ କହିଥିଲେ ଯେ "ବିନା ଯୁଦ୍ଧରେ ଶତ୍ରୁକୁ ପରାସ୍ତ କରିବା ହେଉଛି ସବୁଠୁ ଭଲ ଯୁଦ୍ଧକଳା । ଏହି କଳା ଆର୍ଥିକ ଶକ୍ତିରୁ ହିଁ ମିଳିଥାଏ ।" ତେଣୁ ସବୁବେଳେ ଚୀନାମିଡିଆ ସେମାନଙ୍କ ଆର୍ଥିକ କ୍ଷମତାକୁ ପ୍ରଦର୍ଶନ କରିବାକୁ ଚାହିଁଥାନ୍ତି । ହେଲେ ଭାରତ କେବଳ ବାଣିଜ୍ୟ କୈନ୍ଦ୍ରିକ ଶକ୍ତିବୃଦ୍ଧି ନୁହେଁ ସାଂସ୍କୃତିକ ଓ ଧାର୍ମିକ ଦୃଷ୍ଟିରୁ ଶକ୍ତିବୃଦ୍ଧି କରିବା ଆବଶ୍ୟକ । ଚୀନର ପାଖ ପଡ଼ୋଶୀ ଥାଇଲାଣ୍ଡ, ନେପାଳ, ଇଣ୍ଡୋନେସିଆ ଆଦି ଦେଶରେ ହିନ୍ଦୁ ସଂସ୍କୃତି ଓ ଧର୍ମର ବ୍ୟାପକ ପ୍ରଭାବ ଥିଲାବେଳେ ଭୁଟାନ, ଭିଏତନାମ, ମ୍ୟାନମାର କାମ୍ବୋଡିଆ, ଜାପାନ ଆଦି ଦେଶରେ ବୌଦ୍ଧଧର୍ମର ପ୍ରଭାବ ରହିଛି । ଭାରତ ଏସବୁ ଦେଶଗୁଡ଼ିକ ସହ ସଂପର୍କ ବୃଦ୍ଧି କରିବା ସହ ସାଂସ୍କୃତିକ ଓ ଧାର୍ମିକ ପର୍ଯ୍ୟଟନକୁ ବିକଶିତ କରିବାପାଇଁ ଯଥେଷ୍ଟ ସୁଯୋଗ ରହିଛି ।

## ଭାରତରେ ଯୁଦ୍ଧାସ୍ତ୍ର ନିର୍ମାଣ

**ସୌମେନ୍ଦ୍ର ଜେନା**

ନିକଟରେ ଚେନ୍ନାଇଠାରେ ୧୦ମ ଡିଫେକ୍ସପୋ-୨୦୧୮ ଆୟୋଜିତ ହୋଇଥିଲା । ଏଥିରେ ଭାରତ ସମେତ ବିଦେଶରୁ ୬୭୦ ଯୁଦ୍ଧାସ୍ତ୍ର ନିର୍ମାତା ଅଂଶଗ୍ରହଣ କରି ସେମାନଙ୍କ ଯୁଦ୍ଧାସ୍ତ୍ରଗୁଡ଼ିକୁ ପ୍ରଦର୍ଶିତ କରିଥିଲେ । ସେହି ପ୍ରଦର୍ଶନୀକୁ ଉଦଘାଟନ କରି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଶ୍ୱସ୍ତରୀୟ ଯୁଦ୍ଧ ସରଞ୍ଜାମଗୁଡ଼ିକର ସ୍ଥାନୀୟ ଉତ୍ପାଦନ ଉପରେ ଅଧିକ ଜୋର ଦେଇଥିଲେ । ସେହି ଲକ୍ଷ୍ୟରେ ଏବେ କେନ୍ଦ୍ର ସରକାର ଭାରତରେ ଯୁଦ୍ଧାସ୍ତ୍ର ଉତ୍ପାଦନ ନିମନ୍ତେ ୧୫ହଜାର କୋଟି ଟଙ୍କାର କାର୍ଯ୍ୟାଦେଶ ପ୍ରଦାନ ପାଇଁ ମଞ୍ଜୁର କରିଥିବା ପ୍ରକାଶ । ଆଗାମୀ ୧୦ବର୍ଷରେ ପ୍ରତିରକ୍ଷା ଉତ୍ପାଦନ କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ବଢ଼ାଇବା ଲକ୍ଷ୍ୟରେ ୧୭୦୦୦୦କୋଟିର କାର୍ଯ୍ୟ ଜାରିରହିଥିବା ଜଣାଯାଇଛି । ମେକ ଇନ୍ ଇଣ୍ଡିଆ ଯୋଜନାରେ ବିଦେଶୀ ଜ୍ଞାନ କୌଶଳ ଯୁକ୍ତ ଅସ୍ତ୍ରଶସ୍ତ୍ର ଭାରତୀୟ କମ୍ପାନୀମାନଙ୍କ ସହଯୋଗ କ୍ରମେ ବିଦେଶୀ କମ୍ପାନୀ ଭାରତରେ ନିର୍ମାଣ କରିବାପାଇଁ ଚୁକ୍ତିବଦ୍ଧ ହୋଇଛନ୍ତି । ପ୍ରାଥମିକ ସ୍ତରରେ ଭିନ୍ନ ଭିନ୍ନ ଦୂରତାକୁ ଉତ୍କ୍ଷେପଣ କରାଯାଇପାରୁଥିବା ରକେଟ,ଏଆର ଡିଫେନ୍ସ ବ୍ୟବସ୍ଥା, ସେନାବନ୍ଧୁକ, ସାମରିକ ଯାନବାହନ, ଗ୍ରେନେଡ ଲଞ୍ଚର ସମେତ ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ରର ଉତ୍ପାଦନ ଯୋଜନା ରହିଛି । ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଏହାର ଉତ୍ପାଦନ କାର୍ଯ୍ୟ ହେବ । ଭାରତକୁ ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହେବାପାଇଁ ଡ.ଏ.ପି.ଜେ.ଅବଦୁଲ କଲାମ କମିଟି ୨୦୦୫ସୁଦ୍ଧା ୭୦ପ୍ରତିଶତ ସାମଗ୍ରୀର ସ୍ୱଦେଶୀକରଣ ପାଇଁ ପରାମର୍ଶ ଦେଇଥିଲେ । ସେ ଦୃଷ୍ଟିରୁ ବିଚାରିଲେ ଆମେ କେତେ ପଛରେ ରହିଛୁ ଏଥିରୁ ଜାଣିହେବ । ୨୦୨୫ରୁ ୨୦୨୮ ମଧ୍ୟରେ ପ୍ରାୟ ସମସ୍ତ ଉପକରଣ ଭାରତରେ ନିର୍ମାଣ କରିବାର ଲକ୍ଷ୍ୟ ଭାରତ ସରକାର ରଖିଛନ୍ତି । ପ୍ରତିରକ୍ଷା ମନ୍ତ୍ରଣାଳୟ ୨୦୨୫ମଧ୍ୟରେ ହାଇଟେକ ଅସ୍ତ୍ରଶସ୍ତ୍ର, ସୁରକ୍ଷା ଉପକରଣ, ଯୁଦ୍ଧବିମାନ ଏବଂ ବୁଡ଼ାଜାହାଜ ପାଇଁ ୨୫୦ ମିଲିଅନ ଡଲାର ଖର୍ଚ୍ଚ କରିବାର ଲକ୍ଷ୍ୟ ରଖିଛନ୍ତି । କେନ୍ଦ୍ର ସରକାରଙ୍କ ମେକ ଇନ ଇଣ୍ଡିଆ ଯୋଜନା କାର୍ଯ୍ୟକାରୀ ହେବାପରେ ଦେଶରେ ଯୁଦ୍ଧାସ୍ତ୍ର ନିର୍ମାଣ ଉଦ୍ୟୋଗ ବୃଦ୍ଧିପାଇବାରେ ଲାଗିଛି । ଅଧିକରୁ ଅଧିକ ପ୍ରତିଷ୍ଠିତ ଉଦ୍ୟୋଗଗୁଡ଼ିକ ଯୁଦ୍ଧାସ୍ତ୍ର ଉତ୍ପାଦନ ପାଇଁ ପୁଞ୍ଜିନିବେଶ କରିବାକୁ ଆଗେଇ ଆସିଛନ୍ତି । ମିଳିତ ଉଦ୍ୟୋଗ କ୍ଷେତ୍ରରେ ଏହି ସ୍ୱଦେଶୀ କମ୍ପାନୀଗୁଡ଼ିକ ବିଦେଶୀ କମ୍ପାନୀଗୁଡ଼ିକ ସହ ମିଳିତ ଭାବେ ଉତ୍ପାଦନ କରିବାକୁ ବୁଝାମଣା କରିଛନ୍ତି । ଯୁଦ୍ଧାସ୍ତ୍ର ନିର୍ମାଣ କ୍ଷେତ୍ରରେ ପ୍ରତିଷ୍ଠିତ ଭାରତୀୟ କମ୍ପାନୀ ଟାଟା, ରିଲାଏନସ, ଗୋଦରେଜ, ଭାରତ ଫୋର୍ଜ, ମହୀନ୍ଦ୍ର, କିର୍ଲୋସ୍କର, ଏଲଏଣ୍ଡଟି, କଲ୍ୟାଣୀ, ଅଶୋକ ଲେଲାଣ୍ଡ, ଆଦାନୀଙ୍କ ପରି ପରିଚିତ କମ୍ପାନୀକୁ ଛାଡ଼ିଦେଲେ ଅନେକ ନୂଆ କମ୍ପାନୀମାନେ ମଧ୍ୟ ଏହି ବ୍ୟବସାୟରେ ଯୋଡ଼ି ହୋଇଛନ୍ତି । ସରକାରଙ୍କ ସଂସ୍ଥା ହାଲ ଏବଂ ଭେଲ ଛଡ଼ା ସିପୟାର୍ଡଗୁଡ଼ିକ ଏଥିରେ ଯୋଡ଼ି ହୋଇଛନ୍ତି । ଟାଟା ଗୋଷ୍ଠୀର ୫ଟି କମ୍ପାନୀ ପ୍ରତିରକ୍ଷା ବ୍ୟବସାୟରେ ଥିବା ଯୋଗୁ ଚଳିତବର୍ଷ ଜୁନମାସ ସୁଦ୍ଧା ସେଗୁଡ଼ିକୁ ଟାଟାସନ୍ସ ଅଧିନକୁ ଆଣିବା ପାଇଁ ପ୍ରସ୍ତୁତି ଚାଲିଛି । ୨୦୧୭ରୁ ଏସବୁ କମ୍ପାନୀକୁ ଏକ ସଂଗଠନକୁ ଆଣି ବ୍ୟବସ୍ଥାକୁ ସୁଦୃଢ ଏବଂ ଆର୍ଥିକ ବ୍ୟବସ୍ଥା ଶୃଙ୍ଖଳିତ କରିବାକୁ କମ୍ପାନୀ ଉଦ୍ୟମ ଜାରି ରଖିଛି । ଜେନେରାଲ ଇଲେକଟ୍ରିକାଲ୍ କମ୍ପାନୀ ପାଇଁ ଦକ୍ଷିଣ-ଏସିଆ କାର୍ଯ୍ୟ ଦାୟିତ୍ୱରେ ଥିବା ବନମାଳୀ ଅଗ୍ରୱାଲଙ୍କୁ ଟାଟାସନ୍ସ ଚେଆରମେନ ଏନ ଚନ୍ଦ୍ରଶେଖରନ ଦାୟିତ୍ୱ ଦେବାପରେ ପ୍ରତିରକ୍ଷା ବ୍ୟବସାୟରେ ଟାଟାକୁ ପ୍ରତିଷ୍ଠା ଦେବାପାଇଁ ଏହା ହେଉଥିବା ଜଣାଯାଏ । କାରଣ ଭାରତ ସରକାର ଅଳ୍ପ କେତେକ ସ୍ୱଦେଶୀ କମ୍ପାନୀକୁ ପ୍ରତିରକ୍ଷା କ୍ଷେତ୍ରରେ ଷ୍ଟ୍ରାଟେଜିକ୍ ପାର୍ଟନର ଭାବେ ବିଦେଶୀ କମ୍ପାନୀ ସହ କାର୍ଯ୍ୟ କରିବାକୁ ସୁଯୋଗ ଦେବାକୁ ଚାହୁଁଛନ୍ତି । ତେଣୁ ଅଲଗା ଅଲଗା କାର୍ଯ୍ୟରତ ଟାଟା କମ୍ପାନୀଗୁଡ଼ିକ ଗୋଟିଏ ବ୍ୟବସ୍ଥା ମଧ୍ୟକୁ ଆସିଲେ ପ୍ରତିରକ୍ଷା ବ୍ୟବସାୟରେ ଟାଟା ଗୋଷ୍ଠୀ ସବୁଠୁ ବଡ କମ୍ପାନୀ ହୋଇଯିବ, ଯାହାକୁ ବିଦେଶୀ କମ୍ପାନୀମାନେ ଅଧିକ ଗୁରୁତ୍ୱ ଦେବେ । ଏହି ଏକୀକରଣ ବ୍ୟବସ୍ଥାରେ ଥିବା କମ୍ପାନୀ ଟାଟା ଆଡଭାନସଡ ସିଷ୍ଟମସ୍ କ୍ଷେପଣାସ୍ତ୍ର ବ୍ୟବସ୍ଥା, ଏରୋସ୍ପେସ୍, ରାଡାର ଅପଟ୍ରୋନିକ୍ସ, ୟୁଏଭି କମାଣ୍ଡ ଏଣ୍ଡ କଣ୍ଟ୍ରୋଲ ସିଷ୍ଟମ କ୍ଷେତ୍ରରେ କାର୍ଯ୍ୟକରୁଛି । ସେମିତି ଅନ୍ୟ ଏକ କମ୍ପାନୀ ଟାଟା ଆଡଭାନସଡ୍ ମାଟେରିଆଲସ୍ ବ୍ୟକ୍ତିଗତ ଶସ୍ତ୍ର, ଯାନରେ ଖଞ୍ଜା ଯାଇଥିବା ଶସ୍ତ୍ର ସ୍ପେସାଲ ଫେନସ ଆପ୍ଲିକେସନ କ୍ଷେତ୍ରରେ କାର୍ଯ୍ୟକରୁଛି । ଟାଟା ପାୱାର ସେଡ କମ୍ପାନୀ ଅସ୍ତ୍ର ବ୍ୟବସ୍ଥା, ଇଲେକ୍ଟ୍ରୋନିକ୍ ଯୁଦ୍ଧାସ୍ତ୍ର, ସେନସର ଆଦି ନିର୍ମାଣ କରୁଛି । ସେମିତି ଟାଟା ମୋଟର୍ସ ଡିଫେନ୍ସ ସେନାବାହିନୀ ଆବଶ୍ୟକ କରୁଥିବା ପରିବହନ ଯାନ, ଯୁଦ୍ଧାସ୍ତ୍ର ଖଞ୍ଜାଯାଇଥିବା ସ୍ୱତନ୍ତ୍ର ଯାନ, ସେନାଙ୍କ ପାଇଁ ପ୍ରସ୍ତୁତ ଯାନ ଏବଂ ମାଇନଠାରୁ ସୁରକ୍ଷିତ ରହିଲା ପରି ଯାନବାହନ ନିର୍ମାଣ କରିଆସୁଛି । ଶେଷ କମ୍ପାନୀ ଟାଟା ଟେକନୋଲୋଜିଜ୍ ଏରୋସ୍ପେସ, ପ୍ରତିରକ୍ଷା ଇଞ୍ଜିନିୟରିଂ ଓ ଗବେଷଣା ପାଇଁ କାର୍ଯ୍ୟ କରୁଛି । ଭାରତରେ ଯେଉଁସବୁ ଯୁଦ୍ଧାସ୍ତ୍ର ନିର୍ମିତ ହେବ ସେଥିପାଇଁ ଉଚ୍ଚସ୍ତରୀୟ ବିଶେଷଜ୍ଞ କମିଟି ତିନି ସେନାବାହିନୀର ଲୋକଙ୍କୁ ନେଇ ଗଠନ କରାଯାଇଛି । ସରକାରୀ ଏବଂ ବେସରକାରୀ ଶିଳ୍ପରେ ଯୁଦ୍ଧାସ୍ତ୍ର ନିର୍ମାଣର ଗୁଣାତ୍ମକମାନ ସହିତ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଯେପରି ଉତ୍ପାଦନ ହୋଇପାରିବ ସେଥିପାଇଁ ଏହି ବିଶେଷଜ୍ଞ କମିଟି ପରାମର୍ଶ ଦେବେ ।

ଅତ୍ୟାଧୁନିକ ଓ ସମ୍ବେଦନଶୀଳ ଜ୍ଞାନକୌଶଳ ଆଦି ଡିଆରଡିଓ, ଭାବା ଆଣବିକ କେନ୍ଦ୍ର ପରି ସଂସ୍ଥା ଯୋଗାଇଦେବେ । ତେଣୁ ଭାରତ-ୟୁକ୍ରେନ ମଧ୍ୟରେ ୧୩୦କୋଟିର ପ୍ରତିରକ୍ଷା ବୁଝାମଣା ହୋଇଛି । ଭାରତ ସରକାରଙ୍କ ଭେଲ ସହ ୟୁକ୍ରୋବୋରୋନପ୍ରୋମ କମ୍ପାନୀ ମିଳିତ ଭାବେ ସାମରିକ ଯାନଗୁଡ଼ିକର ଆଧୁନିକୀକରଣ, ଅତ୍ୟାଧୁନିକ ରାଡାର ଏବଂ ଯନ୍ତ୍ରାଂଶ ଆଦି ନିର୍ମାଣ କରିବ । ସେହିପରି ବାଙ୍ଗାଲୋରସ୍ଥିତ ହିନ୍ଦୁସ୍ଥାନ ଏରୋନଟିକସ ଲିମିଟେଡ (ହାଲ) ସହ ୟୁକ୍ରେନର ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନକାରୀ ସଂସ୍ଥା ମୋଟୋର୍ସିଚ ଜେଏସସି ଏଣ୍ଡ ଇଭାଙ୍କୋ ପ୍ରୋଗ୍ରେସ ଏସଇ ମିଳିତ ଭାବେ ସାମରିକ ଏବଂ ବେସାମରିକ ବିମାନ ପାଇଁ ବ୍ୟବହୃତ ବିମାନ ଇଞ୍ଜିନ ନିର୍ମାଣ କରିବେ । ସେମିତି ଇଲେକଟ୍ରୋ ମାଗ୍ନେଟିକ୍ ରେଲଗନ ବା ଦ୍ରୁତ ଗୁଳିବର୍ଷଣକାରୀ ଚଳମାନ ବନ୍ଧୁକ ନିର୍ମାଣ ପାଇଁ ଭାରତର ଟାଟା ଓ ଭାରତ ଫୋର୍ଜର ମିଳିତ ଉଦ୍ୟମ କ୍ରମେ ଭାରତ ସରକାରଙ୍କ ପ୍ରତିରକ୍ଷା ଗବେଷଣା ବିକାଶ ସଂସ୍ଥା (ଡିଆରଡିଓ)ର ମାର୍ଗଦର୍ଶନରେ କାର୍ଯ୍ୟ ଜାରି ରହିଛି । ଏକାଥରେ ୨କିମି ଦୂରକୁ ସେକେଣ୍ଡ ପିଛା ୧୦୦ କି.ଗ୍ରା ଓଜନର ଗୋଳା ଏହି ବନ୍ଧୁକରୁ ଛଡ଼ାଯାଇ ପାରିବ । ଗତ ୨ବର୍ଷ ମଧ୍ୟରେ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ଶେଷହୋଇଛି । ସରକାର ୬ଟି ବନ୍ଧୁକ ନିର୍ମାଣ ପାଇଁ କାର୍ଯ୍ୟାଦେଶ ଦେଇଥିଲେ । ଆଗାମୀ ଦିନରେ ଏହି ବନ୍ଧୁକକୁ ବିଦେଶୀ ରାଷ୍ଟ୍ରକୁ ରପ୍ତାନୀ କରାଯିବା ଲକ୍ଷ୍ୟ ରଖାଯାଇଛି । ନୋଏଡାର ଏଲ୍‌କମ୍ପୋନିକସ୍ ଏକ୍ରୋବ ଟେକନୋଲୋଜି ସହ ମସ୍କୋର ସ୍କୋଲକୋଭୋ ଇନୋଭେସନ ସେଣ୍ଟର ମିଳିତ ଭାବେ ରୁଷିଆର ମାନବବିହୀନଯାନ ପବନସୂତ-୫ଏଟି, ପବନସୂତ-ବିଏଚ୍ ନିର୍ମାଣ ପାଇଁ ଚୁକ୍ତିବଦ୍ଧ ହୋଇଛି । ୨୦୧୬ରୁ କାର୍ଯ୍ୟରତ ଏହି ମିଳିତ ଉଦ୍ୟୋଗ ପବନସୂତ ୩୦ଭିଆର ମଧ୍ୟ ନିର୍ମାଣ କରିବ । କାନପୁରସ୍ଥିତ ପ୍ରତିରକ୍ଷା ସାମଗ୍ରୀ ନିର୍ମାତା ମୁକେଶ କୁମାର ଉପାଧ୍ୟାୟ ଲିମିଟେଡ ସହ ଫ୍ରାନସର ଥେଲସ ମିଶି ଏଫ-୯୦ ଯୁଦ୍ଧାସ୍ତ୍ର ନିର୍ମାଣ କରିବ । ଏହି ବନ୍ଧୁକ ସେନା ଓ ପୁଲିସଙ୍କୁ ଦିଆଯାଇ ପାରିବ । ଏହି ସଂସ୍ଥା ରାତିରେ ଦେଖିପାରିବା ଭଳି ଚଷମା, ଦୂରବୀକ୍ଷଣ ଯନ୍ତ୍ର ଆଦି ନିର୍ମାଣ କରିବ । ଏବେ ୧,୫୮,୨୭୯ଟି ବାଲିଷ୍ଟିକ କ୍ଷେପଣାସ୍ତ୍ର ସ୍ଥଳସେନା ଏବଂ ନୌସେନା ପାଇଁ ସଂସ୍ଥା ନିର୍ମାଣ କରିବ । ରୋକ୍ସିଫସିଲ ସହ ମିଶି ଏହି ଭାରତୀୟ କମ୍ପାନୀ କାର୍ଯ୍ୟକରୁଛି । ୧୯୫୩ରୁ କାର୍ଯ୍ୟରତ ଏହି ଭାରତୀୟ କମ୍ପାନୀ ଫିଲିପାଇନସ, ଫ୍ରାନସ, ଇଜିପଟ୍ ଆଦି ଦେଶକୁ ପ୍ରତିରକ୍ଷା ସାମଗ୍ରୀ ଯୋଗାଇ ଆସୁଛି । ବୁଲେଟପ୍ରୁଫ ଜ୍ୟାକେଟ ୟୁରୋପୀୟ ଦେଶଗୁଡ଼ିକୁ ମଧ୍ୟ ଯୋଗାଉଛି । ଏବେ ଜର୍ମାନୀ, ଇକ୍ୱେଡର, ଜାପାନ, ଫ୍ରାନସ, ଇଟାଲୀ ଆଦି ଏହି କମ୍ପାନୀର ଗ୍ରାହକ ରହିଛନ୍ତି । ଏହି କମ୍ପାନୀ ବୋଲଟମୁକ୍ତ ମୁକୁଟ ହେଲମେଟ ଭାରତୀୟ ସେନାଙ୍କ ପାଇଁ ପ୍ରସ୍ତୁତ କରୁଛି । ଜର୍ମାନୀରେ କମ୍ପାନୀର ବାଲିଷ୍ଟିକ ଟେଷ୍ଟିଂଲ୍ୟାବ ରହିଛି । ଏହି ସ୍ୱଦେଶୀ କମ୍ପାନୀ ୨୩ଟି ବିଦେଶୀ ରାଷ୍ଟ୍ରଙ୍କୁ ପ୍ରତିରକ୍ଷା ସାମଗ୍ରୀ ଯୋଗାଇଆସୁଛି । ଏପରିକି ଗ୍ରିପେନ ଯୁଦ୍ଧ ବିମାନରେ ମଧ୍ୟ ଏହି କମ୍ପାନୀର ଯନ୍ତ୍ରାଂଶ ଲାଗିଛି । ଟାଟା ଆଡଭାନସଡ୍ ସିଷ୍ଟମସ୍ ଲିମିଟେଡ୍ (ଟିଏଏସଏଲ) ଆମେରିକାର ବୋଇ କମ୍ପାନୀ ସହ ମିଶି ୨୦୧୫ରୁ ହାଇଦ୍ରାବାଦଠାରେ କାର୍ଯ୍ୟାରମ୍ଭ କରିଛି । ବିଗତ ଦିନରେ ସିଏଚ-୪୭ ଏଫ ଚିନୁକ୍ ହେଲିକପଟର ନିର୍ମାଣ କରି ସେନାବାହିନୀକୁ କମ୍ପାନୀ ଯୋଗାଇ ଦେଇଛି । ୨୦୧୯ରୁ ଉତ୍ପାଦନ ଆରମ୍ଭ କରି କମ୍ପାନୀ ଆମେରିକା ସମେତ ପୃଥିବୀର ୧୮ଟି ଦେଶକୁ ଏହି ହେଲିକପଟର ବିକ୍ରି କରିବ । ଏଠାରେ ଫି-୮୧ ଆପାଚି ଚିନୁକ ଶ୍ରେଣୀର ସେନା ହେଲିକପଟର ନିର୍ମାଣ କରାଯିବ ।

ଦକ୍ଷିଣ ଭାରତର ଚେନ୍ନାଇ,କୋଏମ୍ବାଟୁର, ତିରୁଚି, ହୋସୁର, ସାଲେମ ଅଞ୍ଚଳରେ ପ୍ରତିରକ୍ଷା ଶିଳ୍ପାଞ୍ଚଳ ନିର୍ମିତ ହେବ । ଏଠାରେ ରୁଷିଆର ଏମଆଇ -୧୭ ହେଲିକପଟର, ମିଗ୍ -୨୯ ଯୁଦ୍ଧବିମାନ ଟି-୯୦ ଟ୍ୟାଙ୍କ ଆଦି ନିର୍ମିତ ହେବ । ଏଥିପାଇଁ ରୁଷିଆର ଫେଡେରାଲ ସର୍ଭିସ ଫର ମିଲିଟାରୀ ଟେକ୍‌ନିକାଲ କର୍ପୋରେସନ ଅଫ ରୁଷିଆ ସହ ଭାରତ ସରକାର ବୁଝାମଣା କରିଛନ୍ତି । ରୁଷିଆ ନିର୍ମିତ ଯୁଦ୍ଧାସ୍ତ୍ର ଏବଂ ଯନ୍ତ୍ରାଂଶ ଏଠାରେ ତିଆରି ହେଲେ ସେ ସବୁର ୪୦୦ରୁ ୨୦୦୦ପ୍ରତିଶତ ଖର୍ଚ୍ଚ ହ୍ରାସପାଇବ । ସେମିତି ହାଲକୁ ୨୦୦ କାମୋଭ ହେଲିକପଟର୍ ଯୋଗାଇଦେବା ଲାଗି କାର୍ଯ୍ୟଦେଶ ଦିଆଯାଇଛି । ୨୦୧୯-୨୨ମଧ୍ୟରେ ଏଥିରୁ ୬୦ଟିରୁଷିଆର ନିର୍ମିତ ଏବଂ ୧୪୦ଟି ଭାରତ କର୍ଣ୍ଣାଟକ ପ୍ରଦେଶର ଟୁମକୁରଠାରେ ନିର୍ମିତ ହେବ ।

ଭାରତର ଟିଏଏସଏଲ କମ୍ପାନୀ ସହ ଆମେରିକାର ଯୁଦ୍ଧବିମାନ ନିର୍ମାତା ଲକହିଡ ମାର୍ଟିନ ମିଶି ଭାରତରେ ବିମାନ ନିର୍ମାଣ କରିବ । ହାଇଦ୍ରାବାଦର ଆଦିବାଟଲାଠାରେ ୪୭୦୦ ବର୍ଗ ମିଟର ଅଞ୍ଚଳରେ କମ୍ପାନୀ ୮୦ଜଣ ଦକ୍ଷ ଲୋକଙ୍କୁ ନେଇ ପ୍ରଥମେ କାର୍ଯ୍ୟାରମ୍ଭ କରିଥିଲା । ମୋଟ ୫୦୦ଲୋକ ଏଠାରେ ନିଯୁକ୍ତି ପାଇବେ । ଟାଟା ସିର୍କୋସୀ ଏରୋସ୍ପେସ ଲିମିଟେଡ ନାମକ ଏହି କମ୍ପାନୀ ବର୍ଷକୁ ୨୪ଟି ସି-୧୩୦ ଯୁଦ୍ଧବିମାନ ନିର୍ମାଣ କରିବ । ପୂର୍ବରୁ ଏ ପ୍ରକାର ୪୦୦ଟି ବିମାନ ୧୮ଟି ଦେଶ ବ୍ୟବହାର କରୁଛନ୍ତି ।

ସ୍ୱଦେଶୀ କମ୍ପାନୀ ମହୀନ୍ଦ୍ର ଡିଫେନସ ସହ ଏରୋନଟିକାଲ ଅଫ ଇସ୍ରାଏଲ ମିଶି ନୌସେନା ପାଇଁ ମାନବବିହୀନ ବିମାନ ଅର୍ବିଟର-୪ ନିର୍ମାଣ କରିବ । ୨୪ଘଣ୍ଟା କାଳ ଏକାଦିକ୍ରମେ କାର୍ଯ୍ୟ କରିପାରୁଥିବା ଏହି ଛୋଟ ବିମାନ ୧୮,୦୦୦ ଫୁଟ ଉଚ୍ଚରେ ଉଡ଼ିବା ସହ ୫୦କିଗ୍ରା ଓଜନର ଭାର ବହନ କରିପାରିବ । ସ୍ଥଳସେନା ଓ ନୌସେନା ପାଇଁ ମହୀନ୍ଦ୍ର ଡିଫେନସ୍ ଜାପାନର ସିନମାୟା ସହ ମିଶି ଉଭୟ ଜଳ ଓ ସ୍ଥଳ କ୍ଷେତ୍ରରେ ଓହ୍ଲାଇପାରୁଥିବା ୟୁଏସ୍-୨ ବିମାନ ନିର୍ମାଣ କରିବ ।

ସ୍ୱିସ ଯୁଦ୍ଧ ବିମାନ ନିର୍ମାତା ସାବ ପକ୍ଷରୁ ଗ୍ରିପେନ-ଇ ବିମାନକୁ ଭାରତରେ ନିର୍ମାଣ ପାଇଁ କମ୍ପାନୀ କାର୍ଯ୍ୟାରମ୍ଭ କରିଛି । ୧୯୭୦ରୁ ଗ୍ରିପେନ କମ୍ପାନୀ ଉତ୍ପାଦନ ଆରମ୍ଭ କରିଥିଲେ ହେଁ ଭାରତ ସହ ୧୯୭୫ରୁ ସଂପର୍କରେ ରହିଛି । ଏହି ବିମାନର ଆଧୁନିକୀକରଣର ସମସ୍ତ ବ୍ୟବସ୍ଥା କମ୍ପାନୀ ସ୍ଥାନୀୟ ସ୍ୱଦେଶୀ ଅଂଶୀଦାର କମ୍ପାନୀ ମାଧ୍ୟମରେ କରିବାକୁ ରାଜିଅଛି ।

ଆଗାମୀ ଦିନରେ ଜଳପଥ ଯୁଦ୍ଧ ପ୍ରମୁଖ ଭୂମିକା ନେବାକୁ ଥିବାରୁ ନୌସେନାର କ୍ଷମତା ବୃଦ୍ଧିପାଇଁ ଭାରତ ସରକାର ପି-୭୫ ଯୋଜନାରେ ୬ଟି ଆରିହନ୍ତ ଶ୍ରେଣୀର ବୁଡ଼ାଜାହାଜ ନିର୍ମାଣର ଯୋଜନା ନେଇଛନ୍ତି । ତନ୍ମଧ୍ୟରୁ ୩ଟିର ନିର୍ମାଣ ଶେଷ ହୋଇଛି । ଏଥିରେ ଫ୍ରାନସର ସହଯୋଗ ରହିଛି । ଏଗୁଡ଼ିକ ସରକାରଙ୍କ ସିପୟାର୍ଡଗୁଡ଼ିକରେ ନିର୍ମିତ ହୋଇଛି । ପଶ୍ଚିମର ମାଜଗାଁଓ ଡକ୍ ଏବଂ କୋଚିନ ସିପୟାର୍ଡ ଏହି ପ୍ରକଳ୍ପରେ ରହିଛି । ଏହାଛଡ଼ା କୋଲକାତାର ଗାର୍ଡନରିଚ୍ ସିପୟାର୍ଡ ଏବଂ ଗୋଆ ସିପୟାର୍ଡ ମଧ୍ୟ ନୌସେନା ପାଇଁ ଭିନ୍ନ ଭିନ୍ନ ଶ୍ରେଣୀର ଜଳଜାହାଜ ନିର୍ମାଣ କରୁଛନ୍ତି । ୧୭୭୧ରେ ପ୍ରତିଷ୍ଠିତ ମାଜ୍‌ଗାଁଓ ସିପୟାର୍ଡକୁ ୧୯୬୦ରେ ଭାରତ ସରକାର ହାତକୁ ନେଇଥିଲେ । ଅଦ୍ୟାବଧି ଏଠାରେ ୨୮ଟି ଯୁଦ୍ଧ ଜାହାଜ, ୨ଟି ଜର୍ମାନୀ ସବମେରିନ୍, ୪ଟି ଫ୍ରିଗ୍ରେଟ, ୪ଟି ଡେଷ୍ଟ୍ରୟର ନିର୍ମିତ ହୋଇଛି । ସବମେରିନ କାଲଭାରୀ, ସ୍କର୍ପିନ କରଞ୍ଜ ଏଠାରେ ତିଆରି ସରିଛି ୨୦୧୯ସୁଦ୍ଧା ଅଧିକ ୩ଟିର କାର୍ଯ୍ୟଶେଷ ହେବ । ୪୫ଏକର ପରିମିତ ଅଞ୍ଚଳରେ ଏଥିପାଇଁ ନୂତନ ବ୍ୟବସ୍ଥା ହୋଇଛି । ପି-୧୭ ଆଲଫା ଫ୍ରିଗ୍ରେଟ ନିର୍ମାଣ କାର୍ଯ୍ୟ ଏବେ ଜାରି ରହିଛି ।

ସେହିପରି ଗତ ୬୦ବର୍ଷରେ ଗୋଆସ୍ଥିତ ସିପୟାର୍ଡରେ ନୌସେନାର ୩୬ଟି ଜାହାଜ ସମେତ ମୋଟ ୨୦୦ ଜାହାଜ ନିର୍ମିତ ହେବାର ରେକର୍ଡ ରହିଛି । ଗତ ୪ବର୍ଷ ମଧ୍ୟରେ ୨୪ଟି ଜାହାଜ ଏହି ସିପ୍‌ୟାର୍ଡ ଦେଇଛି । ମରିସସ ଏବଂ ଶ୍ରୀଲଙ୍କାର କୋଷ୍ଟଗାର୍ଡ ପାଇଁ ଏଠାରୁ ଜାହାଜ ପଠାଯାଇଛି । ଦକ୍ଷିଣ କୋରିଆର ବୁସାନସ୍ଥିତ କଗନାମ କର୍ପୋରେସନ ସହ ୧୨ଟି ମାଇନ ବିରୋଧୀ ଜାହାଜ ୩୨୬୪୦କୋଟିଟଙ୍କା ବ୍ୟୟରେ ନିର୍ମାଣ ପାଇଁ ଗୋଆ ସିପ୍‌ୟାର୍ଡ ଚୁକ୍ତି କରିଛି । ଏପ୍ରିଲ ୨୦୧୮ରୁ ଏହାର କାର୍ଯ୍ୟାରମ୍ଭ ହୋଇ ଗୋଟିଏ ୨୦୨୧ରେ ଏବଂ ଅନ୍ୟଗୁଡ଼ିକ ୨୦୨୬ ମଧ୍ୟରେ ନିର୍ମାଣ ଶେଷ ହେବ । ବିଶାଖାପାଟଣାସ୍ଥିତ ହିନ୍ଦୁସ୍ଥାନ ସିପୟାର୍ଡ ଲିମିଟେଡ ପୂର୍ବରୁ ୨୦୦୦ ଜାହାଜ ନିର୍ମାଣ କରିସାରିଛି । ଏବେ ହୁଣ୍ଡାଇ ହେଭିଇଣ୍ଡଷ୍ଟ୍ରିଜ୍ ଲିଃ ସହ ୧.୫ ବିଲିଅନ ଡଲାର ଖର୍ଚ୍ଚରେ ଯୁଦ୍ଧଜାହାଜ ନିର୍ମାଣ ପାଇଁ ବୁଝାମଣା କରିସାରିଛି । ସେମିତି କୋଲକାତା ସ୍ଥିତ ଗାର୍ଡନରିଚ୍ ସିପୟାର୍ଡ ୧୯୫୦ରୁ କାର୍ଯ୍ୟରତ । ଯୁଦ୍ଧଜାହାଜ, ୯ ତଟରକ୍ଷୀ ଜାହାଜ, ୮୮ଟି ବୋଟ ଏଠାରେ ନିର୍ମିତ ହୋଇଛି। ଆଗାମୀ ଦିନରେ ୧୦୦ଟନ୍ ଓଜନର ଫ୍ରିଗ୍ରେଟ ନିର୍ମାଣ ଏଠାରେ ହେବ । ୧୦୦ ମିଲିଅନ ଡଲାର ଖର୍ଚ୍ଚରେ ଏଠାରେ ଆଧୁନିକୀକରଣ କାର୍ଯ୍ୟ ଜାରିରହିଛି । ନୌସେନା ପାଇଁ ନିର୍ମିତ ଏଲସିୟୁ ଶ୍ରେଣୀର ଜାହାଜ ଏବେ ଆଣ୍ଡାମାନଠାରେ ପରୀକ୍ଷା ଚାଲିଛି । ମାତ୍ର ଦୁଇବର୍ଷ ମଧ୍ୟରେ ପୁନାସ୍ଥିତ କଲ୍ୟାଣୀ ଗ୍ରୁପ ଓ ଭାରତ ଫୋର୍ଜ ଆମେରିକାର ହ୍ୱାଇଜର ଶ୍ରେଣୀର ତୋପ ନିର୍ମାଣ କରିବାକୁ ସକ୍ଷମ ହୋଇପାରିଛନ୍ତି । ଗରୁଡ-୧୦୫ ହାଲୁକା ତୋପକୁ ଗାଡ଼ିରେ ବୋହିନେଇ ହେବ । ଏହି ତୋପର କ୍ଷେପଣ କ୍ଷମତା ୪୮କି.ମି. । ୨ଦିନରେ ଗୋଟିଏ ତୋପ ତିଆରି କରିବା କ୍ଷମତା ଥିବା କମ୍ପାନୀର ଏହି ତୋପ ମୂଲ୍ୟ ୧୨କୋଟି ଟଙ୍କା । ଭାରତୀୟ ସେନା ଏହି ପ୍ରକାର ୪୦୦୦ ତୋପ ଆବଶ୍ୟକ କରୁଛି । କଲ୍ୟାଣୀ ଗ୍ରୁପ ଇସ୍ରାଏଲର କେରାସ ସହ ମିଶି କ୍ଷେପଣାସ୍ତ୍ର, କ୍ଷେପଣାସ୍ତ୍ର ବ୍ୟବସ୍ଥା, କ୍ଷେପଣାସ୍ତ୍ର ପ୍ରତିରୋଧକ ବ୍ୟବସ୍ଥା ମଧ୍ୟ ନିର୍ମାଣ କରୁଛି।

ଡିଆରଡିଓ ଯୋଜନାରେ ଭାରତ ଓ ରୁଷିଆର ମିଳିତ ପ୍ରକଳ୍ପ ଭାବେ ବ୍ରହ୍ମୋସ କ୍ଷେପଣାସ୍ତ୍ରର ଭିନ୍ନ ଭିନ୍ନ ମଡେଲ ଏବେ ଭାରତରେ ନିର୍ମିତ ହେଲାଣି । ଗୋଦରେଜ ଏଣ୍ଡ ବୟସି, ଏଲଏଣ୍ଡ ଟି, ଭେମ୍ ଟେକନୋଲୋଜି ସହଯୋଗରେ ଏବଂ ଡିଆରଡିଓର ମାର୍ଗଦର୍ଶନରେ ବ୍ରହ୍ମୋସ ନିର୍ମିତ ହେଉଛି । ଭିଏତନାମ, ସିଙ୍ଗାପୁର, ଚିଲି, ଦକ୍ଷିଣ ଆଫ୍ରିକା, ସଂଯୁକ୍ତ ଆରବ ଏମିରେଟ ପ୍ରଭୃତି ଦେଶ ବ୍ରହ୍ମୋସ କିଣିବାକୁ ଏବେ ଆଗ୍ରହ ପ୍ରକାଶ କରିଛନ୍ତି । ଏସବୁ ଛଡ଼ା ହାଲ ଦ୍ୱାରା ପ୍ରସ୍ତୁତ ହାଲୁକା ଯୁଦ୍ଧ ନିର୍ମାଣ ତେଜସ ଆଗାମୀ ଦିନରେ ଫ୍ରାନସ ନିର୍ମିତ ଇଞ୍ଜିନ ଦ୍ୱାରା ଅଧିକ ଶକ୍ତିଶାଳୀ ହେବ । ଏହାକୁ କିଣିବାକୁ ଅନେକ ଦେଶ ଚାହୁଁଛନ୍ତି । କହିବାକୁ ଗଲେ ଭାରତରେ ଯୁଦ୍ଧାସ୍ତ୍ର ନିର୍ମାଣର ଏବେ ଯେଉଁ ଜୋର ଧରିଛି ତାହା ଠିକଣା ମାର୍ଗରେ ଗଲେ ଆଗାମୀ ଦିନରେ ଭାରତ ଆତ୍ମନିର୍ଭରଶୀଳ ହେବା ସହ ହଜାର ହଜାର କୋଟି ଟଙ୍କା ସଞ୍ଚୟ କରିପାରିବ ।

## ସମାଜ ସଂସ୍କାରକ ରାଜା ରାମମୋହନ ରାୟ

**ଅଞ୍ଜନ କୁମାର ସାହୁ**

ଯେତେବେଳେ ସମାଜରେ ଅନ୍ୟାୟ ଅତ୍ୟାଚାର ,ଶୋଷଣ ,ପୀଡ଼ନ ସୀମାଲଂଘନ କରେ ସେତେବେଳେ ଆବିର୍ଭାବ ହୁଏ ମହାମନିଷୀଙ୍କର । ଯାବତୀୟ ଯନ୍ତ୍ରଣା, ଅନ୍ଧବିଶ୍ୱାଶ ଓ କୁସଂସ୍କାରର ଖୋଳପା ମଧ୍ୟରୁ ସମାଜକୁ ଉଦ୍ଧାର କରିବା ପାଇଁ ସେମାନେ ଆଗେଇ ଆସନ୍ତି। ପ୍ରତିବାଦର ସ୍ୱର ଉତ୍ତୋଳନ କରନ୍ତି। କୂଟଚକ୍ରାନ୍ତକାରୀଙ୍କ ଆକ୍ରୋଶର ଶିକାର ହୁଅନ୍ତି। ତଥାପି ନିଜର ମନୋଭାବକୁ ପରିବର୍ତ୍ତନ କରନ୍ତି ନାହିଁ। ଜୀବନକୁ ସଙ୍କଟାପନ୍ନ କରି ଅନ୍ୟାୟ ବିରୋଧରେ ଲଢ଼ିବାର ଧାରାକୁ ବଜାୟ ରଖନ୍ତି। ସମାଜରେ ସଂସ୍କାର ଆଣି ଏକ ସୁସ୍ଥ ବାତାବରଣ ସୃଷ୍ଟି କରନ୍ତି। ଅବହେଳିତ ମଣିଷ ମାନଙ୍କୁ ନ୍ୟାୟ ମିଳେ। ପ୍ରକୃତ ସତ୍ୟ ଉନ୍ମୋଚିତ ହୋଇଯାଏ। ଠିକ୍ କ'ଣ ଭୁଲ କ'ଣ ସମସ୍ତେ ଜାଣିପାରନ୍ତି। ସେତେବେଳେ ସେମାନଙ୍କପାଇଁ ଲଢୁଥିବା ମଣିଷ ମାନେ ସମସ୍ତଙ୍କ ଆଖିରେ ଭଗବାନ ପାଲଟି ଯାଆନ୍ତି। ସେମାନେ ତାଙ୍କୁ ପୂଜା କରନ୍ତି। ଏହିପରି ଏକ ବ୍ୟକ୍ତିତ୍ୱ ହେଉଛନ୍ତି ରାଜା ରାମମୋହନ ରାୟ। ସେ ୧୭୭୨ମସିହା ମଇମାସ ୨୨ତାରିଖରେ ଜନ୍ମ ହୋଇଥିଲେ ପଶ୍ଚିମବଙ୍ଗ ସ୍ଥିତ ବର୍ଦ୍ଧମାନ ଜିଲ୍ଲାର ରାଧାକାନ୍ତପୁର ବା ରାଧାନଗର ଗ୍ରାମରେ ଏକ କୁଳୀନ ବ୍ରାହ୍ମଣ ପରିବାରରେ । ତାଙ୍କ ପିତାଙ୍କ ନାମ ରମାକାନ୍ତ ରାୟ ଓ ମାତାଙ୍କ ନାମ ତାରିଣୀ ଦେବୀ। ପିତାମାତା ଖୁବ ଧର୍ମପରାୟଣ ଥିଲେ। ସେମାନଙ୍କ ସୁଗୁଣାବଳୀର ପ୍ରଭାବ ରାମମୋହନଙ୍କ ଉପରେ ପଡ଼ିଥିଲା। ଅନ୍ୟ ପିଲାପରି ସେ ପାଞ୍ଚବର୍ଷ ବୟସରେ ଗ୍ରାମ ପାଠଶାଳାରେ ପ୍ରାରମ୍ଭିକ ଶିକ୍ଷା ଆରମ୍ଭ କଲେ। ୯ବର୍ଷ ବୟସରେ ସେ ଆରବୀରେ ଶିକ୍ଷାଲାଭ ପାଇଁ ପାଟନା ଯାଇଥିଲେ ଓ ପରେ ବନାରସ ଯାଇ ସେଠାରେ ସଂସ୍କୃତ ଶିକ୍ଷା କରିଥିଲେ। ମାତ୍ର ୧୬ ବର୍ଷ ବୟସରେ ସେ ବିଭିନ୍ନ ସମ୍ପ୍ରଦାୟର ଧର୍ମଶାସ୍ତ୍ରଗୁଡ଼ିକୁ ପାଠ କରି ଅଗାଧ ଜ୍ଞାନର ଅଧିକାରୀ ହୋଇପାରିଥିଲେ।

ରାଜା ରାମମୋହନ ଥିଲେ ମୂର୍ତ୍ତିପୂଜାର ଘୋର ବିରୋଧି। ମୂର୍ତ୍ତି ହିଁ ହିନ୍ଦୁ ମାନଙ୍କ ପକ୍ଷରେ ଜୀବନ୍ତ ଦେବଦେବୀ। ସେଥିପାଇଁ ତାଙ୍କ ବିରୁଦ୍ଧରେ ଅସନ୍ତୋଷ ତେଜି ଉଠିଲା। ନିଜ ପିତାମାତା ମଧ୍ୟ ତାଙ୍କ ଉପରେ ଅସନ୍ତୋଷ ବ୍ୟକ୍ତ କଲେ। କେହି କେହି ତାଙ୍କ ବିରୁଦ୍ଧରେ ମିଥ୍ୟା ପ୍ରଚାର କରି କହିଲେ ସେ ଗୋମାଂସ ଭକ୍ଷଣ କରୁଛନ୍ତି। ଶେଷରେ ତାଙ୍କୁ ଗୃହତ୍ୟାଗ କରିବାକୁ ପଡ଼ିଲା। ଏଥିରେ ସେ ଭାଙ୍ଗିପଡିନଥିଲେ , ବରଂ ଆତ୍ମୀୟ ସଭାଗଠନ କରି ସମାଜରେ ସଂସ୍କାର ଆଣିବା ପାଇଁ ଚେଷ୍ଟା ଜାରି ରଖିଥିଲେ। ସେତେବେଳେ ଖ୍ରୀଷ୍ଟିୟାନ ପାଦ୍ରୀମାନେ ହିନ୍ଦୁଧର୍ମକୁ ଲୋପ କରିବାକୁ ଚକ୍ରାନ୍ତ କରୁଥିଲେ। ହିନ୍ଦୁ ଧର୍ମରେ ସତୀଦାହ ପ୍ରଥା,ପଶୁବଳି,ନରବଳି ଇତ୍ୟାଦି କୁପ୍ରଥା ପ୍ରଚଳିତ ଥାଏ। ଏହାର ସୁଯୋଗନେଇ ଖ୍ରୀଷ୍ଟିୟାନମାନେ ନିଜ ଧର୍ମର ଶ୍ରେଷ୍ଠତ୍ୱ ପ୍ରତିପାଦନ କରୁଥିଲେ। କିନ୍ତୁ ରାମମୋହନ ରାୟ ଚକ୍ରାନ୍ତକାରୀଙ୍କ ହୀନଚକ୍ରାନ୍ତକୁ ପଣ୍ଡ କରିବାପାଇଁ ଅଣ୍ଟାଭିଡ଼ିଲେ। ବିଭିନ୍ନ ପତ୍ରପତ୍ରିକାରେ ହିନ୍ଦୁଧର୍ମର ଆଦର୍ଶ ଓ ମହନୀୟତାକୁ ନେଇ ସେ ଲେଖା ପ୍ରକାଶ କଲେ। ସେତେବେଳେ ଲର୍ଡ ଉଇଲିୟମ ବେଣ୍ଟିକ୍ ଥିଲେ ଭାରତର ବଡଲାଟ୍। ଭାରତୀୟ ବିଧବାମାନଙ୍କର ହୃଦୟ ବିଦାରକ ଦୁଃଖଦ କାହାଣୀ ସେ ତାଙ୍କୁ ଶୁଣାଇଲେ। ତାଙ୍କର ଯୁକ୍ତିଥିଲା ସ୍ୱାମୀଙ୍କ ମୃତ୍ୟୁ ପରେ ସ୍ତ୍ରୀ ନୀତିମୟ ଆଦର୍ଶ ଓ ବ୍ରହ୍ମଚର୍ଯ୍ୟ ପାଳନ କରି ପ୍ରକୃତ ସତୀର ପରିଚୟ ଦେଇପାରିବ। ଆତ୍ମହତ୍ୟା ଏକ ମହାପାପ। ତେଣୁ ସମାଜରୁ ଏହାକୁ ଉଚ୍ଛେଦ କରାଯିବା ଆବଶ୍ୟକ। ତାଙ୍କ ଅନୁରୋଧକ୍ରମେ ୧୮୨୯ମସିହାରେ ଏକ ଆଇନ ପ୍ରଣୟନ କରାଗଲା ଓ ସତୀଦାହ ପ୍ରଥାର ବିଲୋପ ଘଟିଲା। ତାଙ୍କର ଅକ୍ଲାନ୍ତ ପ୍ରୟାସଦ୍ୱାରା ସମାଜରୁ ବାଲ୍ୟବିବାହ ପ୍ରଥାର ଉଚ୍ଛେଦ ଘଟିଥିଲା। ହିନ୍ଦୁ ସମାଜରୁ କୁସଂସ୍କାର ଓ ଅନ୍ଧବିଶ୍ୱାସ ଲୋପ କରିବାପାଇଁ ସେ ବ୍ରାହ୍ମସମାଜ ପ୍ରତିଷ୍ଠା କରିଥିଲେ। ବିଦେଶଗଲେ ଜାତିଯାଏ ବୋଲି ସେତେବେଳେ ଲୋକମାନଙ୍କର ବିଶ୍ୱାସ ଥିଲା। ରକ୍ଷଣଶୀଳ ହିନ୍ଦୁ ପରିବାର ଏହାର ଦୃଢ ବିରୋଧି ଥିଲେ। ମାତ୍ର ଦୃଢମନା ରାମମୋହନ ପ୍ରଥମ ଭାରତୀୟ ଭାବରେ ବିଲାତଯାତ୍ରା କରିଥିଲେ।ବିଲାତ ପାର୍ଲାମେଣ୍ଟରେ ଭାରତର ଦୁଃଖ ଦୁର୍ଦ୍ଦଶା ଜଣାଇ ତାର ପ୍ରତିକାର ପାଇଁ ନିବେଦନ କଲେ। ତାଙ୍କର ଦାବିଗୁଡ଼ିକ ଯୁକ୍ତିଯୁକ୍ତ ପ୍ରମାଣ ଉପରେ ପର୍ଯ୍ୟବେଶିତ ଥିଲା। ଫଳରେ ବିଲାତ ପାର୍ଲାମେଣ୍ଟ ଭାରତ ଶାସନରେ କେତେକ ସଂସ୍କାର ଆଣିବାକୁ ବାଧ୍ୟ ହେଲେ। ନିଜ ଦେଶର ଲୋକମାନଙ୍କ ପ୍ରତି ତାଙ୍କର ଥିଲା ଗଭୀର ସ୍ନେହ ଓ ଭଲପାଇବା। ଉପଯୁକ୍ତ ଶିକ୍ଷା ବ୍ୟତିରେକେ ଏକ ଆଦର୍ଶ ସମାଜ ପ୍ରତିଷ୍ଠା ସମ୍ଭବ ନୁହେଁ-ସେ ଏକଥା ଭଲଭାବରେ ବୁଝିଥିଲେ। ବ୍ରିଟିଶ ସରକାର ଶିକ୍ଷାର ଉନ୍ନତି ପ୍ରତି ଉଦାସୀନ ଥିଲେ। ସେତେବେଳେ ପାର୍ସୀ ଭାଷା ଜାଣିଥିବା ଲୋକମାନେ ଇଂରେଜ ସରକାରଙ୍କ ଅଧୀନରେ ଚାକିରି କରିପାରୁଥିଲେ। ରାମମୋହନ ଦେଖିଲେ ଯେ ପାର୍ସୀ ବା ସଂସ୍କୃତ ଭାଷା ଶିକ୍ଷାଦ୍ୱାରା ଭାରତବର୍ଷ ଲୋକମାନଙ୍କ ମଧ୍ୟରେ ବିଶେଷ କିଛି ଲାଭ ହେବ ନାହିଁ। ସମାଜରୁ ଅନ୍ଧବିଶ୍ୱାସ ଦୂର ହୋଇପାରିବ ନାହିଁ। ଇଂରେଜ ଭାଷା ବିନା କୃଷି,ଶିଳ୍ପ,ବାଣିଜ୍ୟ ଓ ବିଜ୍ଞାନରେ ଆଗେଇବା ଅସମ୍ଭବ। ଭାରତରେ ଇଂରେଜ ଶିକ୍ଷା ପ୍ରଚଳନ କରିବାପାଇଁ ରାଜାରାମମୋହନ ରାୟ ସରକାରଙ୍କୁ ଅନୁରୋଧ କଲେ। ତାଙ୍କ ସାହାଯ୍ୟରେ ଇଂରେଜ ସରକାର କେତେକ ସ୍ଥାନରେ ବିଦ୍ୟାଳୟ ଖୋଲି ଇଂରାଜୀ ଭାଷା ଶିକ୍ଷାଦେଲେ। ଶିକ୍ଷାର ପ୍ରସାର,ସମାଜର ପରିବର୍ତ୍ତନ ପାଇଁ ସେ କେତେକ ଇଂରେଜ ଶାସକମାନଙ୍କ ସହିତ ସଂପର୍କ ରଖିଥିଲେ ମାତ୍ର ନିଜର ମହତ୍ତ୍ୱ ଓ ଆତ୍ମସମ୍ମାନକୁ ବଳିଦେଇ ନଥିଲେ। ପରାଧୀନ ଭାରତବର୍ଷର ଅବସ୍ଥା ତାଙ୍କୁ ଖୁବ୍ ମର୍ମାହତ କରୁଥିଲା। ବ୍ରିଟିଶ ସରକାରଙ୍କ ନିର୍ଯ୍ୟାତନା ଓ ଶୋଷଣ ତାଙ୍କ ହୃଦୟରେ ଗଭୀର କ୍ଷତ ସୃଷ୍ଟି କଲା। ସେମାନଙ୍କ ଅତ୍ୟାଚାର କାହାଣୀକୁ ସେ ସେତେବେଳେ ବଙ୍ଗଳା ଭାଷାରେ ପ୍ରକାଶିତ ସମ୍ବାଦପତ୍ର 'ସମ୍ବାଦ କୌମୁଦୀ'ରେ ଛାପିଲେ।

ଦର୍ଶକଙ୍କ ହୃଦୟରେ ଖାସ୍ ଜାଗା ତିଆରି କରିଛନ୍ତି ବଲିଉଡର ନାୟିକାମାନେ। ସେମାନଙ୍କର ଅଭିନୟ କଳା ଓ ସୁନ୍ଦରତାରେ ବାନ୍ଧି ହୋଇଛନ୍ତି ଦର୍ଶକ। ଏହି ଅଭିନେତ୍ରୀମାନଙ୍କର ସୋସିଆଲ୍ ମିଡିଆରେ ମଧ୍ୟ ଖୁବ୍ ଫ୍ୟାନ୍ ଫଲୋୟର ଅଛନ୍ତି। ତେବେ ବଲିଉଡର ଏଭଳି ମହିଳା କୈନ୍ଦ୍ରିକ ଫିଲ୍ମ ବିଷୟରେ କହିବାକୁ ଯାଉଛି ଯେଉଁ ଫିଲ୍ମ ଗୁଡିକ ବକ୍ସ ଅଫିସ୍‌ରେ ଧମାଲ କରିଛନ୍ତି।

# ୧୦୦ କୋଟି କ୍ଲବ୍‌ରେ ବଲିଉଡର ମହିଳା କୈନ୍ଦ୍ରିକ ଫିଲ୍ମ






ଏଥି ମଧ୍ୟରୁ ଏକ ଫିଲ୍ମ ହେଉଛି ଗଙ୍ଗୁବାଈ କାଠିଆୱାଡି। ଏହା ଏକ ମହିଳା କୈନ୍ଦ୍ରିକ ସିନେମା। ଏହି ଫିଲ୍ମ ଏଯାବତ୍ ୧୦୦ କୋଟିରୁ ଅଧିକ ବ୍ୟବସାୟ କରିସାରିଲାଣି। ଆଲିଆ ଭଟ୍ଟଙ୍କ ଦ୍ୱାରା ଅଭିନୀତ ଗଙ୍ଗୁବାଈ ଫିଲ୍ମ ଏକ ସପ୍ତାହରେ ୧୦୦ କୋଟି ବ୍ୟବସାୟ କରିଛି। ଏହି ଫିଲ୍ମରେ ଆଲିଆ ଭଟ୍ଟ ମୁମ୍ବାଇର ରେଡ୍ ଲାଇଟ୍ ଅଞ୍ଚଳ କମାଠିପୁରାର ପାୱରଫୁଲ୍ ଲେଡି ଗଙ୍ଗୁବାଈ ଭୂମିକାରେ ଅଭିନୟ କରିଛନ୍ତି। ଏହି ଫିଲ୍ମରେ ଅଜୟ ଦେବଗନ୍ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିଛନ୍ତି।

**ତନୁ ୱେଡ୍‌ସ୍ ମନୁ ରିଟର୍ଣ୍ଣସ୍ :** କଙ୍ଗନା ରାଣାୱତଙ୍କ ଦ୍ୱାରା ଅଭିନୀତ ଏହି ସିନେମା ଖୁବ୍ ପ୍ରଶଂସା ସାଉଁଟିଛି। ଦର୍ଶକମାନେ ଏହାକୁ ଖୁବ୍ ପ୍ରଶଂସା କରିଛନ୍ତି। ଫିଲ୍ମରେ ଆର୍ ମାଧବନଙ୍କ ସହ କଙ୍ଗନାଙ୍କ ଯୋଡି ଦର୍ଶକଙ୍କୁ ଖୁବ୍ ପସନ୍ଦ ଆସିଥିଲା। ଏହି ଫିଲ୍ମ ୨୫୫.୩ କୋଟି ବ୍ୟବସାୟ କରିଥିଲା।

**ସ୍ତ୍ରୀ :** ଶ୍ରଦ୍ଧା କପୁରଙ୍କ ଅଭିନୀତ ଫିଲ୍ମ ସ୍ତ୍ରୀ ରିଲିଜ୍ ହେବା ଆରମ୍ଭରୁ ଭଲ ବ୍ୟବସାୟ କରିଥିଲା। ହେଲେ ଏହି ଫିଲ୍ମ ୧୩୦ କୋଟିରୁ ଅଧିକ ବ୍ୟବସାୟ କରିପାରି ନଥିଲା। ତେବେ ଦର୍ଶକମାନେ ଏହି ଫିଲ୍ମକୁ ଖୁବ୍ ପସନ୍ଦ କରିଛନ୍ତି।

**ରାଜି :** ଆଲିଆ ଭଟ୍ଟଙ୍କ ଫିଲ୍ମ ରାଜିକୁ ମଧ୍ୟ ଦର୍ଶକମାନେ ଖୁବ୍ ପ୍ରଶଂସା କରିଛନ୍ତି। ଏହି ଫିଲ୍ମ ପ୍ରାୟ ୧୯୫ କୋଟି ବ୍ୟବସାୟ କରିଛି।

**ନୀରଜା :** ସୋନମ କପୁରଙ୍କ ଫିଲ୍ମ ନୀରଜା ଏକ ସତ୍ୟ କାହାଣୀ ଉପରେ ଆଧାରିତ। ଏହି ଫିଲ୍ମ ନୀରଜା ଭନୋଟଙ୍କ ଜୀବନୀ ଉପରେ ଆଧାରିତ। ଏହି ଫିଲ୍ମରେ ସୋନମ ଜଣେ କେବିନ କ୍ରୁ ଭୂମିକାରେ ଅଭିନୟ କରିଛନ୍ତି। ଏହି ଫିଲ୍ମ ୧୩୧ କୋଟି ବ୍ୟବସାୟ କରିଥିଲା। ଏହି ଫିଲ୍ମକୁ ନ୍ୟାସନାଲ ଆୱାର୍ଡ ମିଳିଥିଲା।



# ଫୋନରେ ଗପୁ ଗପୁ ପ୍ରସବ

ବ୍ରିଟେନରେ ରହୁଥିବା ଜଣେ ମହିଳା ମାତ୍ର ୨୭ ସେକେଣ୍ଡରେ ସନ୍ତାନ ଜନ୍ମ ଦେଇଛନ୍ତି। ୨୯ ବର୍ଷୀୟା ସୋଫି କୁହନ୍ତି, ସେ ଏହି ସମୟରେ ବାଥ୍‌ରୁମ୍ ଯାଇଥିଲେ। ତାଙ୍କ ବନ୍ଧୁ ଫୋନ୍ କରିବାରୁ କଥା ବି ହେଉଥିଲେ। ତାଙ୍କୁ କୌଣସି ପ୍ରକାର ଯନ୍ତ୍ରଣା ହୋଇ ନଥିଲା। ବିଶ୍ୱାସ ହେଉନି ଏମିତି ଡେଲିଭରି ହେଲା। ବନ୍ଧୁଙ୍କ ସହ ଫୋନ୍‌ରେ କଥା ହେଉଥିବାବେଳେ କନ୍ୟା ସନ୍ତାନ ଜନ୍ମ ହୋଇଥିଲା। ପରେ ସୋଫି ସ୍ୱାମୀଙ୍କୁ ଡାକ ପକାଇଥିଲେ। ୨୦୧୩ରେ ଯେତେବେଳେ ସୋଫି ପ୍ରଥମ ସନ୍ତାନ ଜନ୍ମ ଦେଇଥିଲେ ସେତେବେଳେ ବି ତାଙ୍କୁ ମାତ୍ର ୧୨ ମିନିଟ୍ ଲାଗିଥିଲା।

# ଗୋଡ଼ିପଥର ମୋର ଆହାର



ଛୋଟବେଳେ କିଛି ପିଲାଙ୍କୁ ଗୋଡି ମାଟି ଖାଇବାକୁ ଭଲ ଲାଗେ। ସେମାନେ ଲୁଚାଇ ଚୋରାଇ ମାଟି ଖାଆନ୍ତି। କିନ୍ତୁ ଜାରି ଆଶ୍ଚର୍ଯ୍ୟ ହେବେ ଜଣେ ବୟସ୍କ ବ୍ୟକ୍ତି ପଥର ଖାଉଛନ୍ତି। ସେ ପୁଣି ପ୍ରତିଦିନ। ପ୍ରାୟ ୩୧ ବର୍ଷ ହେବ ପ୍ରତିଦିନ ସେ ୨୫୦ ଗ୍ରାମ୍ ପଥର ଖାଇ ଆସୁଛନ୍ତି। ସେହି ବ୍ୟକ୍ତିଜଣକ ହେଉଛନ୍ତି ୮୦ ବର୍ଷୀୟ ରାମଭାଉ ବୋଡକେ। ମହାରାଷ୍ଟ୍ରର ସତାରରେ ତାଙ୍କ ଘର। ଏହି ପଥର ଖିଆ ଅଭ୍ୟାସ ପାଇଁ ତାଙ୍କୁ ଗାଁରେ ପଥର ବାବା ବୋଲି ମଧ୍ୟ କୁହନ୍ତି। ତେବେ ଏଭଳି ଅଭ୍ୟାସ ପଛରେ ରହିଛି ଏକ ରୋଚକ କଥା। ୧୯୮୯ରେ ସେ ମୁମ୍ବାଇ କାମ ଖୋଜିବା ପାଇଁ ଯାଇଥିଲେ। ହେଲେ ସେଠାରେ ହଠାତ୍ ତାଙ୍କ ପେଟ ଯନ୍ତ୍ରଣା ଆରମ୍ଭ ହୋଇଗଲା। ତିନି ବର୍ଷ ପର୍ଯ୍ୟନ୍ତ ଏହାର ଚିକିତ୍ସା କରାଇଲେ। କିନ୍ତୁ ଯନ୍ତ୍ରଣା କମିଲା ନାହିଁ। ଏହାପରେ ସେ ପୁଣିଥରେ ଗାଁକୁ ଫେରି ଆସିଲେ। ଆଉ ଚାଷବାସ କଲେ। ତଥାପି ପେଟ ଯନ୍ତ୍ରଣା କମି ନଥାଏ। ଗାଁରେ ରହୁଥିବା ଜଣେ ବୃଦ୍ଧା ରାମଭାଉଙ୍କ ଅବସ୍ଥା ଦେଖି ତାଙ୍କୁ ପଥର ଖାଇବାକୁ ପରାମର୍ଶ ଦେଲେ। ବୃଦ୍ଧାଙ୍କ କଥା ମାନି ରାମଭାଉ ପଥର ଖାଇବା ଆରମ୍ଭ କଲେ। ଏହାପରେ ପେଟ ଯନ୍ତ୍ରଣା ଟିକେ କମିଲା। ସେବେଠାରୁ ସେ ପଥର ଖାଇବା ଜାରି ରଖିଛନ୍ତି। ତାଙ୍କ ପକେଟରେ ସବୁବେଳେ ଛେଶଟ ବଡ଼ ପଥର ରହିଥାଏ। ନିକଟରେ ତାଙ୍କର ଆଉ ଥରେ ପେଟ ଯନ୍ତ୍ରଣା ହୋଇଥିଲା। ଆଉ ସିଟି ସ୍କାନରୁ ଜଣାପଡିଲା ତାଙ୍କ ପେଟରେ ଅନେକ ପଥର ଜମା ହୋଇ ରହିଛି। ଯଦିଓ ପରେ ସୁସ୍ଥ ହୋଇଯାଇଥିଲେ। ହେଲେ ଡାକ୍ତର ରାମଭାଉଙ୍କ ଅଜବ ଖାଦ୍ୟ ସମ୍ପର୍କରେ ଜାଣି ଚକିତ ହୋଇଯାଇଥିଲେ।

# ଫସିଲେ ଦୀପିକା



ବଲିଉଡ ଅଭିନେତ୍ରୀ ଦୀପିକା ପାଦୁକୋନ ଆଜିକାଲି ଟ୍ରୋଲର ଟାର୍ଗେଟରେ ରହିଛନ୍ତି। ଏଥର ସେ ତାଙ୍କ ପୋଷ୍ଟର କ୍ୟାପସନ୍ ପାଇଁ ଲୋକଙ୍କ ଟାର୍ଗେଟରେ ଆସିଛନ୍ତି। ସମ୍ପ୍ରତି ଦୀପିକା ଆଲୁର୍ ପାଇଁ ଏକ ଫଟୋସୁଟ୍ କରିଛନ୍ତି, ଯାହା ଦୁନିଆର ସବୁଠାରୁ ଲୋକପ୍ରିୟ ବ୍ୟୁଟି ମାଗାଜିନ୍ ଭାବରେ ପରିଗଣିତ। ଏହି ଫଟୋସୁଟର ଫଟୋ ଅଭିନେତ୍ରୀ ସୋସିଆଲ ମିଡିଆରେ ସେୟାର କରିଛନ୍ତି। ପୋଷ୍ଟର କ୍ୟାପ୍‌ସନରେ ଦୀପିକା ଲେଖିଛନ୍ତି – ପର୍ସନ ଅଫ୍ କଲର ଅନୁଭବ କରିବା ଠାରୁ ଆରମ୍ଭ କରି ଦୁନିଆର ସବୁଠାରୁ ଫେମସ୍ ବ୍ୟୁଟି ମାଗାଜିନର କଭର ପେଜରେ ସ୍ଥାନ ପାଇବା ପର୍ଯ୍ୟନ୍ତ ମୋର ଯାତ୍ରା ବହୁତ କଠିନ ରହିଛି। ସେ ଆହୁରି ଲେଖିଛନ୍ତି – ମୁଁ ଏଥିରୁ ବହୁତ କିଛି ଶିଖିଲି, ତଥାପି ମୁଁ କିଛି ଜିନିଷ ଭୁଲିଗଲି, ମୁଁ ଆଗକୁ ବଢିଲି ଏବଂ ମୁଁ ମଧ୍ୟ ବିକାଶ କଲି। ତୁମର ବିଶ୍ୱାସ, ନମ୍ରତା ଏବଂ ଭଲ ଶବ୍ଦ ପାଇଁ ଧନ୍ୟବାଦ ଆଲୁର। ଦୀପିକାଙ୍କର ଏହି ପୋଷ୍ଟ ଦେଖିବା ପରେ ଏବଂ କ୍ୟାପସନ୍ ପଢିବା ପରେ କିଛି ୟୁଜର୍ସ ଭାବୁଛନ୍ତି ଯେ ଅଭିନେତ୍ରୀ ପର୍ସନ ଅଫ କଲର୍ ହେବା ବିଷୟରେ ନେଗେଟିଭ୍ ଲେଖିଛନ୍ତି। କାରଣ ବିଦେଶରେ ଏହି ବ୍ୟକ୍ତିଙ୍କୁ ପର୍ସନ୍ ଅଫ୍ କଲର୍ କୁହାଯାଏ, ଯିଏକି ଗୋରା ହୋଇ ନଥାନ୍ତି। ଦୀପିକା ମଧ୍ୟ ଭାରତୀୟ, ଯାହାର ଅର୍ଥ ସେ ମଧ୍ୟ ପର୍ସନ୍ ଅଫ୍ କଲର। ତେଣୁ, ୟୁଜର୍ସ ଦୀପିକାଙ୍କ ଆଲୁର୍ ମାଗାଜିନ ସହିତ ସହଯୋଗର ଘୋଷଣାକୁ ପସନ୍ଦ କରୁ ନାହାଁନ୍ତି। ୟୁଜର୍ସ କହୁଛନ୍ତି ଦୀପିକା ଭିକ୍ଟିମ୍ କାର୍ଡ ପ୍ଲେ କରୁଛନ୍ତି।

# ଘରର ଦେଖାଶୁଣା ପାଇଁ ବାର୍ଷିକ ୮୮ଲକ୍ଷର ଅଫର



ଏକ ଧନୀ ପରିବାର ବାହାମାସ୍‌ର ଏକ ଘରୋଇ ଦ୍ୱୀପରେ ଥିବା ସେମାନଙ୍କ ଘରର ଦେଖାଶୁଣା ପାଇଁ ଏକ ଦମ୍ପତି ସନ୍ଧାନରେ ଅଛନ୍ତି। ସେହି ଦମ୍ପତିଙ୍କୁ ଯେତିକି ଦରମା ଦିଆଯିବ ତାହା ଶୁଣିଲେ ଆପଣଙ୍କ ହୋସ୍ ଉଡ଼ିଯିବ। ଆଶାୟୀ ଦମ୍ପତିଙ୍କୁ ଭାରତୀୟ ମୁଦ୍ରାରେ ବାର୍ଷିକ ପ୍ରାୟ ୮୮ ଲକ୍ଷ ଟଙ୍କା ମିଳିବ। ଅନ୍‌ଲାଇନ୍ ମାଧ୍ୟମରେ ଏହି ଚାକିରି ପାଇଁ ବିଜ୍ଞାପନ ଦିଆଯାଇଛି। ସେଥିରେ ଚାକିରିର ସର୍ତ୍ତ ସମ୍ପର୍କରେ କୁହାଯାଇଛି ଯେ, ଏହି ଦମ୍ପତିଙ୍କୁ ସୋମବାରରୁ ଶୁକ୍ରବାର ଯାଏ ସକାଳ ୮ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ କାମ କରିବାକୁ ପଡିବ। ସେମାନଙ୍କୁ ଘର ସଫା କରିବା ସହ ଆବଶ୍ୟକସ୍ଥଳେ ମରାମତି ଦାୟିତ୍ୱ ନେବାକୁ ପଡିବ। ରୁଚି ସମ୍ପନ୍ନ ଭାବେ ଘର ସଜାଇବା କଳା ଜାଣିଥିବା ଦମ୍ପତିଙ୍କୁ ଏଥିପାଇଁ ଅଗ୍ରାଧିକାର ଦିଆଯିବ। ସେହିପରି ଆଶାୟୀଙ୍କୁ ଅତିଥିମାନଙ୍କୁ ବିମାନବନ୍ଦରରରୁ ନେବା ଆଣିବା କରିବାକୁ ହେବ। ସମୟ ସମୟରେ ବାହାମାସ୍ ବ୍ୟତୀତ ଫ୍ଲୋରିଡା ଓ ନାପଲ୍‌ସରେ ଥିବା ସହି ପରିବାରର ଅନ୍ୟ ଘରଗୁଡିକର ଦେଖାଶୁଣା କରିବାକୁ ପଡିବ। ଦରମାଛଡା ସେମାନଙ୍କୁ ସ୍ୱାସ୍ଥ୍ୟବୀମା, ଏକ କାର ବି ମିଳିବ। ଆଗାମୀ କିଛି ଦିନ ମଧ୍ୟରେ ଯୋଗ୍ୟ ଦମ୍ପତିଙ୍କୁ ଚୟନ କରାଯିବ ବୋଲି ସେ ପରିବାରର ଜଣେ ସଦସ୍ୟ କହିଛନ୍ତି। ଅଭିଜ୍ଞତାସମ୍ପନ୍ନ ଓ ଅଧିକ ଦିନ ରହିବାକୁ ଇଚ୍ଛୁକ ଦମ୍ପତିଙ୍କୁ ଅଗ୍ରାଧିକାର ଦିଆଯିବ ବୋଲି ଉକ୍ତ ଧନୀ ପରିବାର କହିଥିଲେ।

# ପାଇପ ସଜାଡ଼ିବାକୁ ୪ ଲକ୍ଷ ଟଙ୍କା

ବ୍ରିଟେନର ଜଣେ ପ୍ଲମ୍ବର ବା ପାଇପ ମିସ୍ତ୍ରୀଙ୍କ ବିଲ୍ ଏବେ ଚର୍ଚ୍ଚାରେ ରହିଛି। ଏହି ପ୍ଲମ୍ବର ଜଣକ ତାଙ୍କର ଜଣେ ଛାତ୍ରଙ୍କ ଘରେ ଭଙ୍ଗା ପାଇବ ସଜାଡ଼ିବାକୁ ପହଞ୍ଚିଲେ। ରୋଷେଇ ଘରେ ପାଇପ ସଜାଡ଼ି ଦେବାକୁ ମିସ୍ତ୍ରୀ ଜଣକ ୪ ଲକ୍ଷ ଟଙ୍କା ଦାବି କରିଥିଲେ। ତାଙ୍କ ବିଲ୍ ଦେଖି ଏସ୍ଲେ ଡଗ୍‌ଲସ୍ ନାମକ ଛାତ୍ରଙ୍କ ମୁଣ୍ଡ କିଛି କାମ କଲାନି। ୨୩ ବର୍ଷୀୟ ଏସ୍ଲେ ବର୍ତ୍ତମାନ ମାନସିକ ସ୍ତରରେ ଭାଙ୍ଗି ପଡିଛନ୍ତି। କାରଣ ମିସ୍ତ୍ରୀ ଜଣକ ତାଙ୍କୁ ବାରମ୍ବାର ଟଙ୍କା ମାଗୁଛନ୍ତି। ସେ ଏତେ ଟଙ୍କା କେଉଁଠୁ ଆଣିବେ ବୋଲି ଚିନ୍ତାରେ ପଡିଛନ୍ତି। ଏକ ସାକ୍ଷାତ୍‌କାରରେ ସେ କହିଛନ୍ତି, ରୋଷେଇ ଘରେ ପାଇପରୁ ପାଣି ପଡୁଥିଲା। ସେ ଫୋରନ ପିଏମ୍ ପ୍ଲମ୍ବର ସର୍ଭିସକୁ ଫୋନ୍ କରିଥିଲି। ପାଇପ ମିସ୍ତ୍ରୀ ମେହଦୀ ପରଓ୍ୱି କାମ କରିଥିଲେ। ଯେତେବେଳେ ସେ ମୋତେ ବିଲ୍ ଦେଲେ ମୁଁ ଆଶ୍ଚର୍ଯ୍ୟ ହୋଇଗଲି। କାରଣ ୩୯୦୦ ପାଉଣ୍ଡ ଅର୍ଥାତ୍ ପ୍ରାୟ ୪ ଲକ୍ଷ ଟଙ୍କାର ସେ ବିଲ୍ ଦେଇଥିଲେ। ଯାହାକି ସବୁଠୁ ଆଶ୍ଚର୍ଯ୍ୟଜନକ ଥିଲା। ନିରୁପାୟ ହୋଇ ଏସ୍ଲେ ଥାନାରେ ଅଭିଯୋଗ କରିଛନ୍ତି।



# ତୁଳସୀପଦର ନାଳରେ ତିଆରି ହେଲା ଅସ୍ଥାୟୀ ପୋଲ

ନବରଙ୍ଗପୁର,୧୧।୮(ନି.ପ୍ର): ଲଘୁଚାପଜନିତ ଲଗାଣବର୍ଷାରେ ନାଳରେ ଜଳସ୍ତର ବଢିବାରୁ ଝାଡାବାନ୍ତି ପ୍ରଭାବିତ ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ମୈଦଲପୁର ପଞ୍ଚାୟତର ତୁଳସୀପଦର ଗାଁକୁ ଡାକ୍ତରୀ ଟିମ ଯାଇପାରିନଥିଲେ । ତେଣୁ ରୋଗୀ ମାନଙ୍କ ପାଇଁ ନଦୀ ଆର ପଟକୁ ଔଷଧ ଫୋପରା ଯାଇ ମାଇକ ଯୋଗେ ଲୋକଙ୍କୁ ସଚେତନ କରାଯାଇଥିଲା ।

ଏହାପରେ ମଇଦଲପୁର ସରପଞ୍ଚ ଚନ୍ଦ୍ରଧ୍ୱଜ ମାଝୀ ଗ୍ରାମବାସୀଙ୍କ ସହଯୋଗରେ ନିଜ ଉଦ୍ୟମରେ ଏକ ଅସ୍ଥାୟୀ ପୋଲ ତିଆରି କରିବା ମନସ୍ଥ କରି ବଡବଡ ଗଛ ଗଣ୍ଡି ଓ ଅବ୍ୟବହୃତ ବିଦ୍ୟୁତ ପୋଲ ସଂଗ୍ରହ କରି ଟ୍ରାକ୍ଟରରେ ଯୋଗେ ଆଣି ପକାଇ ଥିଲେ । ଯାହାକି ଏମ୍ବୁଲାନ୍ସ ସେପଟକୁ ଯିବାକୁ ବହୁତ ସାହାଯ୍ୟ କରିଥିଲା । ଅସ୍ଥାୟୀ ଯିବା ଆସିବା ସୁବିଧା ହୋଇଯିବାରୁ ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ପ୍ରିୟରଞ୍ଜନ ବାହାଲି ଓ ଟିମ୍ ଗାଁ କୁ ଯାଇ ଝାଡାବାନ୍ତିରେ ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ ।



ସେହିପରି ପାପଡାହାଣ୍ଡି ବିଡିଓ ଓ ତହସିଲଦାର ମଧ୍ୟ ସେହି ଅସ୍ଥାୟୀ ପୋଲକୁ ବ୍ୟବହାର କରି ଗାଁକୁ ଯାଇ ଲୋକଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିଥିଲେ । ଏହି ଅସ୍ଥାୟୀ ପୋଲ ପାଇଁ ସରପଞ୍ଚଙ୍କୁ ଧନ୍ୟବାଦ ଦେଇଛନ୍ତି ଗ୍ରାମବାସୀ । ସୂଚନାଥାଉକି ତୁଳସୀପଦର ଗ୍ରାମରେ ଝାଡାବାନ୍ତି ଯୋଗୁଁ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୯ଜଣ ଆକ୍ରାନ୍ତ ହୋଇଥିଲେ । ଏହି ଖବର ପ୍ରସାରଣ ପରେ ଉକ୍ତ ଗ୍ରାମରେ ପ୍ରଶାସନ ତରଫରୁ ଡାକ୍ତରୀ ଟିମ୍ ପହଞ୍ଚି ଚିକିତ୍ସା କରିବା ସହ ମୋବାଇଲ ହେଲଥ୍ ୟୁନିଟର ଆରଆରଟି ଟିମ୍ ୩ଭାଗରେ ବିଭକ୍ତ ହୋଇ ସେବା ଯୋଗାଇ ଆସୁଥିଲେ । ତେବେ ଲଘୁଚାପ ଜନିତ ବର୍ଷା ଯୋଗୁଁ ଗ୍ରାମକୁ ସଂଯୋଗ କରୁଥିବା ଏକ ନାଳରେ ପାଣିଆସିବା ଯୋଗୁ ଗ୍ରାମକୁ ଯିବା ପାଇଁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା । ଫଳରେ ସ୍ୱାସ୍ଥ୍ୟ ଟିମ୍ ଚିକିତ୍ସା ପାଇଁ ଗ୍ରାମକୁ ଯାଇ ପାରିନଥିଲେ ।

# ୩୪ତମ ବିଦ୍ୟାଳୟ ବିଜ୍ଞାନ ମେଳା

ବୌଦ୍ଧ,୧୧।୮ (ନିପ୍ର): ବୌଦ୍ଧ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ୩୪ତମ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି । ଉତ୍ସବରେ ମୁଖ୍ୟଅତିଥି ଭାବରେ ଡେପୁଟି କଲେକ୍ଟର ଝରଣା ପ୍ରଧାନ ଯୋଗଦେଇ ମେଳାକୁ ଉଦଘାଟନ କରିବା ସହିତ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ । ପ୍ରଧାନଆଚାର୍ଯ୍ୟ ଧରଣୀଧର ପରିଡା ଅତିଥି ପରିଚୟ ପ୍ରଦାନ କରିବା ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଛାତ୍ରୀ ସୁଶ୍ରୀ ରାଜଶ୍ରୀ ମହାପାତ୍ର ବନ୍ଦିଗତ ସଙ୍ଗୀତ ପରିବେଷଣ କରିଥିଲେ । ଅନ୍ୟତମ ଅତିଥି ଭାବରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରାଜକିଶୋର ମହାରଣା, ସଂପାଦକ ସାର ପ୍ରଧାନ, ଯୁଗ୍ମ ସଂପାଦକ ସନ୍ତୋଷ ପୁରୋହିତ ଓ କୋଷାଧ୍ୟକ୍ଷ ରାଜେନ୍ଦ୍ର ମହାପାତ୍ର ଉପସ୍ଥିତ ଥିଲେ । ମେଳାରେ ପ୍ରାକ୍ ଶିଶୁ ବର୍ଗ,ଶିଶୁ ବର୍ଗ,ବାଲ ବର୍ଗ,କିଶୋର ବର୍ଗରେ ପ୍ରାରମ୍ଭରୁ ୧୦ମ ପର୍ଯ୍ୟନ୍ତ ୨୧୦ ଜଣ ଶିଶୁ ଭାଇ ଭଉଣୀ ଅଂଶଗ୍ରହଣ କରିଥିଲେ । ସେମାନଙ୍କ ମଧ୍ୟରୁ ୧୨ ଜଣ ଶିଶୁ ଭାଇ ଭଉଣୀଙ୍କୁ ବିଭିନ୍ନ ବିଭାଗରୁ ପ୍ରଥମ ସ୍ଥାନରେ ସ୍ଥାନିତ ହୋଇ ସଙ୍କୁଳ ସ୍ତରୀୟ ବିଜ୍ଞାନ ମେଳାରେ ଅଂଶଗ୍ରହଣ କରିବାକୁ ମନୋନୀତ ହୋଇଥିଲେ । ବିଚାରକ ଭାବରେ ବୌଦ୍ଧ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ସତ୍ୟ ନାରାୟଣ ସ୍ୱାଇଁ, କାର୍ତ୍ତ୍ୟନୀ ପାଢ଼ି ଓ ସଂଜିବ କୁମାର ପ୍ରଧାନ ସହଯୋଗ କରିଥିଲେ । ପୂର୍ବତନ ଛାତ୍ର କେତନ କୁମାର ଅଗ୍ରୱାଲା ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରି ଉତ୍ସାହିତ କରିଥିଲେ ।

# କଳିଙ୍ଗନଗର ଠାରେ ଯୁଗ୍ମ ଜନ ଶୁଣାଣି ଶିବିର ଅନୁଷ୍ଠିତ

ଯାଜପୁର,୧୧।୮ (ନିପ୍ର): କେ.ଏନ୍.ଡି.ଏ. ସମ୍ମିଳନୀ ଗୃହ, କଳିଙ୍ଗନଗରଠାରେ ଯୁଗ୍ମ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ ଯାଜପୁର ଜିଲ୍ଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋର ଅଧ୍ୟକ୍ଷତା କରିବା ସହ କହିଲେ ଯେ, ଅଭିଯୋଗ ଏବଂ ସମସ୍ୟାର ସମାଧାନ ନିମନ୍ତେ ପ୍ରଶାସନର ଅଂଶ ବିଶେଷ । ଏହି ଅଭିଯୋଗ ଶୁଣାଣି ପ୍ରକ୍ରିୟାର ଉଦ୍ଦେଶ୍ୟ ହେଉଛି ଲୋକ ମାନଙ୍କ ସମସ୍ୟା କିମ୍ବା ଅଭିଯୋଗ ଗୁଡିକର ତ୍ୱରିତ ସମାଧାନ କରି ପରିଚାଳନାରେ ସ୍ଥିରତା, ସ୍ୱଚ୍ଛତା ଏବଂ ନ୍ୟାୟକୁ ଉତ୍ସାହିତ କରିବା । ଫଳରେ ପ୍ରଶାସନ ଜନ ସାଧାରଣଙ୍କ ନିକଟରେ ଉତ୍ତରଦାୟୀ ହେବା ସହ ଏକ ଦକ୍ଷ ଓ ପ୍ରଭାବଶାଳୀ ଅଭିଯୋଗ ସମାଧାନ ପ୍ରଣାଳୀ ପ୍ରତିଷ୍ଠା ହୋଇପାରିବ । ଏହି ଶୁଣାଣିରେ ମୋଟ ୩୦ ଗୋଟି ଅଭିଯୋଗ ମଧ୍ୟରୁ ୨୬ ଗୋଟି ବ୍ୟକ୍ତିଗତ, ୧୦ ଗୋଟି ରେଡକ୍ରସ ସହାୟତା ପାଇଁ ଓ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ସହାୟତା ପାଇଁ ୦୭ ଗୋଟି, ସାମୁହିକ ୦୪ ଗୋଟି ଆବେଦନ ପତ୍ର ମିଳିଥିଲା । ତତ୍କ୍ଷଣାତ୍ ୧୮ ଗୋଟି ଆବେଦନର ସମାଧାନ କରାଯାଇଥିଲା । ଅବଶିଷ୍ଟ ଅଭିଯୋଗର ସମାଧାନ କର୍ତ୍ତୃପକ୍ଷ ଅଧିକାରୀମାନଙ୍କୁ ସମାଧାନ ପାଇଁ ନିର୍ଦ୍ଦେଶ ଦିଆଗଲା । ପ୍ରକାଶ ଥାଉ କି, ଅଗଷ୍ଟ ୧୬ ତାରିଖ ମଙ୍ଗଳବାର ଦଶରଥପୁର ବ୍ଲକ କାର୍ଯ୍ୟାଳୟ ଠାରେ, ଅଗଷ୍ଟ ୨୨ ତାରିଖ ସୋମବାର ବଡଚଣା ବ୍ଲକ କାର୍ଯ୍ୟାଳୟ ଏବଂ ୨୯ ତାରିଖ ସୋମବାର ବରୀ ବ୍ଲକ କାର୍ଯ୍ୟାଳୟ ଠାରେ ଦିବା ୧୦ ଘଟିକା ଠାରୁ ଅପରାହ୍ନ ୨ ଘଟିକା ପର୍ଯ୍ୟନ୍ତ ମିଳିତ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହେବ ବୋଲି ଜିଲ୍ଲାପାଳ ଚକ୍ରୱର୍ତ୍ତୀ ସିଂହ ରାଠୋର ବିଭାଗୀୟ ପତ୍ର ମାଧ୍ୟମରେ ଅବଗତ କରାଇଛନ୍ତି । ଏହି ଶିବିରରେ ଆରକ୍ଷୀ ଅଧିକ୍ଷକ ରାହୁଲ ପି.ଆର, ଜିଲ୍ଲା ପରିଷଦର ପ୍ରମୁଖ ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଅକ୍ଷୟ କୁମାର ମଲ୍ଲିକ, କଳିଙ୍ଗ ନଗର ଅତିରିକ୍ତ ଜିଲ୍ଲାପାଳ ସନ୍ତୋଷ କୁମାର ମିଶ୍ର, ସହକାରୀ ଜିଲ୍ଲାପାଳ ତଥା ଜିଲ୍ଲା ଅଭିଯୋଗ ପ୍ରକୋଷ୍ଠ ଅଧିକାରୀ ତିଲୋତ୍ତମା ପୃଷ୍ଟି , ଜିଲ୍ଲା ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ସୁଧାଂଶୁ ଶେଖର ବଳ, ପ୍ରମୁଖ ଯୋଗ ଦେଇଥିଲେ ।

# ନାଇଜର ପରିସରରେ କ୍ୟାନସରର ଚିକିତ୍ସା

## ପୂର୍ବ ଭାରତର ପ୍ରଥମ ମେଡ଼ିକାଲ ଓ ରେଡ଼ିଓଲୋଜିକାଲ ଫିଜିକ୍ସ କେନ୍ଦ୍ରରେ ଶିକ୍ଷାଦାନ ଆରମ୍ଭ

ଜଟଣୀ,୧୧।୮ (ନିପ୍ର): କ୍ୟାନସର ରୋଗର ଗବେଷଣା ଓ ଚିକିତ୍ସା ନିମନ୍ତେ ଜଟଣୀ ସ୍ଥିତ ଭୁବନେଶ୍ୱର ଜାତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ (ନାଇଜର) ଠାରେ ସୋମବାର ପୁର୍ବାହ୍ନରେ ମେଡ଼ିକାଲ ଏବଂ ରେଡ଼ିଓଲୋଜିକାଲ ଫିଜିକ୍ସ ଶିକ୍ଷା କେନ୍ଦ୍ରରେ ଶିକ୍ଷାଦାନ ଆରମ୍ଭ କରାଯାଇଛି । ନାଇଜର ଏବଂ ଟାଟା ମେମୋରିଆଲ କ୍ୟାନସର ଇନଷ୍ଟିଚ୍ୟୁଟର ମିଳିତ ସହଯୋଗରେ ନାଇଜର ପରିସରରେ ଆସନ୍ତା ୪ ବର୍ଷ ମଧ୍ୟରେ ଏକ କ୍ୟାନସର ହସ୍ପିଟାଲ କାର୍ଯ୍ୟକ୍ଷମ କରିବା ଲାଗି କେନ୍ଦ୍ର ସରକାର ଘୋଷଣା କରିବା ପ୍ରିପ୍ରେକ୍ଷୀରେ ଆଜି ଠାରୁ ନାଇଜରରେ ଖୋଲା ଯାଇଥିବା ଉକ୍ତ ପାଠ୍ୟକ୍ରମ ଗୁରୁତ୍ୱ ବହନ କରିଥିବା ଜଣାପଡ଼ିଛି । ଉକ୍ତ ପାଠ୍ୟକ୍ରମରେ ବିଭିନ୍ନ ରାଜ୍ୟର ୧୦ ଜଣ ଛାତ୍ର ଛାତ୍ରୀ ନାମ ଲେଖାଇଛନ୍ତି । ନାଇଜର ପରିସରରେ ମେଡ଼ିକାଲ ଓ ରେଡ଼ିଏସନ ଫିଜିକ୍ସ ସ୍କୁଲ ସଭାଗୃହରେ ଉଦ୍‌ଘାଟିତ ଉତ୍ସବରେ ନବାଗତ ଛାତ୍ରଛାତ୍ରୀ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଭାବା ଆଣବିକ ଗବେଷଣା କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ଅଜିତ ମହାନ୍ତି ଆଭାସି ଜରିଆରେ ଏହାକୁ ଉଦ୍‌ଘାଟନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ନାଇଜର ସଫଳ ରୂପାୟନ ଦେଇଥିବାରୁ ସେ ପରମାଣୁ ଉର୍ଜ୍ଜା ବିଭାଗକୁ ଧନ୍ୟବାଦ ଦେଇଥିଲେ । ପାଠ୍ୟକ୍ରମ ଶେଷ କରିବା ପରେ କ୍ୟାନସର ଚିକିତ୍ସା ଲାଗି ଛାତ୍ରଛାତ୍ରୀ ବିଭିନ୍ନ ଦିଗରେ ଗବେଷଣା କରି ପାରିବେ ବୋଲି ସେ କହିଥିଲେ । ଏମ୍ବର ପ୍ରଫେସର ସରୋଜ କୁମାର ମଜୁମ୍‌ଦାର ଅତିଥି ଭାବେ ଯୋଗ ଦେଇଥିଲେ । ଛାତ୍ରଛାତ୍ରୀ ଏଠାରେ କ୍ୟାନସର ରୋଗର ଚିକିତ୍ସା,ଶିକ୍ଷା ଏବଂ ଗବେଷଣା ଆଧାରରେ ସେମାନଙ୍କ ଭବିଷ୍ୟତ ଗଢ଼ି ପାରିବେ ବୋଲି କହିଥିଲେ । ନାଇଜରର ନିର୍ଦ୍ଦେଶକ ପ୍ରଫେସର ସୁଧାକର ପଣ୍ଡା କହିଥିଲେ,ଦେଶରେ କ୍ୟାନସର ଚିକିତ୍ସା ପାଇଁ ଯେତିକି ମାନବ ସମ୍ବଳ ଦରକାର ତାହା ଯଥେଷ୍ଟ ନିହେଁ । ଖୁବ ଶୀଘ୍ର ନାଇଜର ଠାରେ କ୍ୟାନସର ହସ୍ପିଟାଲ ଆରମ୍ଭ ହେବାକୁ ଯାଉଛି । ଏଠାରୁ ପାସ୍ କରିଥିବା ଛାତ୍ର ଛାତ୍ରୀ ଏଠାରେ ହିଁ ନିଯୁକ୍ତି ପାଇବେ । ଉକ୍ତ ହସ୍ପିଟାଲରେ ପ୍ରଥମ କ୍ୟାନସର ରୋଗୀ ଭଲ ହୋଇ ଫେରିଲେ ତାଙ୍କର ସ୍ୱପ୍ନ ସାର୍ଥକ ହେବ ବୋଲି ସେ କହିଥିଲେ ।

ଅନ୍ୟତମ ଅତିଥି କଟକ ସ୍ଥିତ ଆଚାର୍ଯ୍ୟ ହରିହର କ୍ୟାନସର ହସ୍ପିଟାଲର ଅଧକ୍ଷ ପ୍ରଫେସର ପି.କେ ହୋତା କହିଥିଲେ,ରେଡ଼ିଏସନ ଦ୍ୱାରା କ୍ୟାନସର ଭଲ ହୁଏ । କ୍ୟାନସର କୋଷକୁ ରେଡ଼ିଏସନ ମାରି ଦିଏ । ଜଣେ ରୋଗୀକୁ କେତେ ମାତ୍ରାରେ ରେଡ଼ିଏସନ ଦିଆଯିବ ତାହା ରେଡ଼ିଓଲୋଜିକାଲ ଫିଜିକ୍ସ ପାସ୍ କରିଥିବା ଛାତ୍ରଛାତ୍ରୀ ନିର୍ଦ୍ଧାରଣ କରିଥାନ୍ତି । ଓଡ଼ିଶାରେ ଏ ଭଳି ପାଠ୍ୟକ୍ରମ ନଥିଲା । ନାଇଜର ପ୍ରତିଷ୍ଠା ହେବା ଏହା ଯୋଗୁ ସମ୍ଭବ ହେଲା । ନାଇଜରର ଡ଼ିନ୍ ପ୍ରଫେସର ଡ଼.ବେଦାଙ୍ଗ ଦାସ ମହାନ୍ତି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ନାଇଜରର କୁଳ ସଚିବ ଡ଼.ଅଭୟ କୁମାର ନାୟକ ଧନ୍ୟବାଦ ଦେଇଥିଲେ । ପୁର୍ବ ଭାରତର ଗୌରବ ନାଇଜରରେ ଉକ୍ତ ଶିକ୍ଷାଦାନ କ୍ୟାନସର ଚିକିତ୍ସା ଏବଂ ଗବେଷଣା ଦିଗରେ ମାଇଲ ଖୁଣ୍ଟ ହୋଇ ରହିବ ବୋଲି ସେ ମତବ୍ୟକ୍ତ କରିଥିଲେ ।

# ହର୍ ଘର୍ ତ୍ରିରଙ୍ଗା ଶୁଭାରମ୍ଭ

ବାଲିପାଟଣା,୧୧।୮ (ନିପ୍ର): ବାଲିପାଟଣା ସ୍ଥିତ ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଯୁବ ଓ ନାରୀ କଲ୍ୟାଣ ପ୍ରତିଷ୍ଠାନ ଏବଂ ନେହେରୁ ଯୁବକେନ୍ଦ୍ର ଖୋର୍ଦ୍ଧାର ମିଳିତ ଆନୁକୂଲ୍ୟରେ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି । ଚଳିତ ମାସ ୬ତାରିଖ ରୁ ଦଶ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମକୁ ବାଲିପାଟଣା ବ୍ଲକ ପରିସରରେ ବିଡ଼ିଓ ଆଦିକନ୍ଦ ବେହେରା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଯୁବ ଓ ନାରୀ କଲ୍ୟାଣ ପ୍ରତିଷ୍ଠାନ ର ମୁଖ୍ୟ ଶିବ ପ୍ରସାଦ ପାଟଯାଶୀ ଓ ଅନ୍ୟମାନେ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରୁଛନ୍ତି ।

# ଅଭିରାମ ବିଦ୍ୟାପୀଠରେ ସୁବର୍ଣ୍ଣଜୟନ୍ତୀ ଉତ୍ସବ ପ୍ରସ୍ତୁତି

କଣାସ,୧୧।୮ (ନିପ୍ର): କଣାସ ବ୍ଲକ ଅନ୍ତର୍ଗତ ଆଳିବାଡ ଗ୍ରାମପଞ୍ଚାୟତର କରମଳା ଠାରେ ପ୍ରତିଷ୍ଠିତ ଅଭିରାମ ବିଦ୍ୟାପୀଠର ସୁବର୍ଣ୍ଣ ଜୟନ୍ତୀ ଆସନ୍ତା ୨୯ ଓ ୩୦ତାରିଖ ଦୁଇଦିନ ଧରି ପାଳନ କରାଯିବା ପାଇଁ ପ୍ରସ୍ତୁତି ବୈଠକ ବିଦ୍ୟାପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ଭାସ୍କର ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା । ୫୦ବର୍ଷ ପୂର୍ତ୍ତି ଅବସରରେ ସୁବର୍ଣ୍ଣଜୟନ୍ତୀ ଉତ୍ସବ ଆସନ୍ତା ୨୯ ଓ ୩୦ତାରିଖ ଦୁଇଦିନ ଧରି ପାଳନ କରିବାପାଇଁ ପ୍ରସ୍ତାବ ଆଗତ କରାଯାଇଥିଲା । ଏହି ଦୁଇଦିନିଆ କାର୍ଯ୍ୟକ୍ରମରେ ଅନେକ ଗୁଡିଏ କିମିଟି ଗଠନ କରାଯାଇ କିପରି ସୁବର୍ଣ୍ଣଜୟନ୍ତୀ ଉତ୍ସବଟି ସରସସୁନ୍ଦର ହୋଇପାରିବ ସେ ସଂପର୍କରେ ବିଶେଷ ଆଲୋଚନା ହୋଇଥିଲା । ସାଂସ୍କୃତିକ କାର୍ଯ୍ୟକ୍ରମ କମିଟି, ସ୍ମରଣିକା ଉନ୍ମୋଚନ କମିଟି, ପେଣ୍ଡାଲ୍ ପରିଚାଳନା କମିଟି, ଡେକୋରେସନ୍ କମିଟି, ରିସିପିସନ୍ କମିଟି, ଖାଦ୍ୟ ପରିଚାଳନା କମିଟି, ଅର୍ଥ ପରିଚାଳନା କମିଟି, ମାନପତ୍ର ସେଲେକ୍ସନ୍ କମିଟି, ଅତିଥି ଯୋଗାଯୋଗ କମିଟି ଗଠନ କରାଯାଇଥିଲା । ଏହି ସଭାରେ ୨ଶହରୁ ଉର୍ଦ୍ଧ ପୂର୍ବତନ ଛାତ୍ରଛାତ୍ରୀ ଏବଂ ଗ୍ରାମବାସୀ ଯୋଗଦେଇଥିବା ବେଳେ ପୂର୍ବର୍ତନ ଛାତ୍ର ସଂସଦ ସଂପାଦକ ସୂର୍ଯ୍ୟକାନ୍ତ ଦାସରାୟ, ପଦ୍ମଚରଣ ବିଶ୍ୱାଳ, ବିଜୟ କୁମାର ବଳିୟାରସିଂହ, ଶୁକଦେବ ବିଶ୍ୱାଳ, ସୁରେଶ ଚନ୍ଦ୍ର ବିଶ୍ୱାଳ, ଶଶାଙ୍କଶେଖର ସାହୁ, ଶରତ ଚନ୍ଦ୍ର ସାହୁ ଉପସ୍ଥିତ ରହିଥିଲେ ।

# ସୀତାରାମ ଛକ ରାସ୍ତା ଶୋଚନୀୟ



ଜଟଣୀ,୧୧।୮ (ନିପ୍ର): ଜଟଣୀ ସହରର ମୁଖ୍ୟ ଛକ ସୀତାରାମ ଛକ । ଉକ୍ତ ଛକ ଦେଇ ଖୋର୍ଦ୍ଧାରୋଡ଼ ରେଳ ଷ୍ଟେସନକୁ ଜଟଣୀ ସହର ଏବଂ ବିଭିନ୍ନ ଅଞ୍ଚଳର ଲୋକେ ଯାତାୟାତ କରୁଛନ୍ତି । ରେଳ ଷ୍ଟେସନ ସହ ବିଭିନ୍ନ ସ୍ଥାନକୁ ବସ୍ ଚଳାଚଳ କରୁଛି । ଖୋର୍ଦ୍ଧାରୋଡ଼ ରେଳ ମଣ୍ଡଳ କାର୍ଯ୍ୟାଳୟ ଏବଂ ରେଳ କଲୋନୀକୁ କର୍ମଚାରୀ ଓ ରେଳ ଅଧିକାରୀ ଯାତାୟତ କରୁଛନ୍ତି । ଦୀର୍ଘ ଦିନ ଧରି ରାସ୍ତା ଖରାପ ହୋଇ ପଡ଼ି ରହିଥିଲେ ମଧ ସୀତାରାମ ଛକ ରାସ୍ତାକୁ ମରାମତି କରା ଯାଉ ନାହିଁ । ମଝି ରାସ୍ତାରେ ଖାଲ ହୋଇଯାଇଛି । ବର୍ଷା ଜଳ ଜମି ରହୁଛି । ପ୍ରବଳ ବର୍ଷାରେ ରାସ୍ତା ଉପରେ ପିଚୁ ଉଠିଯାଇଛି । ମୁନିଆଁ ଗେଟି ବାହାରି ପଡ଼ିଛି । ଛୋଟ ବଡ଼ ଦୁର୍ଘଟଣା ଘଟୁଥିବା ସ୍ଥାନୀୟ ଲୋକ ସୂଚନା ଦେଇଛନ୍ତି । ଲୋକମାନେ ଯା ଆସ କରି ପାରୁ ନଥିବା ଅଭିଯୋଗ ହୋଇଛି । ବିଭାଗୀୟ ଯନ୍ତ୍ରୀ ଓ ପୌର ଅଧିକାରୀ ଦେଖି ନ ଦେଖିଲା ଭଳି ରହୁଥିବା ଅଭିଯୋଗ ହୋଇଛି । ଜିଲାପାଳ ଏଥି ପ୍ରତି ଦୃଷ୍ଟି ଦେବା ନିମନ୍ତେ ବିଭିନ୍ନ ମହଲରେ ଅନୁରୋଧ କରାଯାଇଛି ।

# ହିରୋସୀମା ଦିବସ ପାଳିତ

ଜଟଣୀ,୧୧।୮ (ନିପ୍ର): ଉତ୍ତରାୟଣୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ହିରୋସୀମା ଦିବସ ପାଳିତ ହୋଇଯାଇଛି । ଅବସରପ୍ରାପ୍ତ ଶିକ୍ଷକ ସଂଘ କାର୍ଯ୍ୟକ୍ରମକୁ ଆୟୋଜନ କରିଥିଲା । ସଂଘର ଉପଦେଷ୍ଟା ତ୍ରିଲୋଚନ ମହାପାତ୍ର ସଭାରେ ଅଧକ୍ଷତା କରିଥିଲେ । ଅନ୍ୟତମ ଉପଦେଷ୍ଟା ଅକ୍ଷୟ କୁମାର ମହାନ୍ତି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଆଣବିକ ଅସ୍ତ୍ର ନିର୍ମାଣ ଓ ପ୍ରୟୋଗ ଉପରେ ଜାତିସଂଘ ପକ୍ଷରୁ ନିଷେଧାଦେଶ ଜାରୀ କରିବା ଏବଂ 'ବସୁଧୈବ କୁଟୁମ୍ବକମ୍' ମହାମନ୍ତ୍ରରେ ଅଭିମନ୍ତ୍ରିତ ହେଲେ ବିଶ୍ୱଶାନ୍ତି ପ୍ରତିଷ୍ଠା ସମ୍ଭବ ହେବ ବୋଲି ଆଲୋଚନାରେ ମତ ପ୍ରକାଶ ପାଇଥିଲା । ଅବସରପ୍ରାପ୍ତ ଶିକ୍ଷକ ପଦ୍ମନାଭ ପାଣିଗ୍ରାହୀ,ବିଜୟ କୁମାର ପଟ୍ଟନାୟକ,ଦୁର୍ଗା ଚରଣ ସାହୁ,ପ୍ରହ୍ଲାଦ ସ୍ୱାଇଁ,ସନାତାନ ସାହୁ,ଗୋବିନ୍ଦ ଚନ୍ଦ୍ର ସାହୁ,ହରହହର ସାହୁ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

# ହସ୍ତତନ୍ତ ଦ୍ରବ୍ୟ କ୍ରୟ ପାଇଁ ସମସ୍ତ ସରକାରୀ କର୍ମଚାରୀଙ୍କୁ ଜିଲ୍ଲାପାଳଙ୍କ ଅନୁରୋଧ

ଭଦ୍ରକ,୧୧।୮ (ନିପ୍ର):୧୯୦୫ ମସିହାରେ ଅଗଷ୍ଟ ୭ ତାରିଖରେ ଆରମ୍ଭ ହୋଇଥିବା ସ୍ୱଦେଶୀ ଆନ୍ଦୋଳନର ସ୍ମାରକୀ ଉଦ୍ଦେଶ୍ୟରେ ଏହି ଦିବସକୁ ଆମ ଦେଶରେ ଜାତୀୟ ହସ୍ତତନ୍ତ ଦିବସ ରୂପେ ଚୟନ କରାଯାଇଛି । ହ୍ୟାଣ୍ଡଲୁମ୍ ବୁଣାକାରମାନଙ୍କୁ ସମ୍ମାନ ଜଣାଇ ହସ୍ତତନ୍ତ ଶିଳ୍ପର ପ୍ରୋତ୍ସାହନ ପାଇଁ ପ୍ରତିବର୍ଷ ଏହି ଦିବସକୁ ଆମ ଦେଶରେ ଜାତୀୟ ହସ୍ତତନ୍ତ ଦିବସ ରୂପେ ପାଳନ କରାଯାଉଛି । ଚଳିତ ବର୍ଷ ମଧ୍ୟ ଏହି ଦିବସକୁ ଦେଶ ତମାମ୍ ପାଳନ କରାଯାଉଥିବା ଅବସରରେ ଆଜାଦି କି ଅମୃତ ମହୋତ୍ସବ ର ଏକ ଅଂଶ ଭାବେ ଆମ ରାଜ୍ୟରେ ମଧ ଏହା ପାଳନ କରାଯାଉଛି । ରାଜ୍ୟର ସମସ୍ତ ହସ୍ତତନ୍ତ ବୁଣାକାରମାନଙ୍କୁ ଉତ୍ସାହିତ କରାଯିବା ଉଦ୍ଦେଶ୍ୟରେ ସବୁ ବିଭାଗର ସମସ୍ତ କର୍ମଚାରୀମାନେ ଓଡ଼ିଶା ହସ୍ତତନ୍ତ ଦ୍ରବ୍ୟ କିଣି ପରିଧାନ ପାଇଁ ଓଡ଼ିଶା ସରକାରଙ୍କ ହସ୍ତତନ୍ତ, ବୟନ ଏବଂ ହସ୍ତଶିଳ୍ପ ବିଭାଗ ପକ୍ଷରୁ ଏକ ନିବେଦନ ଜାରି କରାଯାଇଛି। ସୂଚନା ଯୋଗ୍ୟକି ୭ ଅଗଷ୍ଟ ରୁ ୧୫ ଅଗଷ୍ଟ ପର୍ଯ୍ୟନ୍ତ ଉକ୍ତ ଦ୍ରବ୍ୟ ବିକ୍ରୟରେ ସରକାରୀ ସଂସ୍ଥାମାନଙ୍କ ଜରିଆରେ ସ୍ୱତନ୍ତ୍ର ରିହାତି ବ୍ୟବସ୍ଥା ପ୍ରଚଳନ କରାଯାଇଛି । ବୟନିକା, ଉତ୍କଳିକା, ସମ୍ବଲପୁରୀ ବସ୍ତ୍ରାଳୟ, ଅମ୍ଳାନ ଆଦି ସଂସ୍ଥାରୁ ଏହି ସୁବିଧା ଉପଲବ୍ଧ ହୋଇପାରିବା ନେଇ ସୂଚନା ପ୍ରଦାନ କରାଯାଇଛି । ଏହି ପ୍ରରିପ୍ରେକ୍ଷୀରେ ସରକାରଙ୍କ ନିର୍ଦ୍ଦେଶମତେ ଭଦ୍ରକ ଜିଲ୍ଲା ପ୍ରଶାସନର ସମସ୍ତ ବିଭାଗୀୟ ଅଧିକାରୀ କର୍ମଚାରୀ ତଥା ଜିଲ୍ଲା ପ୍ରଶାସନ ନିୟନ୍ତ୍ରଣରେ ଥିବା ବିଭିନ୍ନ ସଂସ୍ଥା, ସ୍ୱୟଂଶାସିତ, ଅଧସ୍ତନ ସଂଗଠନ ଆଦିର କର୍ମକର୍ତ୍ତାମାନଙ୍କୁ ଅବଗତ କରାଯିବା ସହିତ ଏ ସମ୍ବନ୍ଧରେ ଏହି ଖବର ପ୍ରକାଶନ ଜରିଆରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଦ୍ୱାରା ଓଡ଼ିଶା ହସ୍ତତନ୍ତ ଦ୍ରବ୍ୟ କ୍ରୟ ଓ ବ୍ୟବହାର ପାଇଁ ସରକାରୀ, ବେସରକାରୀ ଏପରିକି ଜନସାଧାରଣଙ୍କ ସଚେତନତା ଉଦ୍ଦେଶ୍ୟରେ ସୂଚନା ପ୍ରଦାନ କରାଯାଇଛି ।

# ରାଜପାଟଣା ୩୩ କେଭି ବିଦ୍ୟୁତ୍ ବିଭ୍ରାଟ : ଅନ୍ଧାରରେ ରଣପୁର

ରଣପୁର,୧୧।୮ (ନିପ୍ର): ନୟାଗଡ ଜିଲ୍ଲା ରାଜପାଟଣା ରୁ ରଣପୁର ଆସିଥିବା ୩୩ କେଭିବିଦ୍ୟୁତ ତାର ସାର୍ଟସର୍କିଟ ଯୋଗୁ ସାରା ରଣପୁର ରବିବାର ଅପରାହ୍ନ ତିନି ଘଣ୍ଟିକା ଠାରୁ ଅନ୍ଧାରରେ ଥିବା ଜଣାପଡିଛି । ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମନରେ ଅସନ୍ତୋଷ ଦେଖାଦେଇଛି । ସୂଚନା ଅନୁସାରେ ଦୀର୍ଘ ଦଶ ବର୍ଷ ଧରି ନୟାଗଡ ରାଜପାଟଣା ଠାରୁ ରଣପୁର କୁ ୩୩ କେଭି ବିଦ୍ୟୁତ ସଂଯୋଗ ହୋଇଥିବା ବେଳେ ଗତ ଦୁଇ ବର୍ଷ ତଳେ ରାଜପାଟଣା ନିକଟ ଜଗତିପାଟଣା ଠାରେ ୩୩ କେଭି ବିଦ୍ୟୁତ ତାର ସର୍ଟସର୍କିଟ ହୋଇ ତାର ଛିଡି ଯିବା ଫଳରେ ଦୁଇ ଜଣ ମହିଳା ଆହତ ହୋଇଥିବା ବେଳେ ଜଗତିପାଟଣା ଗ୍ରାମର କିଛି ଘର ପରିବାର ଲୋକ ବିଦ୍ୟୁତ ସରଜମା ପୋଡି ଯାଇଥିଲା ଯାହାକୁ ନେଇ ସ୍ଥାନୀୟ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇବା ସହ ସେହି ଗ୍ରାମ ଭିତରେ ଦେଇ ଆସିଥିବା ୩୩ କେଭି ବିଦ୍ୟୁତ ତାର ସ୍ଥାନାନ୍ତରିତ ସହିତ ପୋଡି ଯାଇଥିବା ବିଦ୍ୟୁତ ସରଂଜାମ ର କ୍ଷତି ପୂରଣ ଦାବି ନେଇ ବିଦ୍ୟୁତ ବିଭାଗକୁ ମରାମତି କରିବା ପାଇଁ ଛାଡି ନଥିବା ସହ କିଛି ବିଦ୍ୟୁତ କର୍ମଚାରୀ ଙ୍କୁ ଅଟକ ରଖିଥିଲେ । ଫଳରେ ଦୀର୍ଘ ତିନି ଧରି ରଣପୁର ଅନ୍ଧାରରେ ରହିଥିଲା । ଫଳ ରେ ରଣପୁର ରେ ଉତ୍ତେଜନା ପ୍ରକାଶ ପାଇବା ସହ ରାସ୍ତା ରୋକ ହାଇଥିଲା ଏବଂ ପରେ ଜିଲ୍ଲା ପ୍ରଶାସନ ର ହସ୍ତକ୍ଷେପ ପରେ ଦାବି ପୂରଣ ନେଇ ପ୍ରତିଶ୍ରୁତ ଦେବା ପରେ ବିଦ୍ୟୁତ ସଂଯୋଗ ହୋଇଥିଲା । କିନ୍ତୁ ପ୍ରତିଶ୍ରୁତି ଦେବାର ଦୁଇ ବର୍ଷ ପରେ ରବିବାର ପୁନର୍ବାର ସେହି ଜଗତିପାଟଣା ଗ୍ରାମରେ ୩୩ କେଭି ସର୍ଟସର୍କିଟ ଯୋଗୁ ରଣପୁର ଅନ୍ଧାର ରେ ଥିବାବେଳେ ଗ୍ରାମବାସୀ ବିଦ୍ୟୁତ ସଂଯୋଗ କରିବାକୁ ଦେଉନଥିବା ଅଭିଯୋଗ ହେଉଛି ।

# ମହାନଦୀ କୂଳର ସୁରକ୍ଷା ପାଇଁ ସ୍ୱତନ୍ତ୍ର ଯୋଜନା ଆବଶ୍ୟକ

ବୌଦ୍ଧ,୧୧।୮ (ନିପ୍ର): ପ୍ରତିବର୍ଷ ଜୁଲାଇ ଠାରୁ ସେପ୍ଟେମ୍ବର ମାସ ଆରମ୍ଭ ହେବା ପର୍ଯ୍ୟନ୍ତ ବୌଦ୍ଧ ଜିଲାରେ ବର୍ଷା ବିତ୍ପାତ ଘଟିବା ସହିତ ମହାନଦୀ ଓ ତେଲନଦୀରେ ବନ୍ୟା ପରିସ୍ଥିତି ଲାଗି ରହିଥାଏ । ଅଗଷ୍ଟ ମାସ ଶେଷ ପର୍ଯ୍ୟନ୍ତ ବନ୍ୟା ଆଶଙ୍କା ରହିଥିବା ବେଳେ ନଦୀକୂଳରେ ରହୁଥିବା ପରିବାରମାନେ ଆତଙ୍କିତ ଅବସ୍ଥାରେ ରହିଥାନ୍ତି । ଜିଲାରେ ମହାନଦୀ ଓ ତେଲନଦୀ ଦୁଇଟି ଚିରସ୍ରୋତା ନଦୀ ପ୍ରବାହିତ ହେଉଥିବାବେଳେ ବାଘ ଓ ସାଲୁଙ୍କି ଭଳି ଛୋଟ ନଦୀ ବନ୍ୟା ବିଭୀଷିକା ସୃଷ୍ଟି କରିବାରେ ମୁଖ୍ୟ କାରଣ ହୋଇଥାଏ । ୧୯୮୨ର ପ୍ରଳୟଙ୍କାରୀ ବନ୍ୟାରେ ସାଲୁଙ୍କି ନଦୀରେ ଭୀଷଣ ବନ୍ୟାଜଳ ବୌଦ୍ଧଜିଲାରେ ବିଭୀଷିକା ସୃଷ୍ଟି କରିଥିଲା । ସେହିପରି ୨୦୦୦ ମସିହା ପରଠାରୁ ପ୍ରତିବର୍ଷ ତେଲନଦୀର ବନ୍ୟାଜଳ ତଳମୁଣ୍ଡକୁ ବିପଦ ସୃଷ୍ଟି କରିଆସିଛି । ତେଲନଦୀ କଳାହାଣ୍ଡି ଜିଲାରୁ ଜିଲାର କଣ୍ଟାମାଳ ବ୍ଲକ ଦେଇ ମନମୁଣ୍ଡା ଠାରେ ମହାନଦୀରେ ମିଶିଥିବା ବେଳେ କନ୍ଧମାଳ ଜିଲାରୁ ବାହାରିଥିବା ସାଲୁଙ୍କି ନଦୀ ବୌଦ୍ଧ ସହରର ଉପରମୁଣ୍ଡରେ ବଲାଶିଙ୍ଗା ଗ୍ରାମ ନିକଟରେ ମହାନଦୀ ସହ ସମ୍ମିଳିତ ହୋଇଛି । ୧୯୮୨ ବନ୍ୟା ପରଠାରୁ ବୌଦ୍ଧ ଜିଲ୍ଲାରେ ମହାନଦୀ ଶଯ୍ୟାରେ ପ୍ରବଳ ବାଲି ପୋତି ହୋଇଯିବା ଯୋଗୁଁ ଏହା ମଧ୍ୟ ବନ୍ୟାର ପ୍ରମୁଖ କାରଣ ପାଲଟିଥାଏ । ତେବେ ପ୍ରତିବର୍ଷ ବନ୍ୟାରେ ନଦୀ କୂଳ ଖାଇ ଚାଲିଥିବାବେଳେ ଅନେକ ସ୍ଥାନରେ ମହାନଦୀ ଶଯ୍ୟାରେ ବାଲି ପୋତି ହୋଇଯିବା ଯୋଗୁଁ ମୌସୁମୀ ପୂର୍ବରୁହିଁ ବନ୍ୟା ଆଶଙ୍କାରେ ନଦୀକୂଳିଆ ଲୋକମାନେ ଆତଙ୍କିତ ଅବସ୍ଥାରେ ରହିଥାନ୍ତି । ତେଲନଦୀ ମୁହାଁଣରେ ସୁବର୍ଣ୍ଣପୁର ସହରର ସୁରକ୍ଷା ପାଇଁ ନଦୀକୂଳରେ ପଥରପେଚିଂ ଓ ରାସ୍ତା ତିଆରି ହୋଇଥିବାବେଳେ ଏହା ମନମୁଣ୍ଡାବାସୀଙ୍କ ପାଇଁ ବିପଦର କାରଣ ପାଲଟିଲାଣି । ମନମୁଣ୍ଡା ପଟେ ମଧ୍ୟ ତେଲନଦୀ କୂଳରେ ପଥର ପେଚିଂ ସହ ନଦୀ କୂଳର ଉପଯୁକ୍ତ ସୁରକ୍ଷା ପାଇଁ ଦୀର୍ଘ ଦିନରୁ ଦାବି ହୋଇଆସୁଅଛି । ସେହିପରି ବୌଦ୍ଧଜିଲାରେ ମନମୁଣ୍ଡା ଠାରୁ ହରଭଙ୍ଗା ବ୍ଲକର ମାରଡା ପର୍ଯ୍ୟନ୍ତ ପ୍ରାୟ ୧୨୦ କିମି ମହାନଦୀ କୂଳେ କୂଳେ ୧୦ ହଜାରରୁ ଉର୍ଦ୍ଧ୍ୱ ପରିବାର ନଦୀକୂଳରେ ଘର କରି ରହୁଥିବାବେଳେ ଅନେକ ସ୍ଥାନରେ ବନ୍ୟା ପାଣି ପଶି ପ୍ରତିବର୍ଷ କ୍ଷୟକ୍ଷତି କରୁଅଛି । ନଦୀ କୂଳର ସୁରକ୍ଷା ଲାଗି ପଥର ପ୍ୟାଚିଂ ସହିତ ବୃକ୍ଷ ରୋପଣ ପାଇଁ ପ୍ରତିବର୍ଷ ଯୋଜନା ହୋଇ କେବଳ କାଗଜ କଲମରେ ରହିଯାଉଛି । ସରକାର ନଦୀବନ୍ଧର ସୁରକ୍ଷା ସହିତ ପରିବେଶର ସୁରକ୍ଷା ପାଇଁ ସବୁଜ ମହାନଦୀ ଯୋଜନା ଆରମ୍ଭ କରିଥିଲେ । କିନ୍ତୁ ଜିଲାରେ ଏହି ଯୋଜନା ହଜିଗଲାଣି । ସେହିପରି ବୌଦ୍ଧ ସହରର ମହାନଦୀ କୂଳେ କୂଳେ ଏକ ବନ୍ୟା ପ୍ରତିରୋଧକ ପ୍ରାଚୀର ନିର୍ମାଣ ପାଇଁ ସରକାର ଅର୍ଥ ମୁର କରିଥିଲେ । କିନ୍ତୁ ଅନେକ ସ୍ଥାନରେ ବେସରକାରୀ ଜମି ପଡୁଥିବାରୁ ଜଳସେଚନ ବିଭାଜନ କାର୍ଯ୍ୟାଳୟ ପକ୍ଷରୁ ଏହି ଅର୍ଥରୁ କିଛି ଖର୍ଚ୍ଚ କରି ବଳକା ଅର୍ଥକୁ ସରକାରଙ୍କୁ ଫେରାଇଦିଆଗଲା । ସେତେବେଳେ ଏହି ଅର୍ଥ ଫେରାଇଦିଆଗଲେ ଅଧିକ ଅର୍ଥ ଅନୁମୋଦନ ହୋଇ ଆସିବ ବୋଲି ବିଭାଗ ପକ୍ଷରୁ ସଫେଇ ଦିଆଯାଇଥିବାବେଳେ ଏପର୍ଯ୍ୟନ୍ତ ନୂତନ ଅନୁଦାନ ମଞ୍ଜୁର ହୋଇନାହିଁ । ସହରର ଲୋକମାନେ ପ୍ରତିବର୍ଷ ଗ୍ରୀଷ୍ମରେ ପାନୀୟଜଳ ପାଇଁ ଡହଳ ବିକଳ ହେଉଥିବାବେଳେ ବର୍ଷାରେ ବନ୍ୟା ଆଶଙ୍କାରେ ରହୁଛନ୍ତି । ତେଣୁ ବୌଦ୍ଧ ସହର ସମେତ ଜିଲ୍ଲାର ଜନବସତି ରହିଥିବା ନଦୀକୂଳ ଗୁଡିକର ଉପଯୁକ୍ତ ସୁରକ୍ଷା ପାଇଁ ପଦକ୍ଷେପ ଗ୍ରହଣ କରାଯିବା ସହିତ ନଦୀ କୂଳେ କୂଳେ ଏକ ରିଙ୍ଗବନ୍ଧ ନିର୍ମାଣ ପାଇଁ ସାଧାରଣରେ ମତପ୍ରକାଶ ପାଉଅଛି ।

# ସରକାରୀ ରାସ୍ତା ଅବରୋଧ

ଭଦ୍ରକ ,୧୧।୮ (ନିପ୍ର):: ସାବରଙ୍ଗ ଥାନା ଅଧୀନ ଗୋରାମାଟି ଚକପୁର ଗ୍ରାମରେ ଦେଖିବାକୁ ମିଳିଛି ଏଭଳି ଏକ ଅଭାବନୀୟ ଘଟଣା । ସୂଚନା ମୁତାବକ ସେହି ଗ୍ରାମର ପ୍ରେମାନନ୍ଦ ସିଂ, ଚୌଧୀର ଖୁଣ୍ଟିଆ, ଦୀନବନ୍ଧୁ ଖୁଣ୍ଟିଆ,ସୂର୍ଯ୍ୟମାଣୀ ଖୁଣ୍ଟିଆ ଓ ବିଦ୍ୟାଧର ଖୁଣ୍ଟିଆଙ୍କର ୫ପରିବାର ସେମାନଙ୍କର ପୂର୍ବପୁରୁଷରୁ ଉକ୍ତ ରାସ୍ତା ଦେଇ ଘରୁ ବାହାରି ଯାତାୟାତ କରିଆସୁଥିଲେ । ଏହି ସରକାରୀ ରାସ୍ତା ବ୍ୟତୀତ ଉକ୍ତ ପରିବାରର ବସବାସ କରୁଥିବା ଲୋକମାନଙ୍କ ପାଇଁ ଘରୁ ବାରିବା ପାଇଁ ଅନ୍ୟ କୌଣସି ରାସ୍ତା ନାହିଁ । ଉକ୍ତ ସରକାରୀ ରାସ୍ତାର ଉଭୟ ପାର୍ଶ୍ୱକୁ ଲାଗି ସେହି ଗ୍ରାମର ଯଦୁନାଥ ବେହେରା ଓ ବଂଶୀଧର ଖୁଣ୍ଟିଆଙ୍କ ନିଜସ୍ୱ ପ୍ଲଟ ରହିଅଛି ଉଭୟଙ୍କ ପ୍ଲଟକୁ ସରକାରୀ ରାସ୍ତା ଲାଗିରହିଥିବାରୁ କାଳକ୍ରମେ ରାସ୍ତାର ଉଭୟ ପାର୍ଶ୍ୱରୁ ବାଡ଼ ବୁଜି ସମ୍ପୂର୍ଣ୍ଣ ରାସ୍ତାକୁ ନିଜ ଅଧୀନକୁ ନେଇଯାଇଛନ୍ତି । ଫଳରେ ଉପରୋକ୍ତ ୫ପରିବାର ଛୋଟ ଛୋଟ ପିଲାମାନଙ୍କ ଠାରୁ ବୃଦ୍ଧବୃଦ୍ଧାମାନଙ୍କ ପର୍ଯ୍ୟନ୍ତ ୫୦ରୁ ଉର୍ଦ୍ଧ୍ୱ ଲୋକ ଘରୁ ବାହାରି ଯିବାଆସିବାରେ ବହୁ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି । ଏପରିକି ଛୋଟ ଛୋଟ ପିଲାମାନଙ୍କର ସ୍କୁଲ କଲେଜକୁ ଯିବାଆସିବାରେ ହେଉ କିମ୍ବା ବୃଦ୍ଧ ଓ ବୃଦ୍ଧା ମାନଙ୍କୁ ଚିକିତ୍ସା ନିମନ୍ତେ ମେଡିକାଲକୁ ନେବା ଆଣିବା ରେ ବହୁ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି ପରିବାରର ଲୋକମାନେ ।

ଏନେଇ ସାବରଙ୍ଗ ଥାନାରେ ପରିବାରଙ୍କ ପକ୍ଷରୁ ଏକ ଲିଖିତ ଅଭିଯୋଗ କରିବା ସହିତ ଭଦ୍ରକ ତହସିଲଦାର ଓ ସାବରଙ୍ଗ ଅଧିକାରୀଙ୍କୁ ମଧ ଅଭିଯୋଗ କରିଛନ୍ତି । ଆଗକୁ ପ୍ରଶାସନିକ ସ୍ତରରେ ତଦନ୍ତ କରି ଏଭଳି ବ୍ରିଟିଶରାଜରୁ ମୁକ୍ତିପାଇବା ସହିତ ସମ୍ପୂର୍ଣ ସରକାରୀ ରାସ୍ତାଟିକୁ ଅବରୋଧ ମୁକ୍ତ କରିବା ଦାବିରେ ଆଡିବସିଛନ୍ତି ପରିବାର ଲୋକ ।

# ଜିଲ୍ଲାସ୍ତରୀୟ ଶିକ୍ଷକଙ୍କ ଦକ୍ଷତା ବୃଦ୍ଧି କର୍ମଶାଳା

ଭବାନୀପାଟଣା,୧୧।୮ (ନିପ୍ର): ଭବାନୀପାଟଣା ମାଣିକେଶ୍ୱରୀ ହାଇସ୍କୁଲ ପରିସରରେ କଳାହାଣ୍ଡି ଜିଲ୍ଲାସ୍ତରୀୟ ଶିକ୍ଷକଙ୍କ ଦକ୍ଷତା ବୃଦ୍ଧି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେ କର୍ମଶାଳାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିବା ବେଳେ ଜିଲ୍ଲା ଶିକ୍ଷା ଅଧିକାରୀ ସୁଶାନ୍ତ ଚୋପଦାର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଜିଲ୍ଲାର ସମସ୍ତ ବାକର । ୯୫ ଜଣ ଶିକ୍ଷକ ଏଥିରେ ଯୋଗ ଦେଇଥିଲେ । ଏହି ଉପଲକ୍ଷେ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯାଇଥିଲା । ସାଧନ କର୍ମୀ ସମୀର ବେହେରା, ବିଜୟାନନ୍ଦ ହୋତା, ବାକ ଶିକ୍ଷା ଅଧିକାରୀ ତପିମନୀ ଜାନୀ, ପ୍ରୋଗ୍ରାମର ସୌମେନ୍ଦ୍ର ନାଥ ପଟ୍ଟନାୟକ, ଜୀବନ ପଣ୍ଡା ପମୈ।ଖ କର୍ମଶାଳାରେ ଯୋଗ ଦେଇଥିଲେ । ଜିଲ୍ଲା ବିଜ୍ଞାନ ପରିଦର୍ଶକ ପ୍ରକାଶ ନିସଙ୍କ ଅଧକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ସନ୍ତୋଷ ମିଶ୍ର ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପେଡାଗୋଜି ସଂଯୋଜିକା ଶ୍ରଦ୍ଧାଞ୍ଜଳି ଦାସ, ପ୍ରକୃତିବନ୍ଧୁ ରବି କାନୁନଗୋ, ନାରାୟଣ ସାହୁ, ପ୍ରଧାନଶିକ୍ଷକ ସଂଗୀତା ମହାନ୍ତି, ପ୍ରଭାତ ସାହୁ, ଅଜିତ ପ୍ରଧାନ, ଲଳିତ ମୋହନ, ମନୋଜ ସାହୁ ପ୍ରମୁଖ ଯୋଗ ଦେଇଥଲେ ।

# ଆଜାଦି କା ଅମୃତ ମହୋତ୍ସବ ପାଳିତ

ଭବାନୀପାଟଣା,୧୧।୮ (ନିପ୍ର): ସାରା ଭାରତରେ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ଆଜାଦି କା ଅମୃତ ମହୋତ୍ସବ ପାଳିତ ହେଉଛି । ଏହି କ୍ରମରେ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ କଳାହାଣ୍ଡି ଆନୁକୂଲ୍ୟରେ ଅନୁଷ୍ଠାନର ଅଧକ୍ଷା ଡ଼. ସ୍ନେହାପ୍ରଭା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ମହାସମାରୋହରେ ପାଳିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ ଗୁରୁଛାତ୍ରଛାତ୍ରୀ ଓ ଜିଲ୍ଲାର ୮ଟି ପୋଷ୍ୟ ବିଦ୍ୟାଳୟ ଗୁଡିକୁ ନେଇ ବିଭିନ୍ନ ପ୍ରକାର ପ୍ରତୀଯୋଗିତା ଯଥା ଚିତ୍ରାଙ୍କନ, ବକ୍ତୃତା, ରଚନା, କୁଇଜ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା । ସର୍ବପ୍ରଥମେ ଅନୁଷ୍ଠାନର ଅଧକ୍ଷା ଡ଼. ସ୍ନେହାପ୍ରଭା ମହାପାତ୍ର ଉପସ୍ଥିତ ସମସ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେଇ ସଭା ଆରମ୍ଭ କରିଥିଲେ । ଶିକ୍ଷକ ପ୍ରଶିକ୍ଷକ ଈଶ୍ୱର ବେହେରା ମଞ୍ଚ ପରିଚାଳନା କରିଥିଲେ କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ନରୋତ୍ତମ ଭୋଇ, ରାମଚନ୍ଦ୍ର ବାଗ, ମମିତା ଦୋରା, ଶିକ୍ଷକ ପ୍ରଶିକ୍ଷକ ଈଶ୍ବର ଚଇଁତି ବେହେରା, ଅରୁଣ କୁମାର ଭୋଇ, ଅଚ୍ୟୁତାନନ୍ଦ ମଲ୍ଲିକ, ନିହାରିକା ଦେବୀ, ବିଜିଳି ଏକ୍କା, ସୁନିତା ଦୁର୍ଗା, ସମସ୍ତେ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ସୂଚନା ଅଧିକାର କର୍ମୀ ଧାରଣା

ଗରଦପୁର,୧୧।୮ (ନିପ୍ର): ଗରଦପୁର ବ୍ଲକ ସୂଚନା ଅଧିକାର କର୍ମୀ ଦିଲ୍ଲୀପ କୁମାର ବେଉରା ମାଗିଥିବା କିଛି ନିର୍ଦ୍ଧିଷ୍ଟ ମସିହାର ଜନ୍ମ, ମୃତ୍ୟୁ ତଥା ପ୍ରସୂତିମାନଙ୍କ ତାଲିକା ଦେବାରେ ଭଗବାନପୁର ଏଏନଏମ- ସଂଯୁକ୍ତା ନନ୍ଦଙ୍କ ସମେତ ପାଟକୁରା ମେଡିକାଲ ଅଧିକାରୀ ତଥ୍ୟ ବଦଳାଇ, ଭୁଲ ତଥ୍ୟ ଦେଇ ଶେଷରେ ଆପୋସ ସମାଧାନ ପାଇଁ ଡାକିବା ଘଟଣା ନେଇ ଦିଲ୍ଲୀପ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରିଣୀଙ୍କୁ ଗତମାସରେ ଅବଗତ କରାଇଥିଲେ, ଅନିତା ମ୍ୟାଡ଼ାମ ମଧ ପ୍ରତିଶ୍ରୁତି ଦେଇଥିଲେ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ମାତ୍ର ଦୀର୍ଘ ୧ ମାସ ବିତିଯାଇଥିଲେ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ନହେବାରୁ ଆଜି ସୂଚନା ଅଧିକାର କର୍ମୀ ଦିଲ୍ଲୀପ ବେଉରା ନିଜର କିଛି ସହଯାଗୀ ବନ୍ଧୁଙ୍କୁ ଧରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଦିନ ତମାମ ବର୍ଷାରେ ଭିଜିକି ଧାରଣାରେ ବସିରହିଥିଲେ । ଶେଷରେ ଅପରାହ୍ନ ୩ ଟା ସମୟରେ ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଦିଲ୍ଲୀପଙ୍କ ଅଭିଯୋଗ ପତ୍ରକୁ ଗ୍ରହଣ କରି ମାସେ ଭିତରେ ସମ୍ପୂର୍ଣ ତଥ୍ୟ ସମେତ ଦୋଷୀଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେବାରୁ ସୂଚନା ଅଧିକାର କର୍ମୀମାନେ ଧାରଣାରୁ ଓହରିଥିଲେ ।

# ସରକାରୀ ସ୍କୁଲରେ ନାହାନ୍ତି ଶିକ୍ଷକ, ପାଳି କରି ପଢ଼ାଉଛନ୍ତି ୬ ଯୁବକ ଯୁବତୀ



ଆଠଗଡ,୧୧/୮ (ନି.ପ୍ର): ରାଜ୍ୟରେ ସରକାରୀ ଶିକ୍ଷା ବ୍ୟବସ୍ଥା ରସାତଳଗାମୀ। ଅଧିକାଂଶ ସ୍କୁଲରେ ଶ୍ରେଣୀ ଗୃହର ଅଭାବ ସାଙ୍ଗକୁ ଶିକ୍ଷକ ଅଭାବ ପିଲାମାନଙ୍କ ଭବିଷ୍ୟତକୁ ଅନ୍ଧାର କରିଦେଇଛି। ହେଲେ ଏହି ଦୁଃଖଦ ସ୍ଥିତିରେ କିଛି ଯୁବପିଢ଼ି ସ୍ୱଇଚ୍ଛାରେ ସ୍କୁଲ ପିଲାଙ୍କୁ ପାଳିକରି ପାଠପଢ଼ାଇବାର ଉତ୍ତର ଦାୟିତ୍ୱ ନେବା ଉଦାହରଣ ହୋଇ ଠିଆ ହୋଇଛି। ଆଠଗଡ଼ ବ୍ଲକ ନୂଆଶାସନ ଗ୍ରାମର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଏଭଳି ଘଟଣା ନଜର ଆସିଛି। ଏଠାରେ ପ୍ରଥମରୁ ୭ମ ଶ୍ରେଣୀ ପିଲାମାନଙ୍କୁ ପାଠପଢ଼ିବା ନିମନ୍ତେ ରହିଛି ମାତ୍ର ୩ଟି ଶ୍ରେଣୀ କକ୍ଷ। ପାଠପଢ଼ାଇବାକୁ ଅଛନ୍ତି ମାତ୍ର ୩ ଶିକ୍ଷକ। ତେଣୁ ପିଲାମାନେ ପାଠପଢ଼ାରେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ୧୯୫୨ ମସିହାରେ ପ୍ରତିଷ୍ଠା ହୋଇଥିବା ଏହି ସ୍କୁଲର ଛାତ୍ରଛାତ୍ରୀ ସଂଖ୍ୟା ୧୦୨। ୧୯୯୯ ମସିହା ବାତ୍ୟା ସମୟରୁ ଅନେକ ସ୍କୁଲଗୃହ ଭାଙ୍ଗି ପଡ଼ିଥିଲେ ହେଁ ସରକାର କିମ୍ବା ସ୍ଥାନୀୟ ପ୍ରଶାସନ ଏହାର ମରାମତି ନିମନ୍ତେ ଦୃଷ୍ଟି ଦେଉନାହାନ୍ତି। ତେଣୁ ସୁରକ୍ଷିତ ଥିବା ୨ଟି ଗୃହରେ ଦୁଇଟି ଲେଖାଏଁ ଶ୍ରେଣୀର ପାଠପଢ଼ା ହେଉଥିବା ବେଳେ ଅନ୍ୟ ଗୋଟିଏ ଗୃହରେ ୩ଟି ଶ୍ରେଣୀର ପାଠପଢ଼ା ଚାଲୁଛି। ଅସୁବିଧା ହେଲେ ପିଲାମାନଙ୍କ ପାଠପଢ଼ା ସ୍କୁଲ ବାରଣ୍ଡାରେ ମଧ୍ୟ ଚାଲୁଛି। ପାଠପଢ଼ାଇବା ବେଳେ ଶିକ୍ଷକ ଓ ଛାତ୍ରଛାତ୍ରୀ ଉଭୟ ହଇରାଣ ହେଉଛନ୍ତି। ତେବେ ସରକାରୀ ଏହି ଅବହେଳା ଆଗରେ ଉଦାହରଣ ହୋଇ ଠିଆ ହୋଇଛନ୍ତି ଏହି ସ୍କୁଲରେ ପାଠପଢ଼ି ଉଚ୍ଚଶିକ୍ଷିତ ହୋଇଥିବା ସ୍ଥାନୀୟ ଯୁବକ ଯୁବତୀମାନେ। ଶିକ୍ଷକ ଅଭାବୀ ପୂରଣ କରିବା ନିମନ୍ତେ ତଥା ପିଲାଙ୍କୁ ପାଠପଢ଼ାଇବା ନିମନ୍ତେ ୬ ଜଣ ଯୁବକ ଯୁବତୀ ଏବେ ବିନା କୌଣସି ପ୍ରାପ୍ୟରେ ଶିକ୍ଷକ ଭାର ତୁଲାଉ ଛନ୍ତି। ସେମାନଙ୍କ କହିବା କଥା, ଯେଉଁ ପର୍ଯ୍ୟନ୍ତ ସରକାର ଏଠାରେ ଖାଲି ପଡ଼ିଥିବା ଶିକ୍ଷକ ପଦବୀ ପୂରଣ ନ କରିଛନ୍ତି, ସେ ପର୍ଯ୍ୟନ୍ତ ସେମାନେ ଏଠାରେ ପାଠପଢ଼ାଇବେ।ସ୍ଥାନୀୟ ଅଞ୍ଚଳର ଯୁବପିଢ଼ିଙ୍କ ଏହି ଉଦ୍ୟମ ଏବେ ଚର୍ଚ୍ଚାର ବିଷୟ ହୋଇଥିବା ବେଳେ ପ୍ରାଥମିକ ଶିକ୍ଷା ପ୍ରତି ସରକାରଙ୍କ ଦାୟିତ୍ୱହୀନ ମନୋଭାବ ସମାଲୋଚନାର ବିଷୟ ହୋଇଛି। ଦୀର୍ଘଦିନ ଧରି ସ୍କୁଲର ଭାଙ୍ଗି ପଡ଼ିଥିବା ଶ୍ରେଣୀଗୃହର ମରାମତି କିମ୍ବା ଉନ୍ନତିକରଣ କରିବା ନିମନ୍ତେ ସ୍ଥାନୀୟ ଲୋକଙ୍କ ଦାବି ପ୍ରତି ପ୍ରଶାସନ ଧ୍ୟାନ ଦେଉନି। ଏନେଇ ପ୍ରଧାନ ଶିକ୍ଷୟତ୍ରୀ ସୁବର୍ଣ୍ଣ ମଞ୍ଜରୀ ଦାଶ କହିଛନ୍ତି, ପାଠପଢ଼ା ନିମନ୍ତେ ଆବଶ୍ୟକ ଶ୍ରେଣୀଗୃହ ନ ଥିବାରୁ ଛାତ୍ରଛାତ୍ରୀମାନଙ୍କୁ ଅସୁବିଧା ହେଉଛି। ଆବଶ୍ୟକ ଶିକ୍ଷକ ନ ଥିବାରୁ ସ୍କୁଲ ପରିଚାଳନା କମିଟିର ନିଷ୍ପତ୍ତି କ୍ରମେ ସ୍ଥାନୀୟ ଅଞ୍ଚଳର କିଛି ଉଚ୍ଚଶିକ୍ଷିତ ପିଲା ପାଠପଢ଼ାଇବାକୁ ଆସୁଛନ୍ତି। ସରକାର ନୂଆ ଶ୍ରେଣୀଗୃହ ନିର୍ମାଣ କିମ୍ବା ପୁରୁଣା ଶ୍ରେଣୀଗୃହ ମରାମତି କରିଦେଲେ ପାଠପଢ଼ାରେ ବେଶ ସୁବିଧା ହୁଅନ୍ତା। ଦ୍ୱିତୀୟ ଶ୍ରେଣୀ ଛାତ୍ରୀ ପ୍ରିୟମ୍ବଦା ସାହୁ କହିଛନ୍ତି, ଶ୍ରେଣୀଗୃହ ନ ଥିବାରୁ ପାଠପଢ଼ାରେ ବହୁତ ଅସୁବିଧା ହେଉଛି। ତେଣୁ ସରକାର ତୁରନ୍ତ ଏଠାରେ ସମସ୍ତ ୭ଟି ଶ୍ରେଣୀର ପାଠପଢ଼ା ନିମନ୍ତେ ୭ଟି ଗୃହର ବ୍ୟବସ୍ଥା କରନ୍ତୁ। ବିଦ୍ୟାଳୟ କମିଟି ସଭାପତି ଦୀପକ ସାହୁ କହିଛନ୍ତି, ଏହି ବିଦ୍ୟାଳୟରେ ଶ୍ରେଣୀ ଗୃହ ସମସ୍ୟା ସାଙ୍ଗକୁ ଶିକ୍ଷକ ଅଭାବ ସମସ୍ୟା ଲାଗି ରହିଛି। ସ୍ଥାୟୀ ଭାବେ ୩ ଜଣ ଶିକ୍ଷକ ନିଯୁକ୍ତ ଥିଲେ ହେଁ ଜଣେ ଶିକ୍ଷକ ଅଧିକାଂଶ ସମୟ ସରକାରୀ କାମକାର୍ଯ୍ୟରେ ବ୍ୟସ୍ତ ରହୁଛନ୍ତି। ତେଣୁ ୨ ଜଣ ଶିକ୍ଷକରେ ପାଠ ପଢ଼ାଉଛନ୍ତି। ଶିକ୍ଷକ ଅଭାବ ପୂରଣ ପାଇଁ ବିଦ୍ୟାଳୟ କମିଟି ବାରମ୍ବାର ସରକାରଙ୍କ ନିକଟରେ ଦାବି କରିଥିଲେ ହେଁ ତାହା ପୂରଣ ହେଉନି। ଗ୍ରାମର କିଛି ଶିକ୍ଷିତ ଯୁବକଯୁବତୀ ଏବେ ଶିକ୍ଷକ ଅଭାବ ଦୂର କରିବା ନିମନ୍ତେ ପାଠପଢ଼ାଇବାକୁ ସ୍ୱଇଚ୍ଛାରେ ଆସୁଛନ୍ତି। ସରକାର ତୁରନ୍ତ ଏହି ସ୍କୁଲ ପ୍ରତି ଦୃଷ୍ଟି ଦେବା ଜରୁରୀ। ସ୍କୁଲରେ ପିଲାଙ୍କୁ ପାଠପଢ଼ାଇବାକୁ ସ୍ୱଇଚ୍ଛାରେ ଆସୁଥିବା ସସ୍ମିତା ସାହୁ କହିଛନ୍ତି, ଏହି ସ୍କୁଲରୁ ପାଠପଢ଼ି ପାସ୍ କରିବା ପରେ ସିଟି କରିଥିଲେ। ଏବେ ସେ ଯୁକ୍ତ ୩ରେ ପଢୁଛନ୍ତି। ଏବେ ଏହି ସ୍କୁଲରେ ଶିକ୍ଷକ ଅଭାବ ଥିବା ଜାଣିବା ପରେ ସେ ନିଜ ଇଚ୍ଛାରେ ନିଜ ସ୍କୁଲର ପିଲାମାନଙ୍କୁ ପାଠପଢ଼ାଇବାକୁ ଆସୁଛନ୍ତି। ଏହା ତାଙ୍କୁ ଖୁବ୍ ଖୁସୀ ଦେଉଛି। ସରକାର ୬ ବର୍ଷ ହେବ ସିଟି ପିଲାଙ୍କୁ କୌଣସି ଶିକ୍ଷକ ପଦବୀରେ ନିଯୁକ୍ତି ବ୍ୟବସ୍ଥା କରୁନାହାନ୍ତି। ତେଣୁ ଏହି ପାଠପଢ଼ାକୁ ନିଜ ମାଟିର ଉନ୍ନତି ନିମନ୍ତେ ଲଗାଇବା ନିମନ୍ତେ ସ୍ୱଇଚ୍ଛାରେ ପାଠପଢ଼ାଇବାକୁ ଆସୁଛନ୍ତି।



### କେବିସିରେ ଲଟେରୀ ଫୁଟିଛି କହି ଲୁଟିଲେ

# ଲକ୍ଷ୍ନୌରୁ ୩ ସାଇବର ଠକ ଗିରଫ

**ବିହାରରେ କାମ କରୁଛି ଗ୍ୟାଙ୍ଗ**

**ମାଷ୍ଟରମାଇଣ୍ଡ ପାଇଁ ରିମାଣ୍ଡରେ ଆସିବେ ଅଭିଯୁକ୍ତ**



ଭୁବନେଶ୍ୱର,୧୧/୮ (ନି.ପ୍ର): ୨୫ ଲକ୍ଷ ଲଟେରୀ ଉଠିବା ନାମରେ ୨ ଲକ୍ଷ ୪୦ ହଜାର ଟଙ୍କା ଲୁଟି ଥିବା ସାଇବର ଠକ ନିକଟରେ ପହଞ୍ଚିଛି କମିଶନରେଟ୍ ପୋଲିସ। କମିଶନରେଟ୍ ପୋଲିସର ସାଇବର ଓ ଅର୍ଥନୈତିକ ଥାନାର ଏକ ଟିମ୍ ଗ୍ୟାଙ୍ଗର ୩ ସଦସ୍ୟଙ୍କୁ ଲକ୍ଷ୍ନୌରୁ ଗିରଫ କରିବାରେ ସଫଳ ହୋଇଛନ୍ତି। ସେମାନଙ୍କୁ ଭୁବନେଶ୍ୱର ସୋମବାର ଆଣିବାପରେ ମଙ୍ଗଳବାର କୋର୍ଟ ଚାଲାଣ କରାଯିବ ବୋଲି ସୂଚନା ମିଳିଛି। ଏହି ଗ୍ୟାଙ୍ଗ ବିହାରରୁ କାର୍ଯ୍ୟ କରୁଥିବାବେଳେ ଗ୍ୟାଙ୍ଗର ମାଷ୍ଟରମାଇଣ୍ଡ ନିକଟରେ ପହଞ୍ଚିବାପାଇଁ ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ଅଣାଯିବ ବୋଲି ସୂଚନା ମିଳିଛି। ଏହି ଗ୍ୟାଙ୍ଗ କେବଳ ଓଡିଶା ନୁହେଁ ଅନୁରୂପ ଭାବେ ବିଭିନ୍ନ ରାଜ୍ୟରେ ଠକେଇ କରିଥିବା ସଳଚନା ମିଳିଛି। ଗିରଫ ଅଭିଯୁକ୍ତମାନେ ହେଲେ ବିହାରର ଦୀପକ କୁମାର, ଲକ୍ଷ୍ନୌର ମୋହିତ ସିଂହ ଓ ମୋଦିନ କୁମାର। ସେମାନଙ୍କୁ ଲକ୍ଷ୍ନୌ କୋର୍ଟରେ ହାଜର କରାଯିବାପରେ ଟ୍ରାଞ୍ଜିଟ୍ ରିମାଣ୍ଡରେ ଭୁବନେଶ୍ୱର ଅଣାଯାଇଛି। ଏହାସହ ଅଭିଯୁକ୍ତମାନଙ୍କର ଆକାଉଣ୍ଟରେ ଥିବା ୯୦ ହଜାର ଟଙ୍କା ଫ୍ରିଜ୍ କରାଯାଇଛି ବୋଲି ସାଇବର ଥାନା ଅଧିକାରୀ ରଶ୍ମିତା ଜେନା ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଏହି ଗ୍ୟାଙ୍ଗକୁ ଧରିବାକୁ ଗୋଟିଏ ଟିମ୍ ଲକ୍ଷ୍ନୌରେ ଡେରା ପକାଇଥିଲା। ବହୁ କଷ୍ଟର ଅଭିଯୁକ୍ତମାନଙ୍କୁ ଧରିବାରେ ଟିମ୍ ସଫଳ ହୋଇଛି। ଏହି ଗ୍ୟାଙ୍ଗ୍ ଲକ୍ଷ୍ନୌରେ ଠକେଇ କରି ବିହାରରେ ଟଙ୍କା ବାଣ୍ଟୁଥିଲେ। ଏହି ଗ୍ୟାଙ୍ଗ୍‌ରେ ଆହୁରୀ ୧୦ ରୁ ଅଧିକ ଅପରାଧ ସାମିଲ ଅଛନ୍ତି। ଏମାନେ ଲୋକଙ୍କୁ ହ୍ୱାଟସପ୍‌ରେ ଲଟେରୀ ଉଠିଛି କହି ଡକ୍ୟୁମେଣ୍ଟ ମାଗିବା ପରେ ଲୋକମାନଙ୍କୁ ଆକୃଷ୍ଟ କରି ପରବର୍ତ୍ତୀ ସମୟରେ ଟଙ୍କା ଲୁଟି ନେବାରେ ସଫଳ ହୁଅନ୍ତି। ସୂଚନାନୁସାରେ, କେନ୍ଦ୍ରାପଡା ରାଜକନିକାର ବାବୁ ଲାଲ୍ ସାମଲ ଜୟଦେବ ବିହାର ଅଞ୍ଚଳରେ ରହି ସିକ୍ୟୁରିଟି ସଂସ୍ଥାରେ କାମ କରନ୍ତି । ଜୁଲାଇ ୨୬ ତାରିଖ ଦିନ ବାବୁରାମଙ୍କ ହ୍ୱାଟସପ୍‌କୁ ଏକ ମେସେଜ ଆସିଲା । ତୁମେ କୌନ ବନେଗା କୋରଡପତି(କେବିସି)ର ୨୫ଲକ୍ଷ ଟଙ୍କାର ଏକ ଲଟେରୀ ଫୁଟିଛି। ଏହାର କିଛି ସମୟ ପରେ ସାଇବରଠକମାନେ ଫୋନ କରି ଡକ୍ୟୁମେଣ୍ଟ ମାଗିଥିଲେ। ବାବୁରାଓ ଉତ୍ସାହିତ ହୋଇ ୨୫ଲକ୍ଷ ଲଟେରୀ ଫିଟିଛି ତ ଖୁସିରେ ବ୍ୟାଙ୍କର ସମସ୍ତ କାଗଜପତ୍ର, ଆଧାରକାର୍ଡ ସାଇବର ଠକଙ୍କୁ ଦେଇଦେବା ପରେ ସେମାନେ ସେହିଦିନ ଦୁଇଟି କିସ୍ତିରେ ୨ଲକ୍ଷ ୫୦ ହଜାର ଟଙ୍କା ଲୁଟି ନେବାରେ ସଫଳ ହୋଇଥିଲେ। ଠକେଇର ଶିକାର ହେବା ପରେ ବାବୁରାମ ଭୁବନେଶ୍ୱର ସାଇବର ଥାନାରେ ଅଗଷ୍ଟ ୫ ତାରିଖ ଦିନ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ପୋଲିସେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା। ସେହି ଜୁଲାଇ ମାସରେ ରାଜଧାନୀରୁ ସାଇବର ଠକମାନେ ୧ କୋଟି ଟଙ୍କାରୁ ଅଧିକ ଠକି ନେଇଥିଲେ। ୩ ସାଇବର ଠକଙ୍କୁ ଲକ୍ଷ୍ନୌରୁ ପୋଲିସ ଗିରଫ କରିବାରେ ସଫଳ ହୋଇଛି। ଗିରଫ ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ନେବ ସାଇବର ଥାନା ପୁଲିସ। ଅଭିଯୁକ୍ତମାନେ ରିମାଣ୍ଡରେ ଯିବା ପରେ କୋଟି କୋଟି ଟଙ୍କା ଠକେଇର ଗୁମର ଖୋଲିବ ବୋଲି ପୋଲିସ ଆଶା ରଖିଛି।

# ଜମି ମାଫିଆଙ୍କ ବିରୋଧରେ କମିଶନର ପୋଲିସର ଶୂନ୍ୟ ସହନଶୀଳତା



**ବଟି ମାଗି ଦୁଇ ଭାଇ ଗିରଫ**

ଭୁବନେଶ୍ୱର,୧୧/୮ (ନି.ପ୍ର): ଜମି ମାଫିଆଙ୍କ ବିରୋଧରେ କମିଶନରେଟ ପୋଲିସ ଜିରୋଟଲେରାନ୍‌ସ ନୀତି ଆରମ୍ଭ କରିଛି। ଏହି କ୍ରମରେ ସହିଦ ନଗର ଥାନା ପୋଲିସ କେଶୁରା ଏବଂ ଝାଡପଡା ଅଞ୍ଚଳରେ ବଟି ଆଦାୟ କରି ଜମି ମାଲିକମାନଙ୍କୁ ହଇରାଣ କରୁଥିବା ଅଭିଯୋଗରେ ଦୁଇ ଭାଇଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଜାଲିଆତି ଘଟଣାରେ ଦୁଇ ଭାଇଙ୍କୁ ଗିରଫ କରିଛି ସହିଦନଗର ଥାନା ପୁଲିସ । ଗିରଫ ଦୁଇ ଭାଇ ହେଲେ ଲକ୍ଷ୍ମୀସାଗର ଥାନା ନିକଟସ୍ଥ ଝାରପଡାର ଶୁକ ଓରଫ ଶୁଖା ଓରଫ ଶୁକଦେବ ମାଥା (୪୨) ଏବଂଦୁଃଖ ଓରଫ ଦୁଃଖୀରାମ ଓରଫ ଦୁଃଖୀଶ୍ୟାମ ମାର୍ଥା (୩୯) ଓ ସୁଖଦେବ ମାର୍ଥା। ଦୁଇ ଭାଇଙ୍କୁ ଗିରଫ କରାଯିବା ପରେ ସୋମବାର କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହୋଇଯିବାରୁ ଦୁଇ ଭାଇଙ୍କୁ ଝାରପଡା ଜେଲ ହାଜତକୁ ପଠାଇ ଦିଆଯାଇଛି। ଦୁଇ ଭାଇଙ୍କ ନାଁରେ ୨୦ ରୁ ଅଧିକ ଲୋକ ଠକେଇ ନେଇ ସହିଦନଗର ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଦୁଇ ଭାଇଙ୍କୁ ଦୁଇ ଦିନ ଅଟକ ରଖି ମାରାଥନ ଜେରା କରିବା ପରେ ଗିରଫ କରିଛି। ସୂଚନାଯୋଗ୍ୟ ଯେ, ଲକ୍ଷ୍ମୀସାଗର ଥାନା ନିକଟସ୍ଥ ବିଡିଏ କଲୋନୀରେ ରୁହନ୍ତି କୃପାସିନ୍ଧୁ ବେଜ(୭୫) । ଲକ୍ଷ୍ମୀସାଗର ଥାନା ମହାଦେବନଗର ଜଗନ୍ନାଥନଗର ଏବଂ ନୂଆ ବାଇପାସ ପାର୍ଶ୍ୱରେ ଥିବା ଏକ ଏକର ଜମିକୁ ବାହାର ଲୋକେ କିଣି ପାଚେରି କରିବା ସହ ଗେଟ୍ ଲଗାଇଥିଲେ। ସେହିଜମିକୁ ଦୁଇ ଭାଇ ନିଜର ବୋଲି ଦାବି କରିବା ସହ ସେମାନଙ୍କଠାରୁ ଲକ୍ଷଲକ୍ଷ ଟଙ୍କା ଜୋରଜବରଦସ୍ତ ଆଦାୟ କରୁଥିଲେ। ଟଙ୍କା ନ ଦେଲେ ଧମକ ଚମକ ଦେବା ସହ ଜୀବନରୁ ମାରି ଦେବାକୁ ଏ ନେଇ କୃପାସିନ୍ଧୁ ଓ ସେମାନଙ୍କ ୧୫ରୁ ଅଧିକ ସମର୍ଥନ ସହିଦନଗର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ପୋଲିସ ୪୨୦ ଠକେଇ ମାମଲା ରୁଜୁ କରି ଦୁଇ ଭାଇଙ୍କୁ ଗିରଫ କରିବାରେ ସଫଳ ହୋଇଛି । ଏନେଇ ଭୁବନେଶ୍ୱର ଡିସିପି ପ୍ରତିକସିଂ ସମସ୍ତ ଜମି ମାଲିକ ମାନଙ୍କୁ ନିବେଦନ କରି କହିଛନ୍ତି ଯେ ଯଦି ଜମି ବିବାଦକୁ ନେଇ କୌଣସି ସମସ୍ୟ ।ଦେଖାଯାଇଛି ଏବଂ ଜମି ମାଫିଆମୋନେ ବଟିମାଗିବା ସହ ହଇରାଣ କରୁଛନ୍ତି। ତେବେ ପୋଲିସ ସହ ତୁରନ୍ତ ଯୋଗାଯୋଗ କରନ୍ତୁ । ପୋଲିସ ସେମାନଙ୍କ ଅଭିଯୋଗ ଶୁଣିବା ସହ ସେମାନଙ୍କ ଜମିକୁ ସୁରକ୍ଷା ଦେବାରେ ସର୍ବଦା ତତ୍‌ପର ଅଛି।

## ସ୍ୱାଧୀନତାର ଅମୃତ ମହୋତ୍ସବ, ନିଶାମୁକ୍ତି ବିନା ମହିଳାମାନେ ସୁରକ୍ଷିତ ନୁହନ୍ତି

ଭୁବନେଶ୍ୱର,(ନି.ପ୍ର): ସ୍ୱାଧୀନତା ସପ୍ତାହ ଆରମ୍ଭ ହୋଇଯାଇଥିବା ବେଳେ ଅଗଷ୍ଟ ୮ ତାରିଖ ସୋମବାର ଠାରୁ ଦୈନିକ ପ୍ରଗତିବାଦୀ ପରିସରରେ ସ୍ୱାଧୀନତାର ଅମୃତ ମହୋତ୍ସବ ଓ ପ୍ରଗତିବାଦୀର ୫୦ତମ ଜୟନ୍ତୀ ଅବସରରେ ଏକ ସ୍ୱତନ୍ତ୍ର ଉତ୍ସବ ଆୟୋଜନ କରାଯାଇଛି। ଉତ୍ସବର ଉଦ୍‌ଘାଟନ ସୋମବାର ହୋଇଥିବାବେଳେ ଏହା ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରଥମ ଦିନ କାର୍ଯ୍ୟକ୍ରମରେ ପ୍ରସଙ୍ଗ ରହିଥିଲା ସ୍ୱାଧୀନତାରେ ମହିଳାଙ୍କ ଭୂମିକା। ମୁଖ୍ୟବକ୍ତା ଭାବେ ଯୋଗଦେଇ ସ୍ୱାଧୀନତା ସଂଗ୍ରାମୀ କୃଷ୍ଣା ମହାନ୍ତି କହିଥିଲେ ଯେ ଆଜି ଦେଶ ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ କରୁଛି। ଏହି ଅବସରରେ ଦେଶର ସର୍ବୋଚ୍ଚ ଆସନରେ ମହାମହିମ ରାଷ୍ଟ୍ରପତି ଭାବେ ଜଣେ ମହିଳା ତଥା ଓଡିଶା ଆଦିବାସୀ ଝିଅ ଦ୍ରୌପଦୀ ମୁର୍ମୁ ଅବସ୍ଥାପିତ ଅଛନ୍ତି। ପ୍ରଗତିବାଦୀ ଜରିଆରେ ରାଷ୍ଟ୍ରପତିଙ୍କୁ ମୋର ଅନୁରୋଧ ଯେ ଦେଶକୁ ନିଶାମୁକ୍ତ କରି ମହିଳାମାନଙ୍କୁ ସୁରକ୍ଷା ପ୍ରଦାନ କରନ୍ତୁ। କାରଣ ନିଶାମୁକ୍ତି ବିନା ମହିଳାମାନେ ସୁରକ୍ଷିତ ନୁହନ୍ତି। ସ୍ୱାଧୀନତା ସଂଗ୍ରାମରେ ନିଜର ଅଭିଜ୍ଞତା ବଖାଣି ସେ କହିଲେ ଯେ ୧୯୪୨ ମସିହାରେ ତାଙ୍କୁ ଯେତେବେଳେ ମାତ୍ର ସାଢେ ୩ ବର୍ଷ ହୋଇଥିଲା, ତାଙ୍କ ମା’ ସ୍ୱାଧୀନତା ସଂଗ୍ରାମରେ ଜେଲଯିବାରୁ ତାଙ୍କୁ ମାତୃସ୍ନେହରୁ ବଞ୍ଚିତ ହେବାକୁ ପଡିଥିଲା। ତାଙ୍କ ବଡଭଉଣୀଙ୍କୁ ମାତ୍ର ୧୩-୧୪ ବର୍ଷର ହୋଇଥିଲେ ଏବଂ ଖବର ଆଦାନ ପ୍ରଦାନ କରୁଥିଲେ। ଏହା ଧରାପଡିଯିବା ଫଳରେ ତାଙ୍କୁ ଅଢେଇ ବର୍ଷର କାରାଦଣ୍ଡ ଭୋଗିବାକୁ ପଡିଥିଲା। ୧୯୪୪ରେ ସେ ଜେଲରୁ ବାହାରିଥିଲେ। ସେତେବେଳେ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିବା ମହିଳାମାନଙ୍କୁ ମୌଳିକ ଶିକ୍ଷା ଯୋଗାଇ ଦେବା ଲାଗି ତାଙ୍କ ବାପା ସେତେବେଳେ ବାପୁଙ୍କୁ ଚିଠି ଲେଖିଥିଲେ।

## ରେଷ୍ଟୁରାଣ୍ଟରୁ ଚୋରି: ଦୁଇ ଗିରଫ

ଭୁବନେଶ୍ୱର,(ନି.ପ୍ର): ରେଷ୍ଟୁରାଣ୍ଟରୁ ଚୋରି କରିବା ଅଭିଯୋଗରେ ଚନ୍ଦ୍ରଖେଶରପୁର ଥାନା ପୋଲିସ ଦୁଇ ଜଣ କର୍ମଚାରୀଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଗିରଫ ଦ୍ୱୟ ହେଲେ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ପଳାଶୁଣିରେ ରହୁଥିବା ଯାଜପୁରର ବାପି ଓରଫ୍ ନିଗମାନନ୍ଦ ମହାନ୍ତି(୨୭) ଓ ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଟାଙ୍ଗି ଥାନା ଭୁଷଣ୍ଡପୁରର ଶମ୍ଭୁ ମଣ୍ଡଳ(୨୭)। ସେମାନଙ୍କ ନିକଟରୁ ପୋଲିସ ଗୋଟିଏ ଡ୍ରିଲ୍ ମେସିନ୍, କଟିଂ ମେସିନ୍, ସ୍କିନ୍ଦଲର ମେସିନ୍ ଏବଂ ଗୋଟେ ଏୟାର କମ୍ପ୍ରେସର ଜବତ କରିଛି। ଅଭିଯୁକ୍ତ ଦ୍ୱୟଙ୍କ ଜାମିନ୍ ନାମଞ୍ଜୁର ହୋଇଯିବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, ଅଭିଯୋଗକାରୀ ଶୈଳଶ୍ରୀବିହାର ଠାରେ ଥିବା ଏକ ରେଷ୍ଟୁରାଣ୍ଟରେ ଜଣେ ଲେବର କଣ୍ଟ୍ରାକ୍ଟର ଭାବେ କାର୍ଯ୍ୟ କରନ୍ତି। ତାଙ୍କ ପାଖରେ ରହି ଗିରଫ ଅଭିଯୁକ୍ତ ଜଣକ କାମ କରୁଥିଲେ। ଘଟଣା ଦିନ କେହି ନଥିବାର ସୁଯୋଗ ନେଇ ଅଭିଯୁକ୍ତ ଜଣକ ରେଷ୍ଟୁରାଣ୍ଟର ଷ୍ଟୋର-ରୁମ୍ ଖୋଲି ଜବତ ସାମଗ୍ରୀ ସବୁକୁ ଚୋରି କରି ନେଇଯାଇଥିଲା। ଏହି ଘଟଣାର ଅଭିଯୋଗ ପରେ ଚନ୍ଦ୍ରଶେଖରପୁର ଥାନା ପୁଲିସ ତଦନ୍ତ ଆରମ୍ଭ କରି ଏଟିଏମ ଛକ ନିକଟରେ ଚଢଉ କରିବା ସହ ଅଭିଯୁକ୍ତକୁ କାବୁ କରି ଥାନାକୁ ଆଣିଥିଲା। ପଚରାଉଚରା ସମୟରେ ଅଭିଯୁକ୍ତ ଜଣକ ଏହି ସାମଗ୍ରୀ ସବୁକୁ ଚୋରି କରିଥିବା କଥା ସ୍ୱୀକାର କରିବା ସହ ଅନ୍ୟ ଜଣେ ଗ୍ରାହକଙ୍କୁ ବିକ୍ରି କରିଥିବା କଥା ମଧ୍ୟ ସ୍ୱୀକାର କରିଥିଲା। ତା ତଥ୍ୟ ଅନୁଯାୟୀ ପୋଲିସ ପୁନର୍ବାର ଚଢଉ କରି ଗ୍ରାହକକୁ କାବୁ କରିଥିଲା।

## ଦୁଇ ପିଲାଦିନର ସାଙ୍ଗଙ୍କ ଜଳିଲା ଜୁଇ

ଭାପୁର, ୧୧/୮ (ନି.ପ୍ର): ନୟାଗଡ ଜିଲ୍ଲା ଭାପୁର ଅନ୍ତର୍ଗତ ମାଧପୁର ଗ୍ରାମର ଦୁଇ ପିଲାଦିନର ସାଙ୍ଗ ପ୍ରଦୀପ ସାହୁ(୫୦) ଓ ଘନଶ୍ୟାମ ବାରିକ(୫୦)ଙ୍କ ଗୋଟିଏ ଦିନରେ ଗ୍ରାମ ଶ୍ରୀଶାସନରେ ଜୁଇ ଜଳିବା ଘଟଣା ଭାପୁର ଅଂଚଳରେ ଶୋକର ଛାୟା ଖେଳାଇଦେଇଛି। ମାଧପୁର ଗ୍ରାମର ଅଚ୍ୟୁତ ସାହୁଙ୍କ ପୁଅ ପ୍ରଦୀପ ବଲାଙ୍ଗୀରରେ କିଡନୀ୍ ରୋଗରେ ମୃତ୍ୟୁ ହୋଇଥିବା ବେଳେ ସେହି ଗ୍ରାମର ପିଲାଦିନର ସାଙ୍ଗ ତଥା ପାଣ୍ଡବ ବାରିକଙ୍କ ପୁଅ ଘନଶ୍ୟାମ ତେଲେଙ୍ଗାନା ରାଜ୍ୟରେ ମୃତ୍ୟୁବରଣ କରିଛନ୍ତି। ଘନଶ୍ୟାମଙ୍କର ମୃତ୍ୟୁ ଶନିବାର ହୋଇଥିବା ବେଳେ ତାଙ୍କର ମୃତ୍ୟୁ ଖବର ଶୁଣି ପ୍ରଦୀପ ରବିବାର ଦିନ ମୃତ୍ୟୁବରଣ କରିଛନ୍ତି। ଉଭୟଙ୍କ ରବିବାର ଦିନ ଗ୍ରାମ ଶ୍ରୀଶାସନରେ ଶୋକାକୁଳ ପରିବେଶରେ ଅନ୍ତିମ ସଂସ୍କାର କରାଯାଇଥିଲା। ଉଭୟ ପିଲା ଦିନରୁ ସାଙ୍ଗ ହୋଇ ଖେଳକୁଦ ଠାରୁ ଆରମ୍ଭ କରି ପାଠ ପଢା ପର୍ଯ୍ୟନ୍ତ ସାଥି ହୋଇ ସମାପନ କରିଥିବା ବେଳେ ଜୀବିକା ପାଇଁ ଜଣେ ତେଲେଙ୍ଗାନା ରାଜ୍ୟରେ ଓ ଜଣେ ବଲାଙ୍ଗିର ରେ ରହୁଥିଲେ। ମାତ୍ର ସାଙ୍ଗର ମୃତ୍ୟୁ ଖବର ଶୁଣି

## ସ୍ୱର୍ଗଦ୍ୱାର ସଂସ୍କାର କାର୍ଯ୍ୟରେ ଯୋଡ଼ି ହେଲା ଆଉ ଏକ ଫର୍ଦ୍ଧ

ପୁରୀ ୧୧/୮ (ନି.ପ୍ର): : ସ୍ୱର୍ଗଦ୍ୱାର ପରିସର ମଧ୍ୟରେ ଥିବା ପୂଜା ଓ ଶ୍ରାଦ୍ଧ ସାମଗ୍ରୀ ବିକ୍ରୟ କେନ୍ଦ୍ର ପରିଚାଳନା ଦାୟିତ୍ୱ ନେବାକୁ ଯାଉଛି ଓରମାସ। ପୁରୀ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଏ ସଂକ୍ରାନ୍ତରେ ଏକ ବୁଝାମଣାପତ୍ର ଶନିବାର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ପୁରୀ ଠାରେ ସ୍ୱର୍ଗଦ୍ୱାର ସେବା ସମିତି ଓ ଓରମାସ୍ ମଧ୍ୟରେ ସ୍ୱାକ୍ଷରିତ ହୋଇଛି । ସ୍ୱର୍ଗଦ୍ୱାର ସେବା ସମିତି ପକ୍ଷରୁ ପୁରୀ ଉପଜିଲ୍ଲାପାଳ ତଥା ସ୍ୱର୍ଗଦ୍ୱାର ସେବା ସମିତିର ଆବାହକ ସମ୍ପାଦକ ଭବତାରଣ ସାହୁ ଓ ଓରମାସ ପୁରୀ ତରଫରୁ ଉପମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ଦାସ ବୁଝାମଣାପତ୍ରରେ ସ୍ୱାକ୍ଷର କରିଛନ୍ତି। ଏହି ବୁଝାମଣାପତ୍ର ସ୍ୱାକ୍ଷର କାର୍ଯ୍ୟକ୍ରମରେ ଯୋଗ ଦେଇ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀ ଜ୍ୟୋତିଶଙ୍କର ମହାପାତ୍ର ସ୍ୱର୍ଗଦ୍ୱାର ସଂସ୍କାର କାର୍ଯ୍ୟରେ ଓରମାସ ଯୋଡି ହେଲେ ଏହାଦ୍ୱାରା ଅନେକ ସ୍ୱୟଂସହାୟକ ଗୋଷ୍ଠୀ ଉପକୃତ ହେବା ସହିତ ସ୍ୱର୍ଗଦ୍ୱାର କୁ ଶବସଂସ୍କାର ନିମନ୍ତେ ଆସୁଥିବା ମୃତକଙ୍କ ପରିଜନ ମାନେ ସୁଲଭ ମୂଲ୍ୟରେ ଉତ୍ତମ ମାନର ଗୁଣାତ୍ମକ ଆବଶ୍ୟକୀୟ ସାମଗ୍ରୀ ପାଇପାରିବେ ବୋଲି କହିଥିଲେ । ଏହି ସାମଗ୍ରୀ ଯୋଗାଣ ପାଇଁ ବିଧିବଦ୍ଧ ଭାବରେ ସ୍ୱୟଂସହାୟକ ଉତ୍ପାଦକ ଗୋଷ୍ଠିର ଚୟନ ପ୍ରକ୍ରିୟା ଇତିମଧ୍ୟରେ ଶେଷ ହୋଇଛି ବୋଲି ଜଣାଇଥିଲେ। ଏହି କାର୍ଯ୍ୟକ୍ରମକୁ ଓଡିଶା ସରକାରଙ୍କର ପଞ୍ଚାୟତିରାଜ ଏବଂ ପାନୀୟଜଳବିଭାଗ ତରଫରୁ ସବୁଜ ସଂକେତ ମିଳିବା ସହିତ ସହାୟ ନାମକ ସ୍ୱତନ୍ତ୍ର ଯୋଜନା ମାଧ୍ୟମରେ ସ୍ୱର୍ଗଦ୍ୱାର ଠାରେ ଆରମ୍ଭ ହେବାକୁ ଥିବା ପୂଜା ଓ ଶ୍ରାଦ୍ଧ ସାମଗ୍ରୀ ବିକ୍ରୟକେନ୍ଦ୍ରର ସୁପରିଚାଳନା ପାଇଁ ସ୍ୱୟଂ ସହାୟକ ଉତ୍ପାଦକ ଗୋଷ୍ଠିକୁ ଆର୍ଥିକ ଋଣ ଯୋଗାଇଦିଆ ଯାଇଛି ।ଏହି ବ୍ୟବସ୍ଥା ସ୍ୱର୍ଗଦ୍ୱାରରେ ବାଧା ରହିତ ସେବା ସହିତ ସ୍ୱର୍ଗଦ୍ୱାର ଏକକ ଗବାକ୍ଷ କୁ ଆହୁରି ମଜଭୁତ କରିବ ବୋଲି ପୁରୀ ଉପଜିଲ୍ଲାପାଳ ଭବତାରଣ ସାହୁ କହିଛନ୍ତି। ମିଳିଥିବା ସୂଚନା ମୁତାବକ ଅଗଷ୍ଟ ୧୫ ତାରିଖ ଠାରୁ ଓରମାସ ଏହି ପୂଜା ଓ ଶ୍ରାଦ୍ଧ ସାମଗ୍ରୀ ବିକ୍ରୟ କେନ୍ଦ୍ର କାର୍ଯ୍ୟକ୍ଷମ ହେବ।

## ଶିଷ୍ଟାଚାର କିଭଳି ଭୁଲିଗଲେ: ଅପରାଜିତା ଷଡ଼ଙ୍ଗୀ

ଭୁବନେଶ୍ୱର,୧୧/୮ (ନି.ପ୍ର): ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ଓଡିଶା ଗସ୍ତ କଥାକୁ କିଭଳି ଭୁଲିଗଲେ ରାଜ୍ୟ ସରକାର ? ଗତ ସୋମବାର ବିଳମ୍ବିତ ରାତିରେ ଅମିତ ଶାହା ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ଗୃହ ରାଷ୍ଟ୍ରମନ୍ତ୍ରୀ ଓ ପୋଲିସ ଡିଜି କାହିଁକି ପ୍ରୋଟୋକଲ ଅନୁଯାୟୀ ସ୍ୱାଗତ କରିବା ପାଇଁ ଆସି ନଥିଲେ ? ରାଜ୍ୟ ସରକାର ସାଧାରଣ ଶିଷ୍ଟାଚାର ବି କିଭଳି ଭୁଲିଗଲେ ବୋଲି ପ୍ରଶ୍ନ କରିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ। ଏ ନେଇ କ୍ଷୋଭ ପ୍ରକାଶ କରି ସାଂସଦ ଅପରାଜିତା ଷଡ଼ଙ୍ଗୀ କହିଛନ୍ତି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଯେତେବେଳେ ଭୁବନେଶ୍ୱର ଆସିଲେ, ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱାଗତ କରିବା ପାଇଁ କେହି ଆସିଲେନି। ମୁଖ୍ୟମନ୍ତ୍ରୀ ନ ଆସିଲେ ନାହିଁ, ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା ଆସିବା କଥା, ସେ ଆସିଲେନି, ପୋଲିସ ଡିଜି ଆସିଲେନି, ସଚିବ ବି ଆସିଲେନି। କେନ୍ଦ୍ର ସରକାର ଓଡିଶାକୁ ଅଣ ଏନଡିଏ ରାଜ୍ୟ ହିସାବରେ କେବେ ପାତରଅନ୍ତର କରିନାହାନ୍ତି।

## କପିଳାସ ରୋଡ୍ ଷ୍ଟେସନରେ ସଂରକ୍ଷଣ ଟିକେଟ୍ କାଉଣ୍ଟର

ଭୁବନେଶ୍ୱର,(୧୧/୮ (ନି.ପ୍ର): ଯାତ୍ରୀଙ୍କ ଚାହିଦାକୁ ଦୃଷ୍ଟିରେ ରଖି କପିଳାସ ରୋଡ୍ ରେଳ ଷ୍ଟେସନରେ ଏକ ପାସେଞ୍ଜର ରିଜର୍ଭେସନ୍ ସିଷ୍ଟମ ଟିକେଟ୍ କାଉଣ୍ଟର ଖୋଲାଯାଇଛି । ବର୍ତ୍ତମାନ ଯାତ୍ରୀମାନେ ଏହି କାଉଣ୍ଟରରୁ ଯେକୌଣସି ଷ୍ଟେସନଠାରୁ ଯେକୌଣସି ଷ୍ଟେସନ ପର୍ଯ୍ୟନ୍ତ ସମସ୍ତ ଟ୍ରେନରେ ସଂରକ୍ଷିତ ଟିକେଟ୍ ବୁକ୍ କରିପାରିବେ । କପିଳାସ୍ ରୋଡ୍ ରେଳ ଷ୍ଟେସନ୍ ହେଉଛି ଖୋର୍ଦ୍ଧା ରୋଡ଼ ରେଳ ମଣ୍ଡଳର ଏନଏସ୍‌ଜି-୬ ଅନ୍ତର୍ଭୁକ୍ତ।

## ମହାବିଦ୍ୟାଳୟ ପରିସରରେ ଲାଗିଲା ଔଷଧୀୟ ଚାରା

ଭୁବନେଶ୍ୱର,୧୧/୮ (ନି.ପ୍ର): ରାଜଧାନୀ ଗଣ୍ଡମୁଣ୍ଡାସ୍ଥିତ ସତ୍ୟସାଇ ମହିଳା ମହାବିଦ୍ୟାଳୟ ୪୧ତମ ପ୍ରତିଷ୍ଠା ଦିବସ ପାଳନ କରୁଛି। ଏହି ଉପଲକ୍ଷେ ମହାବିଦ୍ୟାଳୟ ପରିସରରେ ୪୧ଟି ଔଷଧୀୟ ଚାରା ରୋପଣ କରାଯାଇଛି। ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ମାନଷୀ କୁମାରୀ ବସ୍ତିଆ, ଡ. ଦେବଜାନୀ ସିଂ, ସ୍ମିତା ବିଶ୍ୱାଳ, ଡ. ଇତିଶ୍ରୀ ଦାଶ, ଡ ମୃନ୍ମୟୀ ରଥ, ଶାଶ୍ୱତୀ ପତି, ମୀନା ମହାନ୍ତି, ଡ. ନିହାରିକା ଦାସ, ଡ. ବନଜା ତାଲଡ଼ି, ଅରବିନ୍ଦ ଦାସ, ଶୁଭଶ୍ରୀ ଲେଙ୍କା, ଆଇନଜୀବୀ ସରୋଜ କୁମାର ସାହୁ, ଗ୍ରୀନ୍ ୱାଲର୍ଡ ଟ୍ରଷ୍ଟର ଅଧ୍ୟକ୍ଷ ନୃପେଶ କୁମାର ନାୟକ। ଏହାକୁ ପରିଚାଳନା କରିଥିଲେ ଡ. ଲିଙ୍ଗରାଜ ସାହୁ। ଏଥିରେ ମହାବିଦ୍ୟାଳୟର ବିଭିନ୍ନ ବିଭାଗର ଛାତ୍ରଛାତ୍ରୀ ସାମିଲ ହୋଇଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାରେ ମାଳ ମାଳ ନକଲି ଡାକ୍ତର

ଖଲ୍ଲିକୋଟ , ୧୧/୮ (ନି.ପ୍ର): ରାଜ୍ୟ ମୁଖିଆଙ୍କ ଜିଲ୍ଲା ଗଞ୍ଜାମରେ ଖୋଲିଛି ମାଳ ମାଳ ବେଆଇନ କ୍ଲିନିକ୍। ଆଉ ସେଗୁଡ଼ିକରେ ରୋଗୀଙ୍କୁ ଚିକିତ୍ସା କରୁଛନ୍ତି କ୍ୱାକ୍ (ନକଲି ଡାକ୍ତର)। ଥଣ୍ଡା, ଜ୍ୱର ଓ କାଶ ହେଲେ ଦେଉଛନ୍ତି ଔଷଧ। ବେଳେ ବେଳେ ଏକ୍ସପାଇରୀ ମେଡିସିନ୍ ବି ଦେଉଛନ୍ତି ! ରାଜ୍ୟ ମୁଖିଆ ଓ ତାଙ୍କ ନେତାମାନେ ବିଶ୍ୱସ୍ତରୀୟ ଚିକିତ୍ସା ସେବା ଯୋଗାଇବା ନେଇ ମାଳ ମାଳ ପ୍ରତିଶ୍ରୁତି ଦେଉଥିବା ବେଳେ କ'ଣ ସେମାନଙ୍କ ନଜର ଏହି ବେଆଇ କ୍ଲିନିକ୍ ଓ ନକଲି ଡାକ୍ତର (କ୍ୱାକ)ଙ୍କ ଉପରେ ପଡୁନି ନା ସବୁ ଜାଣି ଚୁପ୍ ବସିଛନ୍ତି ! ଖଲ୍ଲିକୋଟ୍ ବ୍ଲକ୍ ଦାନପୁର ଗାଁରେ ରହିଛି ଗୋଟିଏ ନକଲି କ୍ଲିନିକ୍। ଏଠାରେ ରୋଗୀଙ୍କୁ ଚିକିତ୍ସା କରୁଛନ୍ତି ଅନିମେଶ ବିଶ୍ୱାସ। ତାଙ୍କ ଘର ପଶ୍ଚିମବଙ୍ଗରେ ହୋଇଥିବା ବେଳେ ଶିକ୍ଷାଗତ ଯୋଗ୍ୟତା ହେଲା ଏକାଦଶ ପାସ୍। ତଥାପି ସେ ଜଣେ ଡାକ୍ତର ବୋଲି ନିଜର ପରିଚୟ ଦେଉଛନ୍ତି। ଡାକ୍ତରୀ ସାର୍ଟିଫିକେଟ୍ ମାଗିଲେ ଗାଁରେ ଅଛି ବୋଲି କହୁଛନ୍ତି। ଦୀର୍ଘ ୪ ବର୍ଷ ଧରି ସେ ଦାନପୁର ଗାଁରେ ମେଡିସିନି ବିକିବା ସହିତ ସାଲାଇନ୍ ଓ ଇଞ୍ଜେକ୍ସନ ଦେଉଛନ୍ତି। ନା ତାଙ୍କ ପାଖରେ ଅଛି ଫାର୍ମାସିଷ୍ଟ ଲାଇସେନ୍ସ ନା ଅଛି କ୍ଲିନିକ ପାଇଁ ପ୍ରମାଣପତ୍ର। ସେ ରୋଗୀଙ୍କୁ ଚିକିତ୍ସା ନକରିପାରିଲେ ଅନ୍ୟ କ୍ୱାକ୍‌ଙ୍କ ପାଖକୁ ପଠାଇ ଦେଉଥିବା ଜଣାପଡ଼ିଛି। ଅନିମେଶ ବିଶ୍ୱାସଙ୍କ କହିବା ଅନୁସାରେ ତାଙ୍କ ଘର କୋଲକାତାର ବର୍ଦ୍ଧମାନରେ। ଏକାଦଶ ପାସ୍ କରିବା ପରେ କୋଲକାତା ବହୁବଜାରରେ ଥିବା କଲେଜରୁ ଆର୍‌ଏମ୍‌ପି (ଗ୍ରାମ୍ୟ ଚିକିତ୍ସକ) ପାସ୍ କରିଛନ୍ତି। ଗ୍ରାମ୍ୟ ଚିକିତ୍ସକ ବିଷୟରେ ଥଣ୍ଡା, କାଶ ଓ ସାଲାଇନ୍ ଦେବା ନେଇ ତାଲିମ ଦିଆଯାଇଥିଲା। କ୍ଲିନିକ ଖୋଲିବା ପାଇଁ ଲାଇସେନ୍ସ ଅଛି। କିନ୍ତୁ ତାହା ପାଖରେ ନାହିଁ, ଘରେ ଅଛି। ଏଥର ଗାଁକୁ ଗଲେ ଲାଇସେନ୍ସ ଆଣିବି ବୋଲି ଅନିମେଶ ବିଶ୍ୱାସ କହିଛନ୍ତି। କ୍ୱାକ୍ ? ନମ୍ବର ୨ ହେଲେ ରାଜୁ ମଣ୍ଡଳ। ତାଙ୍କ ଘର କୋଲକତାରେ। ଶିକ୍ଷାଗତ ଯୋଗ୍ୟତା ଯୁକ୍ତ ଦୁଇ। କିନ୍ତୁ ସେ ଓଡ଼ିଶାରେ ଡାକ୍ତର। ତାଙ୍କ କ୍ଲିନିକ୍‌ରେ ଗଦା ହୋଇ ପଡିଛି ଇଞ୍ଜେକ୍ସନ, ଆଉ ମାଳ ମାଳ



ଲାଗିଛି ଖାଲି ସାଲାଇନ୍ ବୋତଲ। ଗଚ୍ଛିତ ହୋଇ ରହିଛି ମେଡିସନ୍। ହେଲେ ଅନେକ ମେଡିସିନିର ଏକ୍ସପାଇରି ଡେଟ୍ ହୋଇଗଲାଣି। ଆଉ କିଛି ମେଡିସିନ୍ ଚଳିତ ମାସ ଅଗଷ୍ଟରେ ସରିବ। କିନ୍ତୁ ସେ ଗୁଡିକ ମଧ୍ୟ ଲୋକମାନଙ୍କୁ ଦେଉଥିବା ଅଭିଯୋଗ ହେଇଛି। ସେ ଗତ ୪ ବର୍ଷ ହେଲା ତାଳପଡା ଗାଁ ଡାକ୍ତର ହୋଇ ଚିକିତ୍ସା ସେବା ଯୋଗାଇ ଆସୁଛନ୍ତି। ରାଜୁ ମଣ୍ଡଳ କହିଛନ୍ତି, କୋଲକାତାରେ ଆର୍‌ଏମ୍‌ପିରେ ପାଠ ପଢୁଛି। କ୍ଲିନିକ୍ ପାଇଁ ୬ ମାସ ହେଲା ଆବେଦନ କରିଛି। ବେଗୁନିଆପଡ଼ାରେ କ୍ଲିନିକ ଖୋଲିଥିବା ମିଥୁନ୍ ସର୍କାରଙ୍କ ମାଧ୍ୟମରେ ଓଡ଼ିଶା ଆସିଥିଲି। ଏଠାରେ ମୁଁ କ୍ଲିନିକ ଖୋଲି ଚିକିତ୍ସା କରୁଛି। ସାଲାଇନ୍ ଓ ଇଞ୍ଜେକ୍‌ସିନ୍ ଦେଉଛି। ଗୁରୁତର ରୋଗୀଙ୍କୁ ଦେଖୁନାହୁଁ ବୋଲି ରାଜୁ ମଣ୍ଡଳ କହିଛନ୍ତି। ତୃତୀୟ ନମ୍ବର କ୍ୱାକ୍ ହେଉଛନ୍ତି ଶମ୍ଭୁ ସରକାର। ଶିକ୍ଷାଗତ ଯୋଗ୍ୟତା କହୁଛନ୍ତି, ଯୁକ୍ତ ୩। କିନ୍ତୁ ପାଖରେ ସାର୍ଟିଫିକେଟ୍ ନାହିଁ। କୌଣସି ମେଡିକାଲ୍ ପାଠ ପଢି ନାହାନ୍ତି। ତଥାପି ସେ ନିଜକୁ ଦାନ୍ତ ଡାକ୍ତର ପରିଚୟ ଦେଉଛନ୍ତି। ସେତିକି ନୁହେଁ, ଜ୍ୱର-ଥଣ୍ଡା-କାଶ ହେଲେ ରୋଗୀଙ୍କ ଦେଉଛନ୍ତି ମେଡିସନ୍। ଇଞ୍ଜେକ୍ସନ ଓ ସାଲାଇନ ମଧ୍ୟ ଦେଉଛନ୍ତି। ୩ ବର୍ଷ ହେଲା ବାରସର ଗାଁରେ କ୍ଲିନିକ କରି ନିଜକୁ ଡାକ୍ତର ପରିଚୟ ଦେଇ ଚିକିତ୍ସା କରୁଛନ୍ତି। ଶମ୍ଭୁ ସରକାର କହିଛନ୍ତି, କ୍ଲିନିକ ପାଇଁ ୬ ମାସ ହେଲା ଲାଇସେନ୍ସ ଆବେଦନ କରିଛି। କିନ୍ତୁ ବର୍ତ୍ତମାନ ସୁଦ୍ଧା ମିଳିନି। ଆଗରୁ ଡେଣ୍ଟାଲ୍ କାମ କରୁଥିଲି। ଏବେ ଜ୍ୱର ଓ ଘୋଳାବିନ୍ଧା ହେଲେ ମେଡିସିନ୍ ଦେଉଛି। ମୁଁ କୋଲକାତାରୁ ଗ୍ରାଜୁଏସନ୍ ପାସ୍ କରିବା ପରେ ବିଡିଏସ୍ କରିଛି। ନିଜେ ନିଜେ ଶିଖି ଜ୍ୱର ପାଇଁ ମେଡିସିନ୍ ଦେଉଛି। ସବୁ ସାର୍ଟିଫିକେଟ୍ ଗାଁରେ ରହିଛି। ଘରକୁ ଗଲେ ଆଣିବି ବୋଲି ଶମ୍ଭୁ ସରକାର କହିଛନ୍ତି। ଚତୁର୍ଥ କ୍ୱାକ୍ ହେଉଛନ୍ତି ଦୁର୍ଗା ଦୀନବନ୍ଧୁ ଦାସ। ପାଖରେ ଅଛି କର୍ଣ୍ଣାଟକରେ ପାଥୋଲୋଜି ପଢିଥିବାର ସାର୍ଟିଫିକେଟ। କିନ୍ତୁ ସେ ତାଳପଡ଼ା ଗାଁରେ କ୍ଲିନିକ୍ ଖୋଲି ରୋଗୀ ଦେଖୁଛନ୍ତି। ଥଣ୍ଡା, କାଶ, ଜ୍ୱର ହେଲେ ମେଡ଼ିସିନ୍ ଦେଉଛନ୍ତି। ଦରକାର ପଡ଼ିଲେ ଇଞ୍ଜେକ୍‌ସନ୍ ଓ ସାଲାଇନ୍ ମଧ୍ୟ ଦେଉଛନ୍ତି। ଏହି ବାବୁଙ୍କ ଘର ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ଅଞ୍ଚଳରେ। କିନ୍ତୁ ବାବୁଙ୍କ ପାଖରେ କ୍ଲିନିକ ଖୋଲିବାକୁ ନାହିଁ ସାର୍ଟିଫିକେଟ୍। କହୁଛନ୍ତି ଘର ମାଲିକ ଆସିଲେ ଆବେଦନ କରିବେ। କେବଳ ଏହି ୪ ଜଣ ନକଲି କ୍ଲିନିକ୍ ଖୋଲି ନାହାନ୍ତି। ଖଲ୍ଲିକୋଟ୍ ବ୍ଲକରେ ଏମିତି ମାଳ ମାଳ ବେଆଇନ କ୍ଲିନିକ୍ ଖୋଲିଛି। ସେହିପରି ବେଗୁନିଆପଡା, ଗଞ୍ଜାମ ବ୍ଲକ୍‌ରେ ମଧ୍ୟ ଖୋଲିଛି ବେଆଇନ କ୍ଲିନିକ୍। ସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କ ନାକ ତଳେ ଚାଲିଛି ଏସବୁ କ୍ଲିନିକ୍ ! ହେଲେ ଏଥିପ୍ରତି ବାବୁଙ୍କ ନିଘା ନାହିଁ। ଅନ୍ୟପକ୍ଷରେ ସରକାରୀ ମେଡିକାଲ୍‌ରେ ହାଲ୍ ନକହିବା ଭଲ। ଅନେକ ଡାକ୍ତରଖାନାରେ ଡାକ୍ତର ନଥିବାରୁ ଗ୍ରାମାଞ୍ଚଳରେ ବସବାସ କରୁଥିବା ନିରୀହ ଲୋକମାନେ ବାଧ୍ୟ ହୋଇ କ୍ୱାକ୍ ପାଖକୁ ଯାଉଛନ୍ତି।

## ମହୀୟସୀ ମହିଳାଙ୍କ ଶ୍ରାଦ୍ଧୋତ୍ସବରେ ବିଶିଷ୍ଟ ବ୍ୟକ୍ତିଙ୍କ ଯୋଗଦାନ

ନିମାପଡ଼ା, 11/8: ନିମାପଡ଼ା ଏନ୍.ଏ.ସି. ଉପ-ନଗରପାଳ ସନ୍ତୋଷ ଦାଶଙ୍କ ମାତା ସ୍ୱର୍ଗତ ଶୈଳବାଳା ଦାଶଙ୍କ ଶ୍ରାଦ୍ଧୋତ୍ସବ ଅବସରରେ ଭଜନ ପରିବେଷଣ ସହ ବିଶିଷ୍ଟ ବ୍ୟକ୍ତିମାନେ ତାଙ୍କ ବାସଭବନକୁ ଯାଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଗୁହାଳପଡ଼ାସ୍ଥିତ ବାସଭବନରେ କାଉନସିଲର ଧନୁର୍ଦ୍ଧର ଦାସ, ନଗର ବିଜୁ ଜନତା ଦଳ ସଭାପତି ଜୀବନାନନ୍ଦ ମହାପାତ୍ର, ସନ୍ତୋଷ ଓଝା, ଓଡ଼ିଶା ଦୁର୍ନୀତି ସଂଘର୍ଷ ମଞ୍ଚ ସଭାପତି ଗଦାଧର ପରିଡ଼ା, ସଂପାଦକ ପ୍ରଶାନ୍ତ ସାହୁ, ନିମାପଡ଼ା ବରିଷ୍ଠ ନାଗରିକ ମଂଚ ସଭାପତି ପ୍ରମୋଦ ମହାନ୍ତି, ଉପ-ସଭାପତି କୃଷ୍ଣମୋହନ ବେହେରା, ସିପିଆଇ ନେତା ଦେବେନ୍ଦ୍ର ସାହୁ, ନଗର ବିଜେପି ସଭାପତି ଦିଲ୍ଲୀପ ପାତ୍ର, ଆଇନଜୀବୀ ମୃତ୍ୟୁଞ୍ଜୟ ଦାଶ, ଦିଲ୍ଲୀପ ପଟ୍ଟନାୟକ, ଥାନାଧିକାରୀ, ଉପଖଣ୍ଡ ପୋଲିସ ଅଧିକାରୀଙ୍କ ସମେତ ଅନେକ ସମାଜସେବୀ, ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ସ୍ୱର୍ଗତା ଦାଶଙ୍କୁ ଜଣେ ମହିୟସୀ ମହିଳା ଭାବେ ବର୍ଣ୍ଣନା କରିଥିଲେ ।

## ରାକ୍ଷୀ ପହଞ୍ଚିଲା କେନ୍ଦ୍ରାପଡ଼ାରେ

କେନ୍ଦ୍ରାପଡ଼ା, 11/8: ଭାଇ ଭଉଣୀର ପବିତ୍ର ବନ୍ଧନର ଦିବସ ହେଉଛି ରକ୍ଷା ବନ୍ଧନ। ପ୍ରତ୍ୟେକ ଭଉଣୀ ତା ଭାଇକୁ ରାକ୍ଷୀ ବାନ୍ଧି ଭାଇର ଶୁଭକାମନା କରେ। ଭାଇ ମଧ୍ୟ ଭଉଣୀର ରକ୍ଷା କବଚ ହୋଇ ସାରା ଜୀବନ ରହିବ ବୋଲି ପ୍ରତିଜ୍ଞା କରେ। ଗହ୍ମା ପୂନେଇଁ ହେଉଛି ପ୍ରଭୁ ବଳଦେବଜୀଉଙ୍କର ଜନ୍ମ ଦିବସ ଏବଂ ରକ୍ଷା ବନ୍ଧନର ଦିବସ। ଜଗତଜନନୀ ଦେବୀ ସୁଭଦ୍ରା ଆଜି ମଧ୍ୟ ବଡଭାଇ ବଳରାମଙ୍କ ପାଇଁ ପୁରୀରୁ କେନ୍ଦ୍ରାପଡ଼ାସ୍ଥ ଇଚ୍ଛାପୁରକୁ ପାଟରାକ୍ଷୀ ପଠାଇଛନ୍ତି। ଏହି ଅବସରରେ ରବିବାର କେନ୍ଦ୍ରାପଡ଼ା ସହରରେ ଏକ ଖୁସି ଏବଂ ଅଧ୍ୟାତ୍ମର ପରିବେଶ ସୃଷ୍ଟି ହୋଇଥିଲା। ମନ୍ଦିର ଭିତରକୁ ପାଟରାକ୍ଷୀ ଯିବା ଅବସରରେ ମନ୍ଦିରର ସମସ୍ତ ସେବାୟତଙ୍କ ସମେତ କେନ୍ଦ୍ରାପଡ଼ା ବିଧାୟକ ଶଶୀଭୂଷଣ ବେହେରା, ମହାନଗର ଅଧକ୍ଷା ଶ୍ରୀମତୀ ସରିତା ସାହୁଙ୍କ ସମେତ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଏବଂ ପ୍ରଭୁଭକ୍ତ ଉପସ୍ଥିତ ଥିଲେ ।

### ବିନା ହେଲମେଟ୍‌ରେ ଗାଡ଼ି ଚାଳକଙ୍କ ବିରୋଧରେ ସ୍ୱତନ୍ତ୍ର ଡ୍ରାଇଭ୍

## ପିଲିୟନ୍ ରାଉଡର୍ସ ହେଲମେଟ୍ ପିନ୍ଧନ୍ତୁ

ଭୁବନେଶ୍ୱର,11/8: ଅଗଷ୍ଟ ୧୬ରୁ ନିରାପତ୍ତାକୁ ପ୍ରୋତ୍ସାହିତ କରିବା ଦିଗରେ ରାଜ୍ୟ ପରିବହନ ପ୍ରାଧିକରଣ ଜାତୀୟ ରାଜପଥ(ଏନ୍‌ଏଚ) ଏବଂ ରାଜ୍ୟ ରାଜପଥ(ଏସ୍‌ଏଚ)ରେ ହେଲମଟ୍ ବିହୀନ ଚାଳକଙ୍କ ବିରୋଧରେ ଦୁଇ ସପ୍ତାହ ବିଶିଷ୍ଟ ସ୍ୱତନ୍ତ୍ର ଡ୍ରାଇଭ୍ ଆରମ୍ଭ କରିବ। ସଡକ ଦୁର୍ଘଟଣାରେ ଗୁରୁତର ଆହତ ତଥା ମୃତ୍ୟୁହାରର ମୁଖ୍ୟ କାରଣ ସତ୍ତ୍ୱେ ହେଲମେଟଲସ୍ ଡ୍ରାଇଭିଂ ରାଜ୍ୟରେ ବିଶେଷ ଭାବରେ ଏନ୍‌ଏଚ୍ ଏବଂ ଏସ୍‌ଏଚ୍‌ରେ ବ୍ୟାପିଛି। ୨୦୨୧ ମସିହାରେ ସଡକ ଦୁର୍ଘଟଣାରେ ୮୬୮ ଚାଳକ ଏବଂ ୪୪୦ ପିଲିଅନ୍ ଆରୋହୀଙ୍କ ସମେତ ୧୩୦୮ ଜଣଙ୍କର ମୃତ୍ୟୁ ଘଟିଥିଲା। ସେମାନଙ୍କ ମଧ୍ୟରୁ ଅଧିକାଂଶ ହେଲେମଟ ପିନ୍ଧି ନଥିଲେ। ଦୁଇଟି ଚକିଆ ଯାନ ସହିତ ଦୁର୍ଘଟଣାରେ ସମୁଦାୟ ୧୨୮୦ ଜଣ ଗୁରୁତର ହାତ ହୋଇଥିଲେ ଏବଂ ୭୪୭ ଜଣ ସାମାନ୍ୟ ଆହତ ହୋଇଥିଲେ। ଏକ୍ସପ୍ରେସ ନୋଟ୍‌ରେ ସଡକ ସୁରକ୍ଷା ଯୁଗ୍ମ କମିଶନର ପରିବହନ ସଞ୍ଜୟ ବିଶ୍ୱାଳ କହିଛନ୍ତି



ଯେ, ଏନ୍‌ଏଚ୍/ଏସ୍‌ଏଚ୍‌ରେ ଘଟୁଥିବା ଦୁର୍ଘଟଣା ମଧ୍ୟରୁ ଅନେକ ଦୁଇ ଚକିଆ ଚାଳକଙ୍କ ସହ ଜଡିତ ଥିବା ଦେଖାଯାଇଛି। କ୍ରମାଗତ ଆଇନଗତ କାର୍ଯ୍ୟକଳାପ ଯୋଗୁଁ ଲୋକମାନେ ସହରାଞ୍ଚଳରେ ହେଲମେଟ୍ ବ୍ୟବହାର କରୁଛନ୍ତି କିନ୍ତୁ ଦୁର୍ଭାଗ୍ୟବଶତଃ ରାଜପଥରେ ହେଲମେଟ୍ ପିନ୍ଧିବା ଠାରୁ ଦୂରେଇ ରୁହନ୍ତି, ଯେଉଁଠାରେ ସୁରକ୍ଷା ଅଧିକ ଆବଶ୍ୟକ ଅଟେ। ସେ ଆହୁରି କହିଛନ୍ତି ଯେ, ଯଦିଓ ପିଲିଅନ୍ ରାଇଡର୍ସ ମାନେ ହେଲମେଟ୍ ପିନ୍ଧିବା ବାଧ୍ୟତାମୂଳକ ଓ ଦୁର୍ଘଟଣାରେ ଡ୍ରାଇଭର ପ୍ରତି ଯେତିକି ବିପଦ ଥାଏ ପିଲିଅନ୍ ରାଉଡର୍ସ ପ୍ରତି ମଧ ସେତିକି ବିପଦ ଥିବା ସତ୍ତ୍ୱେ ପିଲିଅନ୍ ରାଇଡର୍ସ ଦ୍ୱାରା ହେଲମେଟ୍ ବହୁତ କମ୍ ପିନ୍ଧାଯାଏ। ଯଦି ଆରୋହୀମାନେ ହେଲମେଟ୍ ପିନ୍ଧି ନିଜର ନିରାପତ୍ତାର ଯତ୍ନ ନିଅନ୍ତି, ତେବେ ସେମାନେ ପିଲିଅନର ଜୀବନ ବିପଦରେ ପକାଇବା ଉଚିତ୍ ନୁହେଁ। 'ଟ୍ରାଫିକ୍ ନିୟମ ପାଳନ କରିବା ଏବଂ ସେମାନଙ୍କ ସୁରକ୍ଷା ପାଇଁ ହେଲମେଟ୍ ପିନ୍ଧିବା ପାଇଁ ଶ୍ରୀ ବିଶ୍ୱାଳ ଦୁଇ ଚକିଆ ଆରୋହୀ ଏବଂ ପିଲିୟନ୍ ଆରୋହୀଙ୍କୁ ନିବେଦନ କରିଛନ୍ତି।' ଏହାପୂର୍ବରୁ ମେ ୧୫ରୁ ୨୧ ପର୍ଯ୍ୟନ୍ତ ହୋଇଥିବା ଡ୍ରାଇଭ୍‌ରେ ୧୦ ହଜାର ୬୬୧ ଦୁଇ ଚକିଆ ଆରୋହୀଙ୍କ ଉପରେ ଦଣ୍ଡବିଧାନ ଲାଗୁ କରାଯାଇଥିଲା। ୨୫୦୫ ଡ୍ରାଇଭିଂ ଲାଇସେନ୍ସକୁ ସ୍ଥଗିତ ରଖାଇଥିଲା। ସେହିପରି ଜୁଲାଇ ୩୦ ରେ କରାଯାଇଥିବା ଡ୍ରାଇଭ୍‌ରେ ୧୪୬୯ ଆରୋହୀଙ୍କର ଚାଲାଣ କଟାଯିବା ସହ ୧୧୭ ଟି ଗାଡି ଜବତ କରାଯାଇଥିଲା।

## ସମୁଦ୍ର ତଟ ସୁରକ୍ଷା ଓ ଲୁଣିବନ୍ଧ ସୁଦୃଢ଼ୀକରଣ ପାଇଁ ଜଳ ସମ୍ପଦ ବିଭାଗ ଏବଂ ରାଷ୍ଟ୍ରୀୟ ସାମୁଦ୍ର ପ୍ରାଦ୍ୟୋଗିକ ସଂସ୍ଥାନ ମଧ୍ୟରେ ଏମଓୟୁ ସ୍ୱାକ୍ଷରିତ

ଭୁବନେଶ୍ୱର, ୧୧ ଅଗଷ୍ଟ - ଓଡିଶାରେ ସମୁଦ୍ର ତଟ ସୁରକ୍ଷା ଓ ଲୁଣିବନ୍ଧ ସୁଦୃଢ଼ୀକରଣ ପରିପ୍ରେକ୍ଷୀରେ ରାଜ୍ୟ ଜଳ ସମ୍ପଦ ବିଭାଗ ଏବଂ ରାଷ୍ଟ୍ରୀୟ ସାମୁଦ୍ର ପ୍ରାଦ୍ୟୋଗିକ ସଂସ୍ଥାନ ମଧ୍ୟରେ ଏକ ବୁଝାମଣା ପତ୍ର ବୁଧବାର ଅପରାହ୍ନରେ ସ୍ୱାକ୍ଷରିତ ହୋଇଯାଇଛି । ବିଭାଗର ସମ୍ମିଳନୀ କକ୍ଷରେ ରାଜ୍ୟ ଜଳ ସଂପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଶ୍ରୀମତୀ ଟୁକୁନି ସାହୁ, ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଜଳ ସଂପଦ ବିଭାଗ ଶ୍ରୀମତୀ ଅନୁ ଗର୍ଗଙ୍କ ଉପସ୍ଥିତିରେ ଏହି ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିଲା । ରାଜ୍ୟ ଜଳ ସଂପଦ ବିଭାଗ ତରଫରୁ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଇଂ. ବିଜୟ କୁମାର ମିଶ୍ର ଏବଂ ରାଷ୍ଟ୍ରୀୟ ସମୁଦ୍ର ପ୍ରାଦ୍ୟୋଗିକ ସଂସ୍ଥାନ ( ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ ଓସେନ୍ ଟେକ୍ନୋଲୋଜି)ର ନିର୍ଦ୍ଦେଶକ ଡଃ. ଜି.ଏ. ରାମଦାସଙ୍କ




ମଧ୍ୟରେ ଏହି ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିଲା । କାର୍ଯ୍ୟକ୍ରମରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ , ଜଳ ସଂପଦ ବିଭାଗ ଶ୍ରୀମତୀ ଗର୍ଗ ବିଶଦ୍ କହିଲେ ଯେ, ଏହି ଚୁକ୍ତିନାମା ଅନୁସାରେ ଉକ୍ତ ଅନୁଷ୍ଠାନ ଓଡିଶା ରାଜ୍ୟର ଜଳବାୟୁ ପରିବର୍ତ୍ତନ ପ୍ରତିରୋଧକ ସମୁଦ୍ର ତଟ ସୁରକ୍ଷା ଓ ଲୁଣିବନ୍ଧ ଗୁଡିକର ସୁଦୃଢ଼ୀକରଣ ନିମନ୍ତେ ଆବଶ୍ୟକ ହେଉଥିବା ବୈଷୟିକ ଜ୍ଞାନ କୌଶଳ, ଡିଜାଇନ, ପ୍ରଦାନ କରିବା ସହିତ କାର୍ଯ୍ୟ ସମ୍ପାଦନ, ବିଭାଗୀୟ ଯନ୍ତ୍ରୀମାନଙ୍କ ପ୍ରଶିକ୍ଷଣ ଓ ଦକ୍ଷତା ବିକାଶରେ ସହାୟତା ଯୋଗାଇଦେବେ । ସରକାରଙ୍କ ଏହି ଚୁକ୍ତିନାମା ଫଳରେ ରାଜ୍ୟର ଛଅ ଗୋଟି ଉପକୂଳବର୍ତ୍ତୀ ଜିଲ୍ଲା ଯଥା ବାଲେଶ୍ୱର, ଭଦ୍ରକ, କେନ୍ଦ୍ରପଡା, ଜଗତସିଂହପୁର, ପୁରୀ ଓ ଗଞ୍ଜାମର ଲୋକମାନେ ଉପକୃତ ହେବେ । ଓଡିଶାର ଉପକୂଳବର୍ତ୍ତୀ ଅଞ୍ଚଳରେ ପ୍ରାକୃତିକ ଦୁର୍ବିପାକ ଜନିତ କ୍ଷୟକ୍ଷତିର ଆଶଙ୍କା ହ୍ରାସ କରିବା ଦିଗରେ ଏହି ଚୁକ୍ତିନାମା ଭବିଷ୍ୟତରେ ଏକ ମାଇଲ ଖୁଣ୍ଟ ସାବ୍ୟସ୍ତ ହେବ ବୋଲି ଶ୍ରୀମତୀ ଗର୍ଗ ଆଶା ବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜଳ ସଂପଦ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀମତୀ ଅର୍ଚ୍ଚନା ପଟ୍ଟନାୟକଙ୍କ ସମେତ ବିଭାଗର ବରିଷ୍ଠ ଅଧିକାରୀ ଓ ଏନ୍‌ଆଇଓଟିର ଅନ୍ୟ ବୈଜ୍ଞାନିକମାନେ ଉପସ୍ଥିତ ଥିଲେ । ଉପକୂଳବର୍ତ୍ତୀ ବିଭିନ୍ନ ଜିଲ୍ଲାରେ ଜିଲ୍ଲାପାଳ, ଜିଲ୍ଲାସ୍ତରୀୟ ବରିଷ୍ଠ ଅଧିକାରୀ ଓ କ୍ଷେତ୍ରସ୍ତରରେ କାର୍ଯ୍ୟରତ ଜଳସଂପଦ ବିଭାଗର ଯନ୍ତ୍ରୀମାନେ ଆଭାସୀ ବ୍ୟବସ୍ଥା ମାଧ୍ୟମରେ ଉପସ୍ଥିତ ଥିଲେ । ପ୍ରକାଶ ଥାଉକି, ମୁଖ୍ୟତଃ ଓଡିଶାର ଉପକୂଳବର୍ତ୍ତୀ ଅଞ୍ଚଳଗୁଡିକ ପ୍ରାକୃତିକ ଦୁର୍ବିପାକର ସମ୍ମୁଖୀନ ହୋଇଥାଏ । ଓଡିଶାରେ ପ୍ରାୟ ୪୮୦କି.ମି. ଦୈର୍ଘ୍ୟ ବିଶିଷ୍ଟ ବଙ୍ଗୋପସାଗର ତଟ ଅବସ୍ଥିତ । ବାତ୍ୟା ସମୟରେ ବଙ୍ଗୋପ ସାଗରରେ ସୃଷ୍ଟି ହେଉଥିବା ସୁଉଚ୍ଚ ଲହଡି ସମୁଦ୍ର ତଟବର୍ତ୍ତୀ ଅଞ୍ଚଳକୁ ଦ୍ରୁତ ବେଗରେ ପ୍ରବେଶ କରିବା ଫଳରେ ଅନେକ ଧନ ଜୀବନ କ୍ଷୟକ୍ଷତି ହେବାର ଆଶଙ୍କା ସୃଷ୍ଟି ହୋଇଥାଏ । ବିଗତ କିଛି ବର୍ଷ ମଧ୍ୟରେ ଅନେକ ସ୍ଥାନରେ ସମୁଦ୍ର ତଟ କ୍ଷୟ ହେବାର ପରିଲକ୍ଷିତ ହୋଇଥିବା ଦୃଷ୍ଟିରୁ ଏହି ସମସ୍ୟାର ସ୍ଥାୟୀ ପ୍ରତିକାର ନିମନ୍ତେ ରାଜ୍ୟ ସରକାର ଜଳବାୟୁ ପରିବର୍ତ୍ତନ ପ୍ରତିରୋଧକ ସମୁଦ୍ର ତଟ ସୁରକ୍ଷା ଓ ସମୁଦ୍ର ନିକଟସ୍ଥ ଲୁଣିବନ୍ଧ ଗୁଡିକର ସୁଦୃଢ଼ୀକରଣ ପାଇଁ ଯୋଜନା କରିଛନ୍ତି।

## ଭଦ୍ରକରେ ସିଟୁ-କୃଷକ ସଭା-କ୍ଷେତ ମଜଦୁର ସଂଗଠନ ପକ୍ଷରୁ ଆଇନ୍ ଅମାନ୍ୟ ଆନ୍ଦୋଳନ




ଭଦ୍ରକ, ୧୧/୮ (ନି.ପ୍ର): ସମସ୍ତ ଖାଦ୍ୟ ଦ୍ରବ୍ୟ ଉପରୁ ଜିଏସ୍‌ଟି ପ୍ରତ୍ୟାହାର କରିବା, ଅତ୍ୟାବଶ୍ୟକ ସାମଗ୍ରୀର ଦର କମାଇବା, ସରକାରୀ ଏବଂ ରାଷ୍ଟ୍ରାୟତ ଉଦ୍ୟୋଗ ଗୁଡିକରେ ଖାଲି ପଡିଥିବା ପଦବୀ ତୁରନ୍ତ ପୂରଣ କରିବା, ସମସ୍ତଙ୍କ ପାଇଁ ସରକାରୀ ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥାର ଗ୍ୟାରେଣ୍ଟି କରିବା, ସମସ୍ତ ବାସହୀନଙ୍କୁ ଘରଡିହ ପଟ୍ଟା ଓ ବାସଗୃହ ଯୋଗାଇଦେବା, ସବୁ ଫସଲର ଏମ୍‌ଏସ୍‌ପି ପାଇଁ ଆଇନଗତ ବ୍ୟବସ୍ଥା କରିବା, ଶ୍ରମିକ ବିରୋଧୀ ୪ଟି ଶ୍ରମ କୋର୍ଡ ବାତିଲ କରିବା, ସମସ୍ତ ସ୍କିମ୍ ଶ୍ରମିକମାନଙ୍କୁ ନିୟମିତ ଶ୍ରମିକର ମାନ୍ୟତା ଦେବା, ଠିକା ଓ ଆଉଟ୍ ସୋର୍ସିଂ ବ୍ୟବସ୍ଥା ବନ୍ଦ କରି ସ୍ଥାୟୀ ନିଯୁକ୍ତି ଦେବା, ସମସ୍ତ ଚାଷୀ ଓ ଭାଗଚାଷୀମାନଙ୍କୁ ଏକକାଳୀନ ଋଣମୁକ୍ତ କରିବା, ଚାଷୀମାନଙ୍କୁ ରିହାତି ଦରରେ ପର୍ଯ୍ୟାପ୍ତ ସାର ଯୋଗାଇବା, ଭାଗଚାଷୀମାନଙ୍କୁ ଚାଷୀର ମାନ୍ୟତା ଦେବା, ଚାଷୀ ପାଉଥିବା ସମସ୍ତ ସୁବିଧା ଭାଗଚାଷୀମାନଙ୍କୁ ତୁରନ୍ତ ପ୍ରଦାନ କରିବା, ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ମାଧ୍ୟମରେ ବର୍ଷକୁ ୨ଶହ ଦିନର କାମ ଓ ଦୈନିକ ୭ ଶହ ଟଙ୍କା ମଜୁରୀ ପ୍ରଦାନ କରିବା, ସରକାରୀ ସଂପତି ବିକ୍ରି / ଘରୋଇକରଣ ବନ୍ଦ କରିବା, ସମ୍ବିଧାନ ଓ ଗଣତନ୍ତ୍ରର ସୁରକ୍ଷା, ଧର୍ମ ନିରପେକ୍ଷତା ଏବଂ ସାଂପ୍ରଦାୟିକ ସଦ୍‌ଭାବନାର ସୁରକ୍ଷା, ଧର୍ମ ଓ ଜାତି ନାମରେ ବିଦ୍ୱେଷ ସୃଷ୍ଟି କରି ବିଭାଜନକାରୀ ରାଜନୀତି ବନ୍ଦ କରିବା ଆଦି ଦାବୀ ନେଇ ଓଡ଼ିଶା କୃଷକ ସଭା ସିଆଇଟିୟୁ ଓ ଓଡ଼ିଶା କ୍ଷେତ ମଜଦୁର ୟୁନିୟନ୍ ପକ୍ଷରୁ ମିଳିତ ଭାବେ ଭଦ୍ରକ ବନ୍ତଛକ ଠାରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ଓ ଆଇନ୍ ଅମାନ୍ୟ ଆନ୍ଦୋଳନ ସଂଗଠିତ କରାଯାଇଥିଲା। ଏହି ଆଇନ୍ ଅମାନ୍ୟ ଆନ୍ଦୋଳନରେ ୧୦୦ ରୁ ଉର୍ଦ୍ଧ୍ୱ ବାମପନ୍ଥୀ କର୍ମୀ ଆଇନ୍ ଭଂଗ କରି ଗିରଫ ହୋଇଥିଲେ।

## ନୂଆ ବଜାରରେ ବସଷ୍ଟାଣ୍ଡ ରହିବ; ନଗରପାଳ

ଭୁବନ, ୧୧ ଅଗଷ୍ଟ (ହି.ସ.) – ଭୁବନ ଏନ୍‌ଏସି ଅନ୍ତର୍ଗତ ଇଲେକ୍ଟ୍ରି ଅଫିସ ସମ୍ମୁଖ ଭଦଳିଆପଶି ମୌଜାର ଶ୍ମଶାନ ଜମିକୁ ପତିତ କିସମରେ ପରିବର୍ତ୍ତନ କରି ନୂତନ ବସ୍‌ଷ୍ଟାଣ୍ଡ କରାଯିବାକୁ ପ୍ରଶାସନିକ ସ୍ତରରେ ହୋଇଥିବା ନିଷ୍ପତି/ଷଡ଼ଯନ୍ତ୍ରକୁ ନେଇ ନୂଆ ବଜାର ବଣିକସଂଘ ସମେତ ଭୁବନବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା। ବସଷ୍ଟାଣ୍ଡ ସ୍ଥାନାନ୍ତର ଘଟଣା ପ୍ରତିବାଦରେ ଗତକାଲି ଅପରାହ୍ନରେ ନୂଆବଜାରର ସମସ୍ତ ବ୍ୟବସାୟୀ ସେମାନଙ୍କର ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ କରି ଲକ୍ଷ୍ମୀମନ୍ଦିର ସମ୍ମୁଖରେ ବଣିକସଂଘ ସଭାପତି ଦୁଷ୍ମନ୍ତ କୁମାର ପୃଷ୍ଟିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଜରୁରୀ ବୈଠକରେ ଯୋଗଦେଇ ପ୍ରତିବାଦ କରିଥିଲେ। ଏ ସମ୍ପର୍କରେ ଖବର ପାଇ ନଗରପାଳ ଶୁଭେନ୍ଦୁ ସାହୁ ଘଟଣାସ୍ଥଳରେ ପହଂଚି ନୂଆବଜାର ବଣିକସଂଘ ବ୍ୟବସାୟୀମାନଙ୍କୁ ସାନ୍ତ୍ୱନା ଦେଇ କହିଥିଲେ ଯେ, ଦୀର୍ଘ ୫୦ ବର୍ଷହେଲା ନୂଆ ବଜାରରେ ଯେଉଁଭଳି ଭାବେ ବସଷ୍ଟାଣ୍ଡ ରହିଛି ଆଗକୁ ସେହିଭଳି ରହିବ। ନୂଆବଜାରରୁ ବସ୍‌ଷ୍ଟାଣ୍ଡ ଉଠିବ ନାହିଁ, ବସ୍‌ଷ୍ଟାଣ୍ଡ ଏଇଠି ରହିବ। ଭୁବନର କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ଓ ଗାଡ଼ିମୋଟର ସଂଖ୍ୟା ଦୃଷ୍ଟିରୁ ଯାତ୍ରା ପଡ଼ିଆ ଠାରେ ବସ୍ ଟର୍ମିନାଲ ହେବ କିନ୍ତୁ ବସ୍ ଏଇଠି ରହିବ। ନୂଆବଜାରରୁ ହିଁ ଯାତ୍ରୀମାନେ ସେମାନଙ୍କର ଗନ୍ତବ୍ୟ ସ୍ଥାନକୁ ଯିବା ଆସିବା କରିବେ। ନୂଆବଜାରର ଦକ୍ଷିଣ ପାର୍ଶ୍ୱରେ ଥିବା ଏନ୍‌ଏସିର ୫ଟି ଷ୍ଟଲ୍‌କୁ ଭଙ୍ଗା ଯାଇ ବାଳିକା ପ୍ରାଥମିକ ବିଦ୍ୟାଳୟକୁ ନୂଆ ବଜାର ସହିତ ମିଶ୍ରଣ କରାଯିବ। ବାଳିକା ପ୍ରାଥମିକ ବିଦ୍ୟାଳୟ ପରିସରରେ ୨ ମହଲା ଦୋକାନ ଘର କରାଯିବ, ଆପଣମାନେ ହିଁ ସେ ଘର ନେଇ ବ୍ୟବସାୟ କରିବେ ବୋଲି ନଗରପାଳ ଶ୍ରୀ ସାହୁ କହିଥିଲେ। ସୂଚନାଯୋଗ୍ୟ ଯେ, ଗତବର୍ଷ ଆଂଚଳିକ ପରିବହନ ଅଧିକାରୀ ଭଦଳିଆ ପଶି ମୌଜା ଖାତା ନଂ-୪୩୬ ପ୍ଲଟ ନଂ-୩୦୦୧ ୪୪.୩୪ ଡେ. ମି ଶ୍ମଶାନ କିସମ ଉକ୍ତ ଶ୍ମଶାନ ଜାଗାକୁ ପତିତ କିସମରେ ପରିବର୍ତ୍ତନ କରି ୧ ଏକର ଜାଗାରେ ବସଷ୍ଟାଣ୍ଡ ନିର୍ମାଣ କରିବା ସକାଶେ ସ୍ଥାନୀୟ ତହସିଲଦାରଙ୍କୁ ଅବଗତ କରାଇବା ପରେ ତହସିଲଦାର ଗତ ତା ୨୯.୦୪.୨୦୨୧ ରିଖରେ ଚିଠି ନଂ-୧୮୧୨ରେ ଏକ ସର୍ବସାଧାରଣ ନୋଟିସ ଜାରିକରି ଜନସାଧାରଣଙ୍କ ମତାମତ/ଅଭିଯୋଗ ଲୋଡିଥିଲେ।

Printed, Published & Owned by Ramdas Lima, Published from Neheru Nagar 2nd Lane, Po/Dist.Rayagada(Odisha)765001, Printed at-Aditya Graphics, Hotel Kapilash Lane, New Colony, Po/Dist.Rayagada(Odisha). Mob:09438610559, Email: prajabartanews@gmail.com

Editor : Ramdas Lima, All legal matters subject to Rayagada Jurisdiction only

ସମ୍ପାଦକ: ରାମଦାସ ଲିମା